# ଏବ୍ରୀ, ଅଧ୍ୟାୟ ତିନି

ଶୁଭ ସକାଳ, ବନ୍ଧୁଗଣ। ଆଜି ସକାଳେ ଏଠାରେ ପ୍ରଭୁଙ୍କ ସେବାରେ ରହିବା ଏକ ସୌଭାଗ୍ୟର ବିଷୟ ଅଟେ। ଏବଂ ଆମେ ଏକ ମହାନ ସମୟକୁ ଆଶା ଏବଂ ବିଶ୍ୱାସ କରୁଅଛୁ।

2 ମୁଁ ଠିକ ସେଠାରେ ପଛରେ ଥିଲି...ଯାହାକୁ ଆମେ ଦୀକନ୍ ଅଫିସ୍ ବୋଲି କହିଥାଉ, ଯେଉଁଠାରେକି ବର୍ତ୍ତମାନ ରେକର୍ଡରଗୁଡିକ ଅଛି, ଏବଂ ଠିକ ସେଠାରେ ପଛରେ ଇଲିନୋଇସର, ଜୋଲିଏଟ୍ ଠାରୁ, ଆସିଥିବା ଜଣେ ଯୁବା ମହିଳା ଏବଂ ତାଙ୍କ ମାଆ ସହିତ କେବଳ କଥାବାର୍ତ୍ତା କରୁଥିଲି। ଏବଂ ମୁଁ କେବଳ ଚିନ୍ତା କରୁଥିଲି ଯେ ସେହି ଝିଅଟି ପରମେଶ୍ୱରଙ୍କ ଅନୁଗ୍ରହର କି ଏକ ଉତ୍ପାଦ ଅଟେ। ଏଠାରେ ଆଖପାଖରେ ଥିବା ଆମ ଭିତରୁ ଅଧିକାଂଶ ତାଙ୍କୁ ଜାଣନ୍ତି। ସେ ଜଣେ—ଜଣେ ମଦ୍ୟପ ଅଟନ୍ତି, ସବୁଠାରୁ ଖରାପ ପ୍ରକାରର। ଏବଂ ଆଜି ସକାଳ ପର୍ଯ୍ୟନ୍ତ ମୋ ନିକଟରେ ସେହି କାହାଣୀ କଦାପି ସ୍ପଷ୍ଟ ହୋଇ ନ ଥିଲା, ଯେ କିପରି ଯେତେବେଳେ ସେ ମଞ୍ଚରୁ ଚାଲି ଯାଇଥିଲା। ପ୍ରଭୁ ତାହାଙ୍କୁ ପ୍ରକାଶ କରିଥିଲେ ଯାହାସବୁ କିଛି ଭୁଲ୍ ଥିଲା ଏବଂ ଯାହାସବୁ ଘଟିବାକୁ ଯାଉଥିଲା। ଏବଂ ସେ ମଞ୍ଚରୁ ଚାଲି ଯାଇ, କାନ୍ଦୁଥିଲା ଏବଂ ଆନନ୍ଦ କରୁଥିଲା କାରଣ ପରମେଶ୍ୱର ତାଙ୍କୁ ଏକ—ଏକ ମଦ୍ୟପର କବରରୁ ରକ୍ଷା କରିଥିଲେ। ଏବଂ ସେ...ଜଣେ ମହିଳା ତାଙ୍କ ପାଖକୁ ଯାଇ କାନ୍ଦିବାକୁ ଲାଗିଲେ, ଯେ ତାଙ୍କ ଝିଅ, ମୋର ବିଶ୍ୱାସ ଯେ ତାହା ଥିଲେ, ଜଣେ ମଦ ନିଶାରେ ଆସକ୍ତି ଥିଲେ। ଏବଂ ଆପଣ ଜାଣନ୍ତି, ପରମେଶ୍ୱରଙ୍କ କୃପାରୁ, ସେହି ଝିଅକୁ ଡକାଗଲା (ମୁଁ ବିଶ୍ୱାସ କରେ, ଠିକ ପରଦିନ ରାତିରେ, ରୋଜେଲାଙ୍କୁ ଡକାଯାଇଥିଲା କି?), ଏବଂ ସେହି ଝିଅଟି, ସେହି ନିଶା ଆସକ୍ତିରୁ, ସୁସ୍ଥ କରା ଯାଇଥିଲେ। ଏବଂ ସେ ଏବଂ ତାଙ୍କ ସ୍ୱାମୀ ସୁସମାଚାର ପ୍ରଚାର କରୁଛନ୍ତି। ଏବଂ—ଏବଂ—ଏବଂ ରୋଜେଲାଙ୍କ ପରି ଏକ ସୁନ୍ଦର ସାନ ମହିଳାଙ୍କୁ ଦେଖିବାଟା, ଏବଂ ଏତେ ପରିପକ୍ୱ ଭାବରେ! ଏବଂ ବର୍ତ୍ତମାନ ସେ, ଅତି ସମ୍ମାନନୀୟ ଭାବରେ, ସେ ପାଇଅଛି...ନିଜ ହୃଦୟରେ ଏକ ଡାକରା ଅନୁଭବ କରେ। ମାତ୍ର, ମହିଳା ପ୍ରଚାରକମାନଙ୍କ ବିଷୟରେ ବାଇବଲ କଥା ଜାଣି, ଦେଖନ୍ତୁ, ସେ ଜାଣେ ଯେ ଏହା ଅନ୍ୟ କିଛି ଅଟେ। ଏବଂ ପରମେଶ୍ୱର ତାଙ୍କୁ ସାକ୍ଷ୍ୟ ଦିଆ କରାଇବା ପାଇଁ, କାରାଗାର ଏବଂ ଜିନିଷଗୁଡିକ ମଧ୍ୟକୁ କଢାଇ ନେଉଛନ୍ତି।

3 ଏହାକୁ—କୁ—କୁ ଜାଣିବା କେବଳ ଆଶ୍ଚର୍ଯ୍ୟଜନକ ଅଟେ, ଯେ ପରମେଶ୍ୱରଙ୍କ ଇଚ୍ଛାକୁ ଅନ୍ୱେଷଣ କରିବା। ବେଳେ ବେଳେ ଆମର ଏକ ଅନୁଭୁତି ରହିଥାଏ, ମାତ୍ର ଆମେ ସେହି ଅନୁଭୁତିକୁ ଅନ୍ୟ ସ୍ଥାନଗୁଡିକୁ ନେଇଯିବାକୁ ଚାହୁଁ; ଯଦି ଆପଣ ଜଗି ନ ରହିବେ, ତେବେ ଶୟତାନ ସେହି ଅନୁଭୁତିକୁ ନେଇ ଅନ୍ୟ କିଛି ଜିନିଷରେ ବିକୃତ କରି ଦେବ। ମାତ୍ର ଯେପର୍ଯ୍ୟନ୍ତ ଆମେମାନେ ବାଇବଲରେ ରହିଥାଉ, ସେତେବେଳେ ପର୍ଯ୍ୟନ୍ତ ଆମେମାନେ ଠିକ୍ ଅଟୁ,

ଆପଣ ଦେଖନ୍ତୁ, ଆମେମାନେ ପ୍ରଭୁଙ୍କ ଇଚ୍ଛା ସହିତରେ ଠିକ୍ ଗତି କରୁଅଛୁ ।

4 ଏବଂ ତେଣୁକରି ମୁଁ ଏହା ବିଶ୍ୱାସ କରେ ଯେ—ଯେ ରୋଜେଲା ଅବଶେଷରେ କୌଣସି ସ୍ଥାନରେ ମିଶନ୍ କ୍ଷେତ୍ରକୁ ଚାଲିଯିବ, କାରଣ ଆମେରିକା ସୁସମାଚାରକୁ ଚାହେଁ ନାହିଁ ।

ଆପଣ ତାହା ଜାଣନ୍ତି । ଆମେମାନେ କେବଳ ତାହା ସ୍ୱୀକାର କରିପାରିବା, ଯେ, ଏହି ଆଙ୍ଗ୍ଲୋ-ସାକ୍ସନ୍ ଲୋକମାନେ ବିନଷ୍ଟ ଅଟନ୍ତି । ତାହାହିଁ ସବୁ କିଛି ଅଟେ । ଆଉ ଅଧିକ କୌଣସି ସୁସମାଚାର ନାହିଁ ଯାହାକି ଆମେରିକା ଗ୍ରହଣ କରିବ । ଓଃ, ଆପଣ କଦା ଏକଦା, ଅଳ୍ପ କିଛି ପଶ୍ଚାଦଗମନକାରୀଙ୍କୁ ପାଇବେ । କିନ୍ତୁ, ସୁସମାଚାର ଭାବରେ, ଏହା ତ ସମାପ୍ତ ହୋଇ ଯାଇଅଛି । ଏବଂ ଆପଣ ଏପରିକି ସେମାନଙ୍କ ନିକଟରେ ପ୍ରଚାର ସୁଦ୍ଧା କରିପାରନ୍ତି ନାହିଁ, ସେମାନଙ୍କ ସହିତ କଥାବାର୍ତ୍ତା କରିପାରନ୍ତି ନାହିଁ । ସେମାନେ କିଛି ହେଲେ ବିଶ୍ୱାସ କରିବେ ନାହିଁ । ବୁଝିଲେ? ସେମାନଙ୍କ ପାଖରେ କେବଳ ତାଙ୍କର ନିଜର କଠିନ ଚିନ୍ତାଧାରାଗୁଡିକ ଅଛି, ଏବଂ ସେମାନେ ବ୍ୟବସ୍ଥିତ ଅଟନ୍ତି ।

ଏବଂ ଏହି ରାଷ୍ଟ୍ର ପାଇଁ ପରବର୍ତ୍ତୀ ବିଷୟଗୁଡ଼ିକ ଯାହା ଅଛି ତାହା ହେଉଛି ବିଚାର । ସେ ଏହା ମଧ୍ୟ, ପାଇବାକୁ ଯାଉଅଛି । ଏହା ଉଦାସୀନତା ଜରିଆରେ ହୋଇପାରେ । ଏହା ପରମାଣୁ ବୋମା ମାଧ୍ୟମରେ ହୋଇପାରେ । ଏହା ଏକ ବଡ ମହାମାରୀ, ଏକ ରୋଗ କିମ୍ବା ସେହିପରି କିଛି ମାଧ୍ୟମରେ ହୋଇପାରେ, ମାତ୍ର, ସେ ପ୍ରସ୍ତୁତ ଅଟେ । ଏହା ଆସୁଅଛି । ହଜାର ଗୁଣନ ହଜାର ଲୋକମାନେ ପତିତ ହେବେ ।

5 ଆମେମାନେ, ଗତକାଲି, କେଣ୍ଟକିରୁ ତଳକୁ ଆସୁଥିବା ବେଳେ, ଭାଇ ଜାବେଲ ଏବଂ ମୁଁ, ଅତିକ୍ରମ କରୁଥିଲୁ…ଏବଂ ଭାଇ ଉଡ୍, ଯେଉଁଠାରେକି ଆମେମାନେ ତିନି ଦିନ ରହିଥିଲୁ, ଏବଂ ଏକ ଗୃହ ପ୍ରକଳ୍ପ ଅତିକ୍ରମ କରିଥିଲୁ । ଭାଇ ଜାବେଲ କହିଲେ, "ସେଠାରେ ନାହାଁନ୍ତି…" ମୁଁ ଭୁଲିଯାଇଛି । "ସେହି ପ୍ରକଳ୍ପରେ ଥିବା, ଲୋକମାନଙ୍କ ମଧ୍ୟରୁ କେହି ଜଣେ ହେଲେ ସୁଦ୍ଧା, କ୍ୱଚିତ ହିଁ କୌଣସିଟି ମଣ୍ଡଳୀକୁ ଯାଆନ୍ତି ନାହିଁ ।"

6 ଆପଣ ସେମାନଙ୍କୁ ଏ ବିଷୟରେ ପଚାରନ୍ତୁ । "ତେବେ, ଆମ ପାଖରେ ଆମର ଟେଲିଭିଜନ ଅଛି । ସେହିପରି ଭାବରେ ଆମେ ଆରାମ ପାଇଥାଉ ।" ବୁଝିଲେ? ତାହାହିଁ ଆମେରିକୀୟ ମନୋଭାବ ଅଟେ । ବୁଝିଲେ? "ଆମ ପାଖରେ ଟେଲିଭିଜନ ଅଛି । ଆମ ପାଖରେ ପ୍ରଚୁର ଟଙ୍କା ଅଛି । ଆମ ପାଖରେ ଭଲ କାରଗୁଡିକ ଅଛି, ସୁନ୍ଦର ଘରମାନ ଅଛି । ପ୍ରଭୁଙ୍କ ସହିତ ଆମର କଅଣ ପ୍ରୟୋଜନ ଅଛି? ଆମକୁ ତାହା ଦରକାର ନାହିଁ ।" ତାହା ହେଉଛି ସେହି ମନୋଭାବ ।

7 ଏକମାତ୍ର ସେହି ଧର୍ମ ଏବଂ ପରିତ୍ରାଣ ବିଷୟରେ ଯାହା ଆମ ପାଖରେ ଅଛି, ଏବଂ ପ୍ରେମ, ପ୍ରକୃତ ଧାର୍ମିକ ଲୋକମାନଙ୍କ ଗହଣରେ ଅଛି । ଆପଣ ଜାଣନ୍ତି, ବାଇବଲ କୁହେ ଯେ ଏହା ଘଟିବ । [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଉଃ-ହୁଃ । ଆପଣ ବାଇବଲ ପାଠକମାନେ, ମୁଁ ଆପଣମାନଙ୍କୁ "ଆମେନ୍" ଚିତ୍କାର କରୁଥିବାର ଶୁଣିଲି, ଏବଂ ସେଠାରେ

ପଛରେ ଥିବା ଆପଣ ପ୍ରଚାରକ। ତାହା, ତାହା ଠିକ୍ ଅଛି। ଏହି ଶେଷ ଦିନରେ, ପ୍ରେମ ଏତେ ଦୂର ହୋଇଯିବ; ଅଳ୍ପ ମାତ୍ର ପ୍ରେମ ଯାହାକି ସେଠାରେ ବାକି ରହିବ, ତାହା ପରମେଶ୍ୱରଙ୍କ ମନୋନୀତ ଲୋକମାନଙ୍କ ମଧ୍ୟରେ ରହିବ। "ମାତା ବିରୁଦ୍ଧରେ ପିତା, ଏବଂ ପିତା ବିରୁଦ୍ଧରେ ମାତା, ଏବଂ ପିତାମାତା ବିରୁଦ୍ଧରେ ସନ୍ତାନଗଣ, ଏବଂ ପରସ୍ପର ବିରୁଦ୍ଧରେ ଭିନ୍ନ ଭିନ୍ନଜଣ।" ଏବଂ ଯାହା ଅଳ୍ପ କିଛି ପ୍ରେମ ବାକି ରହିବ, ତାହା କେବଳ ସେହି ମନୋନୀତ, କେବଳ ମନୋନୀତ ଲୋକମାନଙ୍କ ମଧ୍ୟରେ ରହିବ। ସେହି ଶବ୍ଦ "ମନୋନୀତ" ସେଠାରେ ସେହି ଶବ୍ଦ "ମନୋନୟନ" ରୁ ଆସିଅଛି, ପରମେଶ୍ୱରଙ୍କ ମନୋନୀତ ଲୋକ।

8 ଏବଂ ଯେତେବେଳେ କିଛି ସମୟ ପୂର୍ବରୁ, ରୋଜେଲା ମୋତେ କୋଠରୀରେ ସେହି କାହାଣୀଟି ଉଦ୍ଧୃତ କରୁଥିଲା, ମୁଁ କେବଳ ଚିନ୍ତା କରୁଥିଲି, ଯେ, ସେଦିନ ରାତିରେ, ସେ କହିଲା ଯେ କିଛି ଗୋଟାଏ ଘଟିଲା। ଏବଂ କିପରି ଯେ, କହିଲା, ତାର ସମସ୍ତ ଜୀବନସାରା, ଯେତେବେଳେକି ସେ ଜଣେ, କେବଳ ଜଣେ ନାଲି ଆଖି ମଦ୍ୟପ ରହି ଆସିଥିଲା, କରିପାରୁ ନ ଥିଲା, କୌଣସି ମଦ୍ୟପ ଅଜ୍ଞାତ ନୁହେଁ, ଚାରିଜଣ ଡାକ୍ତର ତାଙ୍କୁ ଠିକ କରିପାରିବାର ଆଶା ଛାଡ଼ି ଦେଇଥିଲେ, କିଛି କରାଯାଇ ପାରୁ ନ ଥିଲା, ଏବଂ କିପରି, ଠିକ ସେହି ମୁହୂର୍ତ୍ତରୁ, କିଛି ଗୋଟାଏ ଘଟିଥିଲା।

9 ବର୍ତ୍ତମାନ ସେ ସେହିପରି ନାଲି-ଆଖିଆ ନୁହେଁ। ସେ ତେ-ତିରିଶ ବର୍ଷର ଜଣେ ଅତି ପ୍ରିୟ, ସୁନ୍ଦର ଯୁବତୀ ଅଟେ, ଏବଂ ପ୍ରାୟଃ ବାଇ-ଶି ବର୍ଷ ବୟସରେ ମରି ଯାଇଥାଆନ୍ତା; କିପରି ଯେ ପରମେଶ୍ୱର ରୋଜେଲା ପାଇଁ ତାହାସବୁ କଲେ ଯାହାକି ସେ କରିଥିଲେ, ଏବଂ କିପରି ସେ ଭିନ୍ନ ଦେଖା ଯାଉଅଛି। ଏବଂ, ମାତ୍ର ମୁଁ କହିଲି, "ରୋଜେଲା, ଜଗତ ପତ୍ତନାବାଧିରୁ, ପରମେଶ୍ୱର ସେହି ମୁହୂର୍ତ୍ତକୁ ନିଯୁକ୍ତ କରିଥିଲେ।" ହଁ, ଆଜ୍ଞା। ବୁଝିଲେ? ଠିକ୍। ଏବଂ ଯେତେବେଳେ ସାନ ବୟସ୍କ ବିଲି ପଲ୍ ସେଠାରେ, ଯେଉଁଠାରେକି ସେ ଥିଲା, ସେହି ରାତିରେ ଲୋକମାନଙ୍କୁ ପ୍ରାର୍ଥନା କାର୍ଡ ବଣ୍ଟନ କରୁଥିଲା, ସେ ଅତି ଅଳ୍ପ ହିଁ ଜାଣିଥିଲା ଯେ ସେ କାହାକୁ ଏକ ପ୍ରାର୍ଥନା କାର୍ଡ ଦେଉଅଛି।

ରୋଜେଲା, କଅଣ ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି?

[ଭଉଣୀ ରୋଜେଲା ଗ୍ରିଫିଥ୍ କୁହନ୍ତି, "ଭାଇ ବ୍ରାନହମ୍, ମୁଁ ଭାବୁଛି ଯଦି ମଣ୍ଡଳୀ ପ୍ରାର୍ଥନା କରିପାରିବେ କି ଯେପରିକି ପରମେଶ୍ୱର ଆମ ପାଇଁ ମାର୍ଗଦର୍ଶନ କରିବେ, ସେ କିପରି ଶକ୍ତିଶାଳୀ ଥିଲେ।"—ସମ୍ପା।]

ଆମେନ୍। ପ୍ରଭୁ ତୁମକୁ ଆଶୀର୍ବାଦ କରନ୍ତୁ, ରୋଜେଲା। ମୁଁ ନିଶ୍ଚିତ ଯେ ଆମେମାନେ ତାହା କରିବୁ। ସେ ଚାହୁଁଛନ୍ତି ଯେ ମଣ୍ଡଳୀ ପ୍ରାର୍ଥନା କରନ୍ତୁ ଯେପରିକି ପରମେଶ୍ୱର ତାଙ୍କୁ ମାର୍ଗଦର୍ଶନ କରିବେ। ତାହା ହେଉଛି, ତାହାଙ୍କର ଅପରିବର୍ତ୍ତନୀୟ ହାତକୁ ଅନୁସରଣ କରିବା। ଓଃ, ତାହା ଅତ୍ୟଧିକ ଭଲ ଅଟେ।

10 ଆଜି ସକାଳେ, ମୋ ସମ୍ମୁଖରେ ଏକ ଭୟଙ୍କର ପ୍ରସ୍ତାବ ରଖାଯାଇଥିଲା। ଏହା ଏପରି

କିଛି ବିଷୟରେ ଅଟେ, ଜଣେ ବହୁ-ଗୁଣିତ ବହୁ-ଗୁଣିତ କୋଟିପତି ଯିଏକି ଏଠାରେ କେଣ୍ଟକିର, ଲୁଇସ୍‌ଭିଲେଠାରେ ଉତ୍ପାଦନ କରିବାକୁ ଚାହାଁନ୍ତି, ଏବଂ ମୋ ପାଇଁ ପାଞ୍ଚ-ମିଲିୟନ୍-ଡଲାରର ଏକ ଆରାଧନାଳୟ ନିର୍ମାଣ କରିବାକୁ ଚାହାଁନ୍ତି। ମାତ୍ର ଭିତରେ ମୋ ହୃଦୟରେ କିଛି ଗୋଟାଏ କହିଲା, "ଟିକେ ରୁହ, ତୁମେ ଜଣେ ପାଳକ ନୁହଁ।" ବୁଝିଲେ? ତେଣୁକରି, ତେବେ, ପାଞ୍ଚ ମିଲିୟନ ଡଲାର ଟଙ୍କା ଯାହାକି ଆବଣ୍ଟିତ କରା ହୋଇଥାଆନ୍ତା। ତେବେ ସରକାରଙ୍କ ପାଖକୁ ଯିବାକୁ ପଡିଥାଆନ୍ତା, ୱିସ୍କି ମଦ ଏବଂ ସେହିପରି ବିଷୟବସ୍ତୁ ପାଇଁ ମୂଲ୍ୟ ଦେବାକୁ ପଡିଥାଆନ୍ତା, ମାତ୍ର ଏହାକୁ ପ୍ରଭୁଙ୍କ ପାଇଁ ଏକ ଆରାଧନାଳୟ ନିର୍ମାଣ କରିବାରେ ଦେବାକୁ ଚାହାଁନ୍ତି। ମାତ୍ର ମୁଁ ଆଶା କରେ ଯେ ଏହା ପରମେଶ୍ୱରଙ୍କ କୌଣସି ସେବକଙ୍କ ନିକଟକୁ ଯାଏ ଯିଏକି କରିବେ...ଏବଂ ପରମେଶ୍ୱରଙ୍କ ନିମନ୍ତେ କିଛି ସେବା କରିବେ। ମାତ୍ର, ତାହା ବର୍ତ୍ତମାନ ପାଞ୍ଚ ମିଲିୟନ୍ ଡଲାର୍ ଟଙ୍କା ଆବଣ୍ଟନ ହୋଇଅଛି। ସେ ବିଷୟରେ ଚିନ୍ତା କରନ୍ତୁ, ତାହା କେଉଁ ପ୍ରକାର ଏକ ଆରାଧନାଳୟ ତିଆରି କରିଥାଆନ୍ତା।

ରୋଜେଲା, ଦେଖ ଯେ ତାହା କିପରି ଅତି ମନୋହର ଦେଖାଯାଏ? ମାତ୍ର *ଏଠାରେ* ତଳେ କିଛି ଗୋଟାଏ ଅଛି ଯାହାକି ଭିନ୍ନ କହିଥାଏ। ବୁଝିଲେ? ବୁଝିଲେ? *ଏଠାରେ* ତଳେ କିଛି ଗୋଟାଏ।

11 ଆପଣ ଅଜଣା ଲୋକମାନେ, ଆମେ ଏହି ଛୋଟ, ପୁରୁଣା ଆରାଧନାଳୟକୁ ଆସୁ। ତେବେ, ଏଠାରେ ଏହି କୋଣରେ ଏହା ଏକ ସୁନ୍ଦରତମ ସ୍ଥାନ ହୋଇପାରେ, ଆପଣ ତାହା ଅନୁଭବ କରନ୍ତି ନାହିଁ, ଯେ ଲୋକମାନେ ଏହି ସ୍ଥାନକୁ ନିର୍ମାଣ କରିବା ପାଇଁ ଏବଂ ଏହାକୁ ତିଆରି କରିବା ପାଇଁ ଚାହିଁଥିଲେ। କିନ୍ତୁ ଏହିପରି ଭାବରେ ହିଁ ଆମେ ଏହାକୁ ପସନ୍ଦ କରୁ। ଦେଖନ୍ତୁ, ଆମେ ତ ଏହାକୁ ଏହିପରି ଭାବରେ ହିଁ ପସନ୍ଦ କରୁ। ପୁରୁଣା ଆସନଗୁଡିକ ଯେଉଁଠାରେକି ଆମେମାନେ ସେଠାରେ ବସିଥିଲୁ, ତାହା ଏଠାରେ ଆରାଧନାଳୟରେ ଥିବା ସେହି—ସେହି ପୁରୁଣା ମୂଳ ଆସନଗୁଡିକ ହିଁ ଥିଲା, ଯାହାକି ବନ୍ୟାଜଳ ଦେଇ ଉପରେ ଭାସମାନ ହୋଇଥିଲା।

12 ମୋର ବାଇବଲ ପ୍ରଚାର ମଞ୍ଚ ଉପରେ *ସେହିପରି* ଭାବରେ ମେଲା ହୋଇ ରହିଥିଲା। ଏହା ଯାଇ ଛାତ ଉପରେ ଅଟକି ରହିଥିଲା ଏବଂ ତାହା ଉପରେ ଏକ ବାକ୍ୟ ସହିତ ତଳକୁ ଫେରି ଆସିଥିଲା, "ମୁଁ ସଦାପ୍ରଭୁ ଏହାକୁ ରୋପଣ କରିଅଛି। ମୁଁ ଦିବାରାତ୍ର ଏହାକୁ ଜଳସେଚନ କରିବି ଯେପରି କେହି ଏହାକୁ ମୋ ହାତରୁ ଛଡ଼ାଇ ନ ନିଏ।" ଆମେ କିପରି ଏହାର ଉପରେ ଏକ ମୋଟରଚାଳିତ ନାଆ ସହିତ, *ଏଠାରେ* ପହଞ୍ଚିଥିଲୁ। ଏବଂ ସେ ଠିକ୍ ତଳକୁ ଓହ୍ଲାଇ ଆସିଥିଲା, ସେହି ଆସନଗୁଡିକ ଠିକ ତାର ନିଜ ସ୍ଥାନକୁ ଫେରିଯାଇଥିଲା। ସେମାନଙ୍କୁ କେବଳ ଯାହା କରିବାର ଥିଲା ତାହା ହେଉଛି ସେହି ଆସନଗୁଡିକୁ ଘସି ସଫା କରିବା ଏବଂ ବ୍ୟବହାର କରିବା। ବୁଝିଲେ? ବୁଝିଲେ? ତେଣୁକରି ଏହା କେବଳ ଏହିପରି ଭାବରେ ହିଁ ଆମେ ଏହାକୁ ପସନ୍ଦ କରିଥାଉ, ଯେଉଁଠାରେକି ଏହା ଏକ ସାଧାରଣ ଲୋକ, ସାଧାରଣ ସ୍ଥାନ, ଏବଂ ଏକ ଚମତ୍କାର ପ୍ରଭୁ ଅଟନ୍ତି। ଆମେନ୍।

13 ତେବେ, ଆଜି, ଆମ ପାଖରେ କିଛି ଗୋଟାଏ ଅଛି, ଆମେ ଠିକ ବର୍ତ୍ତମାନ ସର୍ବୋତ୍ତମ ବିଷୟ ସେହି ଲହୁଣୀ ନିକଟକୁ ଯିବାକୁ ଆରମ୍ଭ କରୁଅଛୁ, ଆପଣ ଜାଣନ୍ତି, ସେହି—ସେହି କ୍ଷୀର ସବୁ ବାହାର କରି ନେଇଯିବା ପରେ, ଏବଂ କେବଳ ସେହି ଲହୁଣୀ ବାକି ରହିଥାଏ। ଏବଂ ମନେରଖନ୍ତୁ, ଲହୁଣୀ ଉତ୍ପାଦନ କରିବା ପାଇଁ ଏହା କ୍ଷୀରକୁ ଆବଶ୍ୟକ କରେ, ଆପଣ ଜାଣନ୍ତି। ସେହି—ସେହି ଲହୁଣୀ ହେଉଛି କ୍ଷୀରର ବିଷୟବସ୍ତୁ।

14 ତେବେ ଆମେ 1ମ, 2ୟରେ ରହିଆସିଛୁ, ଏବଂ ଆମେ 3ୟରେ ଶେଷ କରୁଅଛୁ, ଏବଂ ଏବ୍ରୀର ଗୌରବମୟ ପୁସ୍ତକର 4ର୍ଥ ଅଧ୍ୟାୟରେ ଆରମ୍ଭ କରୁଅଛୁ। ଏବଂ, ଓଃ ଏହି ପୁସ୍ତକର ଶିକ୍ଷାମାନ! ଆମେ ଏହା ସହିତ, ଗୋଟିଏ ପଦ ଉପରେ, ତିନିମାସ ଧରି ରହିପାରିବା, ଏବଂ ଠିକ ଦେଖାଇପାରିବା ଯେ ସମଗ୍ର ବାଇବଲଟି ବାଇବଲର ପ୍ରତ୍ୟେକ ପଦ ସହିତ ଜଡିତ ଅଟେ। କଅଣ ଆପଣ ତାହା ବିଷୟରେ କେବେ ଭାବିଛନ୍ତି କି? ସେଠାରେ ଏପରି ଗୋଟିଏ ହେଲେ ପଦ ନାହିଁ ଯାହା ଉପରେ ଆପଣ ନିଜର ଆଙ୍ଗୁଠିରେ ରଖିପାରନ୍ତି, ମାତ୍ର କଅଣ, ପବିତ୍ରଆତ୍ମାଙ୍କ ଅନୁଗ୍ରହ ଏବଂ ସାହାଯ୍ୟରେ, ଯେ ଆମେ ଆଦିପୁସ୍ତକରୁ ନେଇ ପ୍ରକାଶିତ ବାକ୍ୟକୁ ଠିକ୍ ଏଥି ସହିତ ମିଶାଇ ନ ପାରୁ।

15 ଅନ୍ୟ କୌଣସି ସ୍ଥାନରେ ଲିଖିତ ସାହିତ୍ୟର ଏପରି ଅଂଶ ନାହିଁ ଯାହାକି ତାହା କରିପାରେ। ଏବଂ ଗାଣିତିକ ଭାବରେ, ଏବଂ ଭୌଗୋଳିକ ଦୃଷ୍ଟିରୁ, ପ୍ରତ୍ୟେକ ଉପାୟରେ, ବାଇବଲରେ କୌଣସି ପୁସ୍ତକ ନାହିଁ ଯାହାକି ବାଇବଲ ପରି ଲେଖା ଯାଇଅଛି…ଜଗତରେ ଏପରି କୌଣସି ଏକ ପୁସ୍ତକ ନାହିଁ, ମୋର କହିବାର ଅର୍ଥ, ଯାହାକି ବାଇବଲ ପରି ଲେଖା ହୋଇଅଛି। କୌଣସିଟି ନାହିଁ। ବାଇବଲର ସଂଖ୍ୟାଗୁଡ଼ିକ ସଂପୂର୍ଣ୍ଣ ଭାବରେ ସାମଞ୍ଜସ୍ୟରେ ଅଟେ; ଏପରିକି ଅଧ୍ୟାୟଗୁଡିକ, ଏବଂ ବିରାମ ଚିହ୍ନଗୁଡିକ, ଏବଂ ସବୁକିଛି, ସିଦ୍ଧ ଅଟେ। ଅନ୍ୟ କୌଣସି ପୁସ୍ତକ ନାହିଁ; ଆପଣ ପଛ ବିଷୟଗୁଡିକ ନିକଟକୁ ନ ଯାଇ ଏଥିରୁ ଗୋଟିଏ ହେଲେ ଅଧ୍ୟାୟ ପାଠ କରିପାରିବେ ନାହିଁ। କିନ୍ତୁ ସମଗ୍ର ବାଇବଲରେ ଗୋଟିଏ ହେଲେ ବିଷୟ ଜଣେ ଅନ୍ୟର ବିରୋଧା-ଭାସୀ ନାହିଁ। ଏବଂ ଏହା ଅନେକ, ଅନେକ, ଅନେକ ଲୋକମାନଙ୍କ ଦ୍ୱାରା ଲେଖା ହୋଇଥିଲା; ଏବଂ ଶହ ଶହ, ଏବଂ ଶହ ଶହ, ଏବଂ ଶହ ଶହ ବର୍ଷର ଅନ୍ତରାଳରେ, ଏହାର ଗୋଟିଏ ଖଣ୍ଡ ସୁଦ୍ଧା ନ ଜାଣି…ଜଣେ ଏହାକୁ *ଏଠାରେ* ଲେଖିଥିଲେ, ଏବଂ ଜଣେ ଏହାକୁ *ଏଠାରେ* ଲେଖିଥିଲେ, ଏବଂ ଜଣେ ଏହାକୁ *ଏଠାରେ* ଲେଖିଥିଲେ। ଯେତେବେଳେ ଏହା ସମସ୍ତଙ୍କୁ ଏକତ୍ରିତ କରାଗଲା, ଏହା ପରମେଶ୍ୱରଙ୍କ ବାଇବଲକୁ ଗଠିତ କଲା। ଏବଂ ଗୋଟିଏ ହେଲେ ବି ଅଂଶ ଅନ୍ୟ କାହାରିର ବିରୋଧ କରେ ନାହିଁ, ଏବଂ, ନା, ଗଣିତ, ଭୌଗୋଳିକ ନୁହେଁ। ବାଇବଲର ଅନ୍ୟ ଯେକୌଣସି ବି ବିଷୟ, ସବୁକିଛି, ସାଂଖ୍ୟିକ, ସବୁକିଛି ସିଦ୍ଧ ଭାବରେ ଏକାଠି ଚାଲିଥାଏ। ତାହା ଅନୁପ୍ରାଣିତ ନୁହେଁ, ମୁଁ ଜାଣେ ନାହିଁ, ଯେ ଆପଣ ପ୍ରେରଣା ବୋଲି କାହାକୁ କହିବେ? ମୁଁ ଏହି ଆଶୀଷିତ, ପୁରାତନ ବାଇବଲ ନିମନ୍ତେ ବହୁତ ଖୁସି ଅଟେ।

16 ସେମାନଙ୍କ ମଧ୍ୟରୁ କେତେକ କହିଲେ, "କଅଣ ଆପଣ ଜଣେ କ୍ୟାଥୋଲିକ୍ ଅଟନ୍ତି କି? ପ୍ରୋଟେଷ୍ଟାଣ୍ଟ?"

ମୁଁ କହିଲି, "ସେଥି ମଧ୍ୟରୁ ଗୋଟିଏ ବି ନୁହେଁ। ମୁଁ ବାଇବଲକୁ ବିଶ୍ୱାସ କରେ।" ତାହା ଠିକ୍। ମୁଁ ବାଇବଲକୁ ବିଶ୍ୱାସ କରେ, ଏବଂ ମୁଁ ଖୁସି ଯେ ଏହି ଦେଶରେ ଆମ ପାଖରେ ଏହାକୁ ପ୍ରଚାର କରିବାର ସ୍ୱାଧୀନତା ଅଛି। ଓଃ, ଏହା ଅଦ୍ଭୁତ ଅଟେ।

17 ତେବେ ଆମେ ଏଥିରୁ ଅଧ୍ୟୟନ କରିବାକୁ ଯାଉଅଛୁ। ଏବଂ ବର୍ତ୍ତମାନ ଆମେ ଏବ୍ରୀ ପୁସ୍ତକ ନିକଟକୁ ଯିବା ଏବଂ ୩ୟ ଅଧ୍ୟାୟରୁ ଆରମ୍ଭ କରିବା। ଏବଂ ଆମେ 15ତମ ପଦରେ ଛାଡି ଥିଲୁ। ଏବଂ ବର୍ତ୍ତମାନ ଆପଣ ସମସ୍ତେ...

18 ମୁଁ ଦେଖିଲି ଯେ କିଛି ସମୟ ପୂର୍ବରୁ, କେହି ଜଣେ ଲକ୍ଷ୍ୟ କରୁଥିଲେ, ଯେତେବେଳେ ମୁଁ ମୋର ପଢିବାର ଚଷମାକୁ ନେଲି। ଏହା ନୁହେଁ ଯେ ମୋର ଆଖିଗୁଡିକ ଖରାପ ଅଛି, ମାତ୍ର ମୁଁ ଚାଳିଶ ବର୍ଷ ବୟସ ଅତିକ୍ରମ କଲି। ମୁଁ ଠିକ *ଏଠା*ରେ, ଏହାକୁ ମାତ୍ର ସାଧାରଣତଃ, ଭାବେ ପଢିପାରେ, କିନ୍ତୁ ମୁଁ ଏହାକୁ ଚଷମା ସହିତରେ ଅଧିକ ଉତ୍ତମ ଭାବେ ପଢ଼ିପାରେ। ଏବଂ ସେମାନେ ମୋ ପାଇଁ ଏକ ହଳ ପଢ଼ିବାର ଚଷମା ତିଆରି କଲେ ଯାହା ମୁଁ ବ୍ୟବହାର କରିବାକୁ ଚାହେଁ, କାରଣ ମୁଁ ଏହାକୁ ଅଧିକ ଉତ୍ତମ ଭାବେ ଏବଂ ଅଧିକ ଶୀଘ୍ର ପଢ଼ିପାରେ। ଏବଂ ତାହା ହିଁ ଅଟେ ଯାହା ପାଇଁ ମୁଁ ସେଗୁଡିକ ନେଇଅଛି। ତେବେ ସେହି...

19 ପ୍ରଥମେ, ଆମେମାନେ ଟିକିଏ ପୃଷ୍ଠଭୂମି ଚାହୁଁ, 'କାରଣ ଆମ ମଧ୍ୟରେ କେତେକ ଅପରିଚିତ ଲୋକମାନେ ଥାଇପାରନ୍ତି, ଯେଉଁମାନେକି ଏବ୍ରୀ ପୁସ୍ତକର ପ୍ରଥମ ଭାଗ ଶୁଣି ନାହାଁନ୍ତି।

20 କଅଣ ଠିକ ଏଠାରେ ଶେଷରେ, ଆପଣ ଶ୍ରୀମତୀ କକ୍ସ ବସିଛନ୍ତି କି? ତେବେ, ମୁଁ ତାଙ୍କୁ ଦେଖି ନିଶ୍ଚିତରେ ଖୁସି ଅଟେ। ଏହା ପୂର୍ବେକି ମୁଁ ଠିକ ଆରମ୍ଭ କରେ, ପରମେଶ୍ୱରଙ୍କ ଅନୁଗ୍ରହର ସାକ୍ଷୀ ଭାବରେ। ଏଠାରେ ଜଣେ ମହିଳା ଥିଲେ ଯାହାଙ୍କରକି ମୁଖ କର୍କଟ ରୋଗରେ ଆକ୍ରାନ୍ତ ଥିଲା। ତାହା ହେଉଛି ଭଉଣୀ ଉଡ଼ଙ୍କର ମାତା। ଆଉ ମୁଁ ଜିନ୍ ଏବଂ ଲିଓଙ୍କ ସହିତ ମିଚିଗାନ୍‌ରେ ଥିଲି, ଏବଂ ସେମାନେ, ରେକର୍ଡିଂ କରୁଥିଲେ। ଏବଂ ଘରକୁ ଯିବା ମାର୍ଗରେ, ପତ୍ନୀ ମୋତେ ଫୋନ୍ ଯୋଗେ ଡାକିଲେ, କିମ୍ବା ମୁଁ ତାଙ୍କୁ ଫୋନ୍ କରିଥିଲି। ମୋ ପତ୍ନୀ କହିଲେ, "ଶ୍ରୀମତୀ ଉଡ଼ଙ୍କର ମାତା, ଶ୍ରୀମତୀ କକ୍ସଙ୍କ ପାଇଁ ତୁରନ୍ତ ପ୍ରାର୍ଥନା କର, କାରଣ ଏକ କର୍କଟ ତାଙ୍କ ମୁହଁକୁ ଖାଇ ଯାଉଅଛି।" ତାହା ଆଖିର ଗୋଟିଏ ପାର୍ଶ୍ୱରେ ଏବଂ ତଳେ ହାଡକୁ ମାଡି ଯାଇଥିଲା, ମୁହଁର ପାର୍ଶ୍ୱରେ ଚାପି ହୋଇ, କେବଳ ବ୍ୟାପି ଯାଉଥିଲା। କୌଣସି ଡାକ୍ତର ଏହା ସହିତ କିଛି ଗୋଟାଏ ଅନ୍ୟ ବିଷୟ କରିଥିଲେ, ଏହାକୁ ଅଧିକ ଖରାପ କରି ଦେଇଥିଲେ, ଏବଂ ଏହାକୁ ଠିକ ଅଧିକେ ବ୍ୟାପ୍ତ କରି ଦେଇଥିଲେ; ସେଥିରେ ଏକ ପ୍ରକାର ଔଷଧ ଲଗାଇ ଦେଇଥିଲେ।

21 ଏବଂ ସେମାନେ ତାଙ୍କୁ ତଳେ କେଣ୍ଟକିର, କ୍ୟାମ୍ପବେଲ୍ସୱିଲେକୁ ଆଣିଥିଲେ, ତାହା

ପର୍ଯ୍ୟନ୍ତ…କିମ୍ବା, ମୁଁ ବିଶ୍ୱାସ କରେ, ଯେ ଆକ୍ରନ୍, କେଣ୍ଟୁକିରୁ, ଚିକିତ୍ସା ପାଇଁ, ଲୁଇସ୍‌ଭିଲେ ପର୍ଯ୍ୟନ୍ତ—ପର୍ଯ୍ୟନ୍ତ ନେଇକରି ଆସିଥିଲେ।

22 ଏବଂ ତେଣୁକରି ଶ୍ରୀମତୀ ଉଡ୍, ପ୍ରଥମ ଥର କେବେ ମୁଁ ତାଙ୍କୁ ଦେଖିଥିଲି ଯେ ସେ ଭାଙ୍ଗି ପଡିଥିଲେ। କାରଣ, ଅବଶ୍ୟ ହଁ, ତାଙ୍କର—ତାଙ୍କର—ତାଙ୍କର ମାଆ ଅଟନ୍ତି, ଏବଂ ନିଶ୍ଚିତ ଭାବରେ ସେ ଭାଙ୍ଗିଯିବା ପରି ଅନୁଭବ କରିବେ। କକ୍ଷ ଭିତରକୁ ଯାଇ ତାଙ୍କ ପାଇଁ ପ୍ରାର୍ଥନା କଲି, ଏହି ଆତ୍ମବିଶ୍ୱାସର ସହିତରେ ଯେ ପରମେଶ୍ୱର କହିଛନ୍ତି ଯେ ସେ ପ୍ରାର୍ଥନାର ଉତ୍ତର ଦେବେ। ଏବଂ କିଛି ଦିନ ଉତ୍ତାରେ, ସେ ବାହାରି ଗଲେ। ଏବଂ ବର୍ତ୍ତମାନ ସେଠାରେ ସେ ବସିଛନ୍ତି। କେବଳ ଆଶ୍ଚର୍ଯ୍ୟଜନକ ଅନୁଗ୍ରହ ସହିତ, କିପରି ଯେ ସେ ତାଙ୍କ ପାଇଁ କରିଛନ୍ତି।

23 କଅଣ ଆପଣ ଛିଡା ହେବେ କି? ମୁଁ ଆପଣଙ୍କୁ ଏକ—ଏକ—ଏକ ସାର୍ବଜନୀନ କରିବାକୁ ଚାହୁଁ ନାହିଁ…କେଉଁଠାରେ, ସେହି କର୍କଟ କେଉଁଠାରେ ଥିଲା? ସେହି ମୁହଁର ପାର୍ଶ୍ୱରେ—ରେ, ଦେଖନ୍ତୁ ସେଠାରେ, ତାଙ୍କ ମୁହଁର *ସେହି* ପାର୍ଶ୍ୱରେ, ତଳେ *ଏଠାରେ* ଆଖପାଖରେ, ତାଙ୍କ ଆଖିର ଚାରିପାଖରେ, ଗାଲର ହାଡ ପର୍ଯ୍ୟନ୍ତ। ଏବଂ ପରମେଶ୍ୱର ତାହାଙ୍କୁ ସୁସ୍ଥ କରିଛନ୍ତି। କଅଣ ସେ ଆଶ୍ଚର୍ଯ୍ୟଜନକ ନୁହଁନ୍ତି କି?

24 ଗତ ରବିବାର ଦିନରେ ଏଠାରେ କେତେଜଣ ତାହା ଦେଖିବା ପାଇଁ ଥିଲେ ଯାହା ପ୍ରଭୁ ଏକ ଦର୍ଶନ ଦ୍ୱାରା କରିଥିଲେ? ମଣିଷ, ଉଭୟ ପଙ୍ଗୁ ଏବଂ ଅନ୍ଧ, ଠିକ ଏଠାରେ ଏକ ଚକଲଗା ଚୌକିରେ ବସିଥିଲେ। ଏବଂ କିଛି ଗୋଟାଏ ମୋତେ ଆଘାତ କଲା ଯେତେବେଳେ ସେଠାରେ ବସିଥିବା ସେହି ବୃଦ୍ଧ ଜଣକ ମୋତେ କହିଲେ, "ଭାଇ ବ୍ରାନହାମ୍…" ମୋର ବିଶ୍ୱାସ ଯେ ଠିକ ଏଠାରେ ଏହା ସେହି ଭାଇ ଥିଲେ। କହିଲେ, "ମୋ ସ୍ତ୍ରୀ ପାଇଁ ମଧ୍ୟ ସେହି ସମାନ ବିଷୟ କରନ୍ତୁ।" ତାଙ୍କର ଏଠାରେ ପତ୍ନୀ ଥିଲେ ଯିଏକି ଅପଙ୍ଗ ଥିଲେ। ମୋର ହୃଦୟ ତରଳି ଗଲା। ମୁଁ ଇଚ୍ଛା କରେ…ଯଦି ମୁଁ ପାରେ ତେବେ ମୁଁ ଜଗତରେ ଯେକୌଣସି ବିଷୟ ଦେଇ ଦେବି, ମାତ୍ର ତାହା ନାହିଁ…ମୋ ଶକ୍ତି ଅଧୀନରେ ନାହିଁ। କିନ୍ତୁ ଏହା ମୋର ଶକ୍ତି ଏବଂ ଆପଣଙ୍କର ଶକ୍ତି ଉପରେ ନିର୍ଭର କରେ, ଯେ ଆମେମାନେ ପ୍ରାର୍ଥନା କରୁ ଯେ ପରମେଶ୍ୱର ତାହା କରିବେ। ତାଙ୍କର ଏକ ଅପଙ୍ଗ ପତ୍ନୀ ଥିଲେ, ଯାହାକି ଏପରି ଦେଖା ଯାଉଥିଲା, ଯାହାଙ୍କରକି ପକ୍ଷାଘାତ ହାତ, ଏକ ପକ୍ଷାଘାତ ପାଦ ଥିଲା। ଏବଂ ଏହି ବ୍ୟକ୍ତିଜଣକ ସେହି ସ୍ତ୍ରୀଲୋକ ଅପେକ୍ଷା ବହୁତ ଖରାପ ଅବସ୍ଥାରେ ଥିଲେ, କାରଣ ସେହି ସ୍ତ୍ରୀଲୋକ ତ ଛିଡା ହୋଇ ଅଳ୍ପ ଟିକିଏ ଚାଲି ପାରୁଥିଲେ, ମାତ୍ର ଏହି ବ୍ୟକ୍ତି ତ ଏପରିକି ତାହା ସୁଦ୍ଧା କରି ପାରୁ ନ ଥିଲେ। ଏବଂ ସେ…ସେହି ମସ୍ତିଷ୍କ, ମୁଖ୍ୟ ସନ୍ତୁଳନ ସ୍ନାୟୁଟି ଦୁର୍ବଳ ହୋଇ ଯାଇଥିଲା। ମାୟୋସ୍', ଅନ୍ୟମାନେ ସମସ୍ତେ, ତାଙ୍କ ନିମନ୍ତେ ଆଶା ଛାଡି ଦେଇଥିଲେ। ଏବଂ ଜଣେ କ୍ୟାଥୋଲିକ୍ ତାଙ୍କୁ ଏଠାକୁ ପଠାଇଥିଲେ, ଜଣେ କ୍ୟାଥୋଲିକ୍ ଡାକ୍ତର; ଏବଂ ତାଙ୍କ ପୁଅ ଇଣ୍ଡିୟାନାର, ଜାସପର୍ ସ୍ଥିତ ତଳେ ସେଣ୍ଟ ମେନ୍ରାଡଠାରେ ଏକ ପୁରୋହିତ ଅଟନ୍ତି। ମାତ୍ର ତାହା ତ ସେଠାରେ ତଳେ, ସେହି ଉଦ୍ଦୀପନା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅଟେ।

25 ଏବଂ ଯେତେବେଳେ ସେ ଉଠିଲେ, ସେ କହିଲେ, "ମାତ୍ର ମୁଁ କରିପାରେ ନାହିଁ…" ସେ ଦେଖିଲେ, କହିଲେ, "ହଁ ମୁଁ ପାରେ।" ସେ ଭାବିଲେ ଯେ ସେ ଦେଖିପାରିବେ ନାହିଁ, ଆପଣ ଜାଣନ୍ତି। ଏବଂ ସେ ଉପରକୁ ଅନାଇଲେ, ଆଉ ଠିକ ସେତେବେଳେ ତାଙ୍କର ମୁଣ୍ଡକୁ ଠିକ ଉପରକୁ ଉଠାଇଲେ, ଏବଂ ସେଠାରେ ସେ ଚାଲି ପାରୁଥିଲେ ଏବଂ ଦେଖି ପାରୁଥିଲେ; ନିଜେ ନିଜେ, ସେହି ଗଳି ପଥ ଦେଇ ଚାଲିଥିଲେ। ଏବଂ ସେମାନେ ପ୍ରେସ୍‌ବିଟେରିଆନ୍ ଥିଲେ। ସେ ମୌଳିକବାଦୀ ଥିଲେ। ଏବଂ କଥା ହୋଇଥିଲେ…ଆପଣ ଭାବୁଛନ୍ତି ଯେ କେବଳ ପେଣ୍ଟିକଷ୍ଟାଲ୍ କିମ୍ବା ହୋଲିନେସ୍ ଲୋକମାନେ ଉଚ୍ଚ ପାଟିରେ ଚିତ୍କାର କରିପାରନ୍ତି; ଆପଣ ଭୁଲ୍ ଅଟନ୍ତି। ସେମାନେ ନିଶ୍ଚିତ ଭାବରେ କିଛି ପାଟିତୁଣ୍ଡ କରି ପାରନ୍ତି ଯେତେବେଳେ ସେମାନେ ସେହିପରି କିଛି ଘଟୁଥିବାର ଦେଖନ୍ତି; ପରସ୍ପରକୁ ଆଲିଙ୍ଗନ କରନ୍ତି ଏବଂ ପାଟିତୁଣ୍ଡ କରନ୍ତି। ତାଙ୍କ ଚକଲଗା ଚୌକିକୁ ଠେଲି ଦେଇ, ସେହି ପାହାଚରୁ ଠିକ୍ ତଳକୁ ଓହ୍ଲାଇ ଆସିଲେ; ତାଙ୍କ ମୁଣ୍ଡର ସନ୍ତୁଳନ ସ୍ନାୟୁ ଠିକ ଥିବା ସହ, ଚାଲି ଆସିଥିଲେ। ଏହା ବିଷୟରେ ଚିନ୍ତା କରନ୍ତୁ। ଏପରି ଚାଲି ଆସିଥିଲେ ଯେପରିକି ଆପଣ କିମ୍ବା ମୁଁ ଚାଲି ଆସିଥାଉ। ଓଃ, ସେ ଅଦ୍ଭୁତ ଅଟନ୍ତି।

26 ତେବେ, ପାଉଲ ଏବ୍ରୀ ପୁସ୍ତକ ଲେଖିଥିଲେ। ଏବଂ ଏବ୍ରୀର ଏହି ଲେଖାରେ, ସେ ଏହାକୁ ଲେଖିଥିଲେ। ଏବଂ ସେ ଏହି ପୁସ୍ତକଗୁଡ଼ିକ ଲେଖିବା ପୂର୍ବରୁ, ଆମେମାନେ ପାଉ… ତେବେ, ଆମେମାନେ ଯାଉଅଛୁ…ଏହା ଏକ ରବିବାର ଶ୍ରେଣୀର ଶିକ୍ଷା ଅଟେ, ଏବଂ ମୁଁ ଲକ୍ଷ୍ୟ କରିବାକୁ ଚେଷ୍ଟା କରିବି ଏବଂ ଅଧିକ ସମୟ ନେବି ନାହିଁ। ଏବଂ ତାହାପରେ ଆମର ସେବା ହେବାକୁ ଯାଉଅଛୁ, ପ୍ରଭୁ ଇଚ୍ଛା କଲେ, ଆଜି ରାତି ପର୍ଯ୍ୟନ୍ତ ସେଗୁଡିକୁ ଜାରି ରହିବ। ତେବେ, ଏବ୍ରୀ ପୁସ୍ତକରେ ଏବଂ ପାଉଲଙ୍କ ବାକି ପତ୍ରଗୁଡ଼ିକରେ…

27 ପାଉଲ କିଏ ଥିଲେ? ସେ ଜଣେ ଦୃଢ ଏବ୍ରୀ, ଜଣେ ପଣ୍ଡିତ, ଏବଂ ପୁରାତନ ନିୟମର ଜଣେ ମହାନ ଶିକ୍ଷକ ଥିଲେ। ଏବଂ ତାଙ୍କ ସମୟର ଜଣେ ସର୍ବଶ୍ରେଷ୍ଠ ବ୍ୟକ୍ତି ଦ୍ୱାରା ସେ ଶିକ୍ଷାଲାଭ କରିଥିଲେ। କେହି ଜଣେ ମୋତେ ତାଙ୍କ ନାମ କଅଣ କୁହନ୍ତୁ। ଗମଲିୟେଲ, ତାଙ୍କ ସମୟର ଶ୍ରେଷ୍ଠତମ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଥିଲେ। ଏବଂ ପାଉଲ ଗମଲିୟେଲଙ୍କ ପାଦତଳେ ବସିଥିଲେ।

28 ତାହା ବିଷୟରେ କିଛି ଗୋଟାଏ ଅଛି…ଯେ ଆପଣ କେଉଁଠାକୁ ଯାଆନ୍ତି, ଆପଣ କେଉଁ ମଣ୍ଡଳୀକୁ ଯାଆନ୍ତି, ଏବଂ କେଉଁ ଶିକ୍ଷକ ଆପଣଙ୍କୁ ଶିକ୍ଷା ଦିଅନ୍ତି। କଅଣ ଆପଣ ତାହା ଜାଣିଛନ୍ତି କି? ଏହା—ଏହ ସହିତରେ କିଛି ଗୋଟାଏ ବିଷୟ ସମ୍ବନ୍ଧିତ ଅଛି। ତେଣୁକରି ଆମେମାନେ ସବୁଠୁ ଉତ୍ତମ ବିଷୟ ଅନ୍ୱେଷଣ କରିବା ଉଚିତ ଯାହା ଆମେମାନେ ପାଇପାରୁ, ଅତଏବ ଆମେମାନେ ସର୍ବୋତ୍ତମ ବିଷୟ ପାଉଅଛୁ; ଏଇଥି ପାଇଁ ନୁହେଁ ଯେ ତାହା ସମାଜିକ ବ୍ୟବହାର ଯୋଗ୍ୟ ଏବଂ ପ୍ରଭୃତି ସବୁ ଅଟେ, ମାତ୍ର ପ୍ରକୃତ ବାଇବଲ ଶିକ୍ଷା ଅଟେ।

29 ଦେଖନ୍ତୁ, ଥରେ ଇସ୍ରାଏଲ ଯେତେବେଳେ ନିଜର ସୈନ୍ୟବାହିନୀ ସହିତ ପ୍ରାନ୍ତରକୁ

ବାହାରି ଯାଇଥିଲେ, ଏବଂ ସେମାନଙ୍କ ପାଖରେ ସାତ-ଦିନର ଏକ ଦିଗସୂଚକ ଯନ୍ତ୍ର ଥିଲା, ଏବଂ ସେମାନେ ଜଳବିହୀନ ହୋଇ ଯାଇଥିଲେ । ଏବଂ ସେମାନେ ବିନଷ୍ଟ ହେବା ଉପରେ ଥିଲେ, ସେମାନେ କହିଲେ, "ଓଃ, ଯଦି ନିକଟରେ ଜଣେ ଭବିଷ୍ୟଦ୍‌ବକ୍ତା ଥାଆନ୍ତେ କି!"

30 ଏବଂ ସେମାନଙ୍କ ମଧ୍ୟରୁ ଜଣେ କହିଲା, "ଆମ ପାଖରେ ଏଠାରେ ତଳେ, ଇଲୀଶାୟ ଅଛନ୍ତି । ସେ ଏଲିୟଙ୍କ ହାତରେ ଜଳ ଢାଳିଥିଲେ ।" ତାଙ୍କର ସହଯୋଗୀମାନଙ୍କୁ ଦେଖନ୍ତୁ? ଅନ୍ୟ ଶବ୍ଦରେ କହିବାକୁ ଗଲେ, "ଏଠାରେ ଇଲୀଶାୟ ଅଛନ୍ତି, ଯାହାଙ୍କରକି ଏଲିୟଙ୍କ ସହିତ ସହଯୋଗ ରହିଥିଲା । ପ୍ରଭୁଙ୍କ ବାକ୍ୟ ଠିକ ତାହାଙ୍କ ସହିତରେ ଅଛି ।" କଅଣ ଆପଣ ଏହା ବୁଝିଲେ କି? ତାଙ୍କୁ ଠିକ୍ ଶିକ୍ଷା ଦିଆଯାଇଥିଲା । ଏବଂ ସେ କହିଲା, "ସେ ଏଠାରେ ଅଛନ୍ତି । ଆସନ୍ତୁ ତଳକୁ ଯାଇ ତାଙ୍କ ସହିତ ପରାମର୍ଶ କରିବା, କାରଣ ତାଙ୍କ ଗୁରୁ ଏଲିୟ ଥିଲେ, ଏବଂ ସେ ତାଙ୍କ ମଧ୍ୟରେ ଏଲିୟଙ୍କ ଶିକ୍ଷା ପାଇଛନ୍ତି ।" ଦେଖନ୍ତୁ ଯେ ଏହା କଅଣ ପାର୍ଥକ୍ୟ ଆଣି ଦିଏ? ନିଶ୍ଚିତରେ । ଆମକୁ ଶିଖାଯାଉ ବୋଲି ଚାହୁଁ ।

31 ତେଣୁ, ପାଉଲଙ୍କଠାରେ ଗମଲିୟେଲଙ୍କ ଶିକ୍ଷା ରହିଥିଲା । ଏବଂ ଗମଲିୟେଲ୍ ସେହି ମହାନ ବ୍ୟକ୍ତି ଥିଲେ ଯିଏକି ସେହି ମନୋନୟନ କରିଥିଲେ, ନିଜେ ଜଣେ ପଣ୍ଡିତ ହୋଇଥିବା ହେତୁରୁ, ଯେତେବେଳେକି ସେହି ଆରମ୍ଭିକ ମଣ୍ଡଳୀରେ ଏହି ସମସ୍ତ ହୋ ହାଲ୍ଲା ଗଣ୍ଡଗୋଳ ଚାଲିଥିଲା, ସେ କହିଥିଲେ, "ଭାଇମାନେ, ତେବେ ଆମେମାନେ ତାହା ଉପରେ ନିଜର ହାତ ନ ଦେଉ । ଯଦି ଏହା ପରମେଶ୍ୱରଙ୍କର ହୋଇ ନ ଥିବ, ତେବେ ଯେକୌଣସି ପ୍ରକାରେ ହେଲେ, ଏହା କ୍ଷାନ୍ତ ହୋଇଯିବ । କିନ୍ତୁ ଯଦି ଏହା ପରମେଶ୍ୱରଙ୍କ ହୋଇଥିବ, ଏବଂ ଆମେ ଏହା ବିରୁଦ୍ଧରେ ଲଢୁଥିବା, ତାହାହେଲେ ଆମେମାନେ ନିଜକୁ ପରମେଶ୍ୱରଙ୍କ ବିରୁଦ୍ଧରେ ଲଢୁଥିବାର ପାଇବା ।" ଦେଖନ୍ତୁ, ତାଙ୍କ ପାଖରେ କିଛି ଉତ୍ତମ ଶିକ୍ଷା ଥିଲା ।

32 ପାଉଲ ଏହି ବ୍ୟକ୍ତିଙ୍କ ଅଧୀନରେ ଶିକ୍ଷାଲାଭ କରିଥିଲେ, ଏବଂ ସେ ଜାଣିଥିଲେ ଯେ ପାଉଲ ଜଣେ ମହାନ ଶିକ୍ଷକ ଅଟନ୍ତି । ତେଣୁ, ଦିନେ, ହୃଦୟରେ ସଚ୍ଚୋଟ ରହି, ମଣ୍ଡଳୀକୁ ତାଡ଼ନା କରିଥିଲେ, ଏବଂ ସେମାନଙ୍କୁ ଗିରଫ କରିବା ନିମନ୍ତେ ତଳକୁ ଯାଇଥିଲେ ।

33 ତେବେ ଆସନ୍ତୁ ପାଉଲଙ୍କଠାରୁ ଆଉ ଏକ ଛୋଟ ପ୍ରସଙ୍ଗକୁ ନେବା, ଯେତେବେଳେ ଆମେ ଆମର ପୃଷ୍ଠଭୂମିକୁ ପ୍ରସ୍ତୁତ କରୁ ।

34 ଯେତେବେଳେ ଯିହୂଦା, ଧର୍ମ ଉଲ୍ଲଂଘନ ଦ୍ୱାରା, ଧନର ଲୋଭ ଏବଂ ଜୀବନର ଗର୍ବ ଦ୍ୱାରା, ସେ ଅନୁଗ୍ରହରୁ ପତିତ ହେଲା ଏବଂ ନିଜ ସ୍ଥାନକୁ ଚାଲିଗଲା । ଏବଂ ଶିଷ୍ୟମାନେ କହିଲେ, "ସେଠାରେ ବାରଜଣ ରହିବା ଜରୁରୀ ।" ଏବଂ ମଣ୍ଡଳୀ, ଏହାର ସମସ୍ତ ମର୍ଯ୍ୟାଦା ସହିତ, ଏହା ଦେଖାଇବା ପାଇଁ ଯେ ମଣ୍ଡଳୀ କଅଣ ଅଟେ; ଏହାର ସମସ୍ତ ମର୍ଯ୍ୟାଦା ଏବଂ ଏହାର ସମସ୍ତ ଶକ୍ତି ସହିତରେ, ଏହା ତଥାପି ସୁଦ୍ଧା ତାର ସର୍ବୋତ୍ତମ ଅବସ୍ଥାରୁ, ଲକ୍ଷ ଲକ୍ଷ ମାଇଲ୍ ଦୂର ଅଟେ । ସେମାନେ କହିଲେ, "ଆମକୁ ଆମମାନଙ୍କ ମଧ୍ୟରୁ, ଜଣକାକୁ ଖୋଜିବାକୁ ପଡିବ, ଯିଏକି ସେହି ସ୍ଥାନକୁ ଗ୍ରହଣ କରିବେ ।" ଏବଂ ସେମାନେ, ଗୁଳିବାଣ୍ଟ

ଦ୍ୱାରା, ମଥିୟଙ୍କୁ ବାଛିଲେ । ମଥିୟ, ମୁଁ ବିଶ୍ୱାସ କରେ, କିମ୍ବା ମଥିୟ । ମଥିୟ, ମୁଁ ବିଶ୍ୱାସ କରେ ଯେ ଏହା ତାହା ଅଟେ । ଏବଂ ଯେତେବେଳେ ସେମାନେ ତାଙ୍କୁ ବାଛିଲେ ଏବଂ ତାଙ୍କୁ ବାରଜଣଙ୍କ ସହିତ ରଖିଲେ, ଏକାଦଶ ସହିତ, ଯାହାକି ସେମାନଙ୍କୁ ବାର ସଂଖ୍ୟା କଲା, ସେ ଗୋଟିଏ ହେଲେ କାମ କଲେ ନାହିଁ । ତାହାହିଁ ଏକମାତ୍ର ସମୟ ଅଟେ ଯେ ତାଙ୍କ ନାମ କେବେବି ଶାସ୍ତ୍ରରେ ଉଲ୍ଲେଖ କରାଯାଇଅଛି । ତାହା ତ ମଣ୍ଡଳୀ ନିଜର ପସନ୍ଦକୁ ବାଛିଥିଲା ।

35 ତେବେ, ସେମାନେ ଭାବିଲେ, "ସେ ତ ଜଣେ ଭଦ୍ର ବ୍ୟକ୍ତି ଅଟନ୍ତି ।" ନିଃସନ୍ଦେହ । "ସେ ଜଣେ ଚମତ୍କୃତ ବ୍ୟକ୍ତି ଅଟନ୍ତି । ସେ ଜଣେ ପଣ୍ଡିତ ଅଟନ୍ତି । ସେ ପ୍ରଖର ବୁଦ୍ଧିବିଶିଷ୍ଟ ଅଟନ୍ତି । ସେ ଶିକ୍ଷିତ ଅଟନ୍ତି । ସେ ଜଣେ ଅଦ୍ଭୁତ ବ୍ୟକ୍ତି ଅଟନ୍ତି । ସେ ଯିହୁଦାର ସ୍ଥାନକୁ ଗ୍ରହଣ କରି ଆମମାନଙ୍କ ମଧ୍ୟରୁ ଜଣେ ହୋଇଯିବେ ।"

36 ମାତ୍ର, ଆପଣମାନେ ଜାଣନ୍ତି, ପରମେଶ୍ୱର ବେଳେବେଳେ କେତେକ କିଛି… ଆମମାନଙ୍କ ମତରେ, କେତେକ ମୂର୍ଖ ପସନ୍ଦମାନ କରନ୍ତି । ତେବେ, ପରମେଶ୍ୱର ଜଣେ ସାନ ବଙ୍କା-ନାକିଆ ଯିହୁଦୀକୁ ଦେଖିଲେ, ଯିଏକି ଏତେ ଅଧିକ କ୍ରୋଧରେ ପରିପୂର୍ଣ୍ଣ ଥିଲେ ଯେତିକି ସେ ହୋଇପାରନ୍ତି, ପୁଣି ତାଙ୍କ ପାଟି ଗୋଟିଏ ପାର୍ଶ୍ୱକୁ ଥିବା ଭଳି ରହିଥିଲା, "ମୁଁ ତଳକୁ ଯିବି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଗିରଫ କରିବି । ମୁଁ—ମୁଁ ସେମାନଙ୍କୁ କାରାଗାରରେ ନିକ୍ଷେପ କରିବି । ମୁଁ *ଏହା* କରିବି ।" ତାହା ପରମେଶ୍ୱରଙ୍କ ପସନ୍ଦ ଥିଲା ।

ବାକିମାନେ ସମସ୍ତେ ଜଣେ ପଣ୍ଡିତ ଏବଂ ଜଣେ କୂଟନୀତିଜ୍ଞଙ୍କୁ ନେଇଥିଲେ । ତାହା ମଣ୍ଡଳୀର ପସନ୍ଦ ଥିଲା ।

37 ଦେଖନ୍ତୁ, ଆପଣ ଜାଣି ନାହାଁନ୍ତି ଯେ ଯଜ୍ଞବେଦୀରେ ତାହା କିଏ ଅଟେ । ଆପଣ ଜାଣି ନାହାଁନ୍ତି ଯେ ସେ କିଏ ଅଟେ ଯାହାକୁ ଆପଣ କାରଗାରରେ କିମ୍ବା ଯେଉଁଠାରେ ବି, ସାକ୍ଷ୍ୟ ଦେଉଅଛନ୍ତି । ଏହା ଏକ ମୁଷ୍ଟିଯୋଦ୍ଧା ପରି ଦେଖାଯାଉ ଥାଇପାରେ, ତାଙ୍କ କାନ ଭାଙ୍ଗି ଯାଇଥିବା ପରି, ଆଖି ଶୁଖି ଚର୍ମ ହୋଇ ଯାଇ ଥାଇପାରେ, ଏବଂ, ଆପଣ ଜାଣନ୍ତି ନାହିଁ ଯେ ସେ କିଏ ଅଟେ । ଆପଣ କେବଳ ନିଜର ଅଂଶକୁ ଦାନ କରନ୍ତୁ, ତାହା ହିଁ ସବୁକିଛି, ତାକୁ ବାକ୍ୟ ପ୍ରଦାନ କରି ଦିଅନ୍ତୁ । ପରମେଶ୍ୱର ସେହି ପସନ୍ଦକୁ ଗ୍ରହଣ କରିବେ ।

38 ଏବଂ ପରମେଶ୍ୱର ଏହି ସାନ ଉଚ୍ଚ-କ୍ରୋଧୀ ସ୍ୱଭାବର ଯିହୁଦୀକୁ ବାଛିଥିଲେ, କିମ୍ବା ତାଙ୍କୁ ପସନ୍ଦ କରିଥିଲେ, ବରଂ । ତାଙ୍କ ଯିବାର ମାର୍ଗରେ ତଳେ, "ମୁଁ ତଳକୁ ଯାଇ ସେମାନଙ୍କୁ ଗିରଫ କରି ପକାଇବି । ମୁଁ—ମୁଁ ସେମାନଙ୍କୁ ଦେଖାଇବି ଯେ ମୁଁ ସେହିପରି ଭାବରେ କଅଣ କରିପାରେ," ଏବଂ ପରମେଶ୍ୱର ତାହାଙ୍କୁ ଆଘାତ କରିଥିଲେ ।

ପରମେଶ୍ୱର କହିଲେ, "ତାହା ଠିକ୍ ସେଠାରେ, ମୋର ପସନ୍ଦ ଅଟେ ।"

39 କଅଣ ତାହା ମଣ୍ଡଳୀ ପ୍ରତି, ମୂର୍ଖତା ହେବ ନାହିଁ କି? "କାହିଁକି, ସେ ତ ମଣ୍ଡଳୀକୁ ତାଡ଼ନା କରନ୍ତି । ସେ ତ ଜଣେ ଶାରୀରିକ ବ୍ୟକ୍ତି ଅଟନ୍ତି ।" କିନ୍ତୁ ପରମେଶ୍ୱର ଜାଣିଥିଲେ ଯେ ସେହି ମନୁଷ୍ୟର ଭିତରେ କଅଣ ଅଛି । ଦେଖନ୍ତୁ ମୋର କହିବାର ଅର୍ଥ କଅଣ?

40 ତେଣୁ, ପାଉଲଙ୍କର ଏକ ଅନୁଭୂତି ରହିଥିଲା । କେତେ ଜଣ ବିଶ୍ୱାସ କରନ୍ତି ଯେ ଅନୁଭୂତି ପରିବର୍ତ୍ତନ ଦ୍ୱାରା ଆସିଥାଏ? ନିଶ୍ଚିତରେ । ଯଦି ତାହା ହୋଇ ନାହିଁ, ତାହାହେଲେ ମୁଁ ସେହି ପରିବର୍ତ୍ତନକୁ ସନ୍ଦେହ କରିବି । ଗୋଟିଏ ପରିବର୍ତ୍ତନ ସେହି ଅନୁଭୂତିକୁ ନେଇ ଆସିଥାଏ । ଏବଂ ଆପଣ ଏହାକୁ ବର୍ତ୍ତମାନ ଅନ୍ୟ କୌଣସି ବିଷୟ ଉପରେ ଦାୟୀ କରିପାରନ୍ତି ନାହିଁ । ବେଳେବେଳେ ଏହା ଚିତ୍କାର କରିବା ହୋଇପାରେ । ବେଳେବେଳେ ଏହା ପରଭାଷାରେ କଥା କହିବା ହୋଇପାରେ । ବେଳେବେଳେ ଏହା କାନ୍ଦିବା ହୋଇପାରେ । ବେଳେବେଳେ ଏହା ଆର୍ତ୍ତନାଦ କରିବା ହୋଇପାରେ । ଆପଣ ଜାଣି ନାହାଁନ୍ତି ଯେ ଏହା କଅଣ ଅଟେ, ତେଣୁ ଏହାକୁ ଦାୟୀ କରିବାକୁ ଚେଷ୍ଟା କରନ୍ତୁ ନାହିଁ । କାରଣ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଏଥିରେ ଭୁଲ ବୋଲି ପ୍ରମାଣିତ ହୋଇଅଛନ୍ତି, ଆପଣ ମେଥୋଡିଷ୍ଟ, ଏବଂ ଆପଣ ବାପ୍‌ଟିଷ୍ଟ, ଏବଂ ଆପଣ ନାଜରିନ, ଏବଂ ପେଣ୍ଟିକିଷ୍ଟାଲମାନେ ।

41 ମୁଁ ଲୋକମାନଙ୍କୁ ଦେଖିଅଛି ଯେ ସେମାନେ ଯଥା ସମ୍ଭବ ଯେତିକି ପାରନ୍ତି ସେତିକି ଉଚ୍ଚ ପାଟିରେ ଚିତ୍କାର କରନ୍ତି, ଏବଂ ଯଦି ସେମାନେ ପାରିବେ, ଆପଣଙ୍କ ଦାନ୍ତରୁ ସୁଦ୍ଧା ସୁନା ଚୋରି କରି ନେଇଯିବେ । ହଁ, ଆଜ୍ଞା । ମୁଁ ଲୋକମାନଙ୍କୁ ପରଭାଷାରେ ଏପରି କଥା କହୁଥିବାର ଦେଖିଅଛି ଯେପରିକି ଶୁଖିଲା ଗୋରୁଚର୍ମ ଉପରେ ମଟର ଢାଳନ୍ତି, ଏବଂ—ଏବଂ ଉତ୍ତମତା ପ୍ରତି ସଙ୍କୋଚ ରହିଥାନ୍ତି, ପୁଣି ପାଟିର ଅନ୍ୟ ପାର୍ଶ୍ୱରେ ଏକ ତମାଖୁ ଚବାଉଥାନ୍ତି, ଏବଂ ଯଦି ସମ୍ଭବ ହୁଏ ତେବେ ସେମାନେ ଆପଣଙ୍କର ଗଳା ସୁଦ୍ଧା କାଟି ପକାଇବେ । ତାହା ଠିକ୍ ଅଟେ । ତେଣୁକରି ସେହି ବିଷୟଗୁଡ଼ିକର ନାହିଁ…କୌଣସି ପ୍ରମାଣ ନାହିଁ ଯେ ଆପଣ ଏହାକୁ ସିଦ୍ଧ କରିପାରନ୍ତି, କେବଳ ସେହି ଜୀବନ ଦ୍ୱାରା ଯାହାକି ସେହି ବ୍ୟକ୍ତି ଯାପନ କରୁଥାଏ । "ସେମାନଙ୍କର ଫଳ ଦ୍ୱାରା, ତୁମେ ସେମାନଙ୍କୁ ଜାଣିବ ।"

42 ତେଣୁକରି, ତାହା ସବୁ ପରମେଶ୍ୱରଙ୍କ ଉପରେ ନିର୍ଭର କରେ । ସେ ଏକ ପସନ୍ଦକୁ ବାଛନ୍ତି । ସେ ଜିନିଷଗୁଡ଼ିକୁ ଏକାଠି ଆଣନ୍ତି, ଏବଂ ଏହା ସେହି ପ୍ରକାରେ ହିଁ ତାହା ଅଟେ । ଅତଏବ ଯଦି ଆପଣଙ୍କର ଜୀବନ ବାଇବଲର ଫଳଗୁଡିକ ସହିତ ମିଶୁଅଛି, ତାହାହେଲେ ଆପଣ ଏକ ଉତ୍ତମ ଧାରଣା ପାଇଛନ୍ତି । ଯଦି ଆପଣଙ୍କର ଆତ୍ମା ତାହାଙ୍କର ଆତ୍ମା ସହିତ ସାକ୍ଷ୍ୟ ବହନ କରୁଅଛି, ଯେ ଆପଣ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟନ୍ତି, ତାହାହେଲେ ଆପଣ…ସମସ୍ତ ପୁରୁଣା ମନ୍ଦତା ଦୂରେଇ ଯାଇଅଛି, ଏବଂ ସବୁକିଛି ବିଷୟ ନୂତନୀକୃତ ହୋଇଯାଇଛି, ଏବଂ ଆପଣ ପ୍ରେମରେ ଜୀବନ ଯାପନ କରୁଛନ୍ତି, ଏବଂ ଆପଣଙ୍କ ପାଖରେ ଶାନ୍ତି, ଏବଂ ଅନୁଗ୍ରହ, ଏବଂ ପ୍ରଭୃତି ସବୁ ରହିଅଛି, ତାହାହେଲେ ଆପଣ ରାଜ୍ୟର ଅତି ନିକଟବର୍ତ୍ତୀ ହେଉଅଛନ୍ତି । କାରଣ, ଆପଣଙ୍କ ଭିତରେ ଥିବା ସେହି ଜୀବନଟି ସେହି ପ୍ରକାରର ଏକ ଜୀବନକୁ ଉତ୍ପାଦନ କରୁଅଛି । ବୁଝିଲେ?

43 ଯଦି ଆପଣ କୁହନ୍ତି, "ଓଃ, ହାଲ୍ଲେଲୁୟା, ମୁଁ ପରଭାଷାରେ କଥା କହିଲି । ହାଲ୍ଲେଲୁୟା!" ଏହାର ଅର୍ଥ କିଛି ବି ନୁହେଁ । ଏହାର ଅର୍ଥ ତାହାଠୁ କିଛି ହେଲେ ଅଧିକ ନୁହେଁ ଯଦି ଆପଣ ଏଠାକୁ ବାହାରି ଆସି ଏକ ଗିଟାର କିମ୍ବା କିଛି ଉପରେ ଏକ ସ୍ୱର ବଜାଉଥାନ୍ତି । ତାହାର କିଛି

ହେଲେ ଅର୍ଥ ନୁହେଁ । ଯଦିଓ ଆପଣ ପରଭାଷାରେ କଥା କହିଥିଲେ, ଯଦିଓ ଆପଣ ଉଚ୍ଚ ପାଟି କରିଥିଲେ, ଏବଂ ଗଳିପଥରେ ଉପର-ଓ-ତଳ ଦୌଡିଥିଲେ, ଏବଂ ଏପରି କାନ୍ଦି ଲୁହ ଝରାଇଥିଲେ ଥିଲେ ଯେପରିକି ଆପଣ ପିଆଜ ଚୋପା ବାହାର କରୁଅଛନ୍ତି, ତାହାର କିଛି ହେଲେ ଅର୍ଥ ନାହିଁ, ଗୋଟିଏ ହେଲେ ନୁହେଁ, ଯେପର୍ଯ୍ୟନ୍ତକି ସେହି ଦୈନନ୍ଦିନ ଜୀବନ ଠିକ୍ ତାହା ସହିତ ମେଳ ଖାଉଥାଏ, ଏହା ସହିତ ଲାଗି ରହିଥାଏ ।

44 ତେବେ, ଯଦି ଆପଣ ସେହି ଜିନିଷଗୁଡ଼ିକୁ କରନ୍ତି, ପୁଣି ତାହା ସହିତ ସେହି ଜୀବନ, "ଆମେନ୍," ତାହାହେଲେ, ତାହା ଠିକ ଅଟେ । ତାହା ଭଲ ଅଛି । ମାତ୍ର ଆପଣ ସେହି ଜୀବନ ନ ରଖି ମଧ୍ୟ ସେହି ଜିନିଷଗୁଡିକୁ କରିପାରନ୍ତି ।

45 ତେଣୁକରି ତେବେ, କୌଣସି ଚିତ୍କାର କରିବା ନୁହେଁ, ନା ସେହିପରି କୌଣସି ବି କିଛି ବିଷୟ ପ୍ରମାଣ ନୁହେଁ । ଯୀଶୁ କହିଲେ, "ସେମାନଙ୍କର ଫଳ ଦ୍ୱାରା, ତୁମେ ସେମାନଙ୍କୁ ଜାଣିବ ।" ଏବଂ ଆତ୍ମାର ଫଳ ପରଭାଷାରେ କଥା କହିବା ନୁହେଁ । ତାହା ଆତ୍ମାର ଫଳ ନୁହେଁ । ଉଚ୍ଚ ପାଟି କରିବା ଆତ୍ମାର ଫଳ ନୁହେଁ । କାନ୍ଦିବା ଆତ୍ମାର ଏହି ଫଳ ନୁହେଁ । ମାତ୍ର, ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଉତ୍ତମତା, ଭଦ୍ରତା, ବିଶ୍ୱାସ, ନମ୍ରତା, ସଂଯମ, ତାହା ହେଉଛି ଆତ୍ମାର ଫଳମାନ । ବୁଝିଲେ? ତାହାହିଁ ଅଟେ ଯାହାକି ହେଉଛି ଆତ୍ମାର ଫଳ । ଠିକ୍ ଅଛି ।

46 ତେବେ, ସେହି କାରଣ ଯେ ଆମର ଏହି ଜିନିଷଗୁଡିକ ରହିଅଛି, ସେମାନେ ସଂଗଠନ କରିବାକୁ ପସନ୍ଦ କରନ୍ତି, ଆପଣ ଦେଖନ୍ତୁ । "ତେବେ, ଆମେ ଏହା ପାଇବା । ପରମେଶ୍ୱର ଧନ୍ୟ ହେଉନ୍ତୁ, ଯେସମସ୍ତେ ତାହା ସେହିପରି ଭାବରେ ବିଶ୍ୱାସ କରନ୍ତି ଯେପରିକି *ଆମେ* କରୁ, ଆମେ *ଏହି* ମାର୍ଗରେ ଯିବା । ଯେସମସ୍ତେ ତାହା ସେହିପରି ଭାବରେ ବିଶ୍ୱାସ କରନ୍ତି ଯେପରିକି *ଆମେ* କରୁ, ଆମେ *ଏହି* ମାର୍ଗରେ ଯିବା ।" ମାତ୍ର ପରମେଶ୍ୱର ଚାହାଁନ୍ତି ଯେ ସମସ୍ତେ *ଏହି* ମାର୍ଗରେ ଯାଆନ୍ତୁ, ଠିକ ଉପରକୁ ।

47 ତେବେ, ପାଉଲ, ତାଙ୍କର ଏହି ଅନୁଭୁତି ରହିବା ପରେ, ତେବେ ସେ ଭାବିଥିଲେ ଯେ ତାହା ଏକ ଅଦ୍ଭୁତ ଅନୁଭୂତି ଥିଲା । ତେବେ, କିପରି…ଆସନ୍ତୁ—ଆସନ୍ତୁ—ଆସନ୍ତୁ ସେହି ଅନୁଭୁତିକୁ ଅଳ୍ପ ଟିକେ ଉଦ୍ଧୃତ କରିବା । ପାଉଲ ସେଠାରେ ତଳେ କିଛି ଲୋକମାନଙ୍କୁ ଗିରଫ କରିବା ପାଇଁ, ଦମ୍ମେସକର ତାଙ୍କର ମାର୍ଗରେ ଯାଉଥିଲେ, କାରଣ ସେଠାରେ ତଳେ ସୁସମାଚାର ଛିନ୍ନଛତ୍ର ହୋଇ ରହିଥିଲା । *ସୁସମାଚାର*ର ଅର୍ଥ "ଶୁଭ ଖବର ।" ଏବଂ ତେଣୁକରି ସେମାନେ ସେଠାରେ ଛିନ୍ନଛତ୍ର ହୋଇ ରହିଥିଲେ, ଏବଂ ଅନେକ ଲୋକମାନେ ପ୍ରେମ, ଏବଂ ଆନନ୍ଦରେ ପରିପୂର୍ଣ୍ଣ ହୋଇ, ପ୍ରଭୁ ଯୀଶୁଙ୍କୁ ପ୍ରେମ କରୁଥିଲେ । ଏବଂ ଏହା ସେହି ଉପାୟରେ ଛିନ୍ନଭିନ୍ନ ହୋଇ ରହିଥିଲା । ତେଣୁକରି, ପାଉଲ ମହାଯାଜକଙ୍କଠାରୁ କିଛି ଚିଠି ପାଇଥିଲେ । ସେ କହିଲେ, "ମୁଁ ତଳକୁ ଯିବି, ଏବଂ ମୁଁ ସେମାନଙ୍କ, ମଧ୍ୟରୁ ପ୍ରତ୍ୟେକଙ୍କୁ ଗିରଫ କରିବି ।"

48 ତେଣୁ ସେ ମନ୍ଦିର ରକ୍ଷୀମାନଙ୍କର, ସୈନିକମାନଙ୍କର, ରକ୍ଷୀମାନଙ୍କର ଏକ ଛୋଟ ଦଳକୁ ନେଇ, ସେହି ମାର୍ଗରେ ତଳେ ଯାଇଥିଲେ । ଯେତେବେଳେ ସେମାନେ ମାର୍ଗରେ ତଳେ

ଯାଉଥିଲେ, ଏବଂ ସେ ଏହାସବୁ ଠିକ ଜାଣିଥିଲେ ଯେ ସେ କଅଣ କରିବାକୁ ଯାଉଅଛନ୍ତି, ହଠାତ୍ ହିଁ, କିଛି ଗୋଟାଏ ଘଟିଲା । ହଠାତ୍ ହିଁ, ତାଙ୍କ ସମ୍ମୁଖରେ ଏକ ମହାନ ଜ୍ୟୋତି, ମହାନ ଜ୍ୟୋତି ଝଲସି ଉଠିଲା । ତେବେ, ଏହା ସୂର୍ଯ୍ୟ ପରି ଉଜ୍ଜ୍ୱଳ ଥିଲା । ତାହା ଘଟିବା ଏକ ଅଦ୍ଭୁତ ଘଟଣା ଥିଲା । ସେହି ଜ୍ୟୋତି ଏତେ ଉଜ୍ଜ୍ୱଳ ଭାବରେ ଆଲୋକିତ ହୋଇଥିଲା ଯେ ସେ କେବଳ, ତାଙ୍କ ଆଖିରେ ସେ ପ୍ରାୟଃ ଅନ୍ଧ ହୋଇ ଯାଇଥିଲେ । ଏବଂ ତଳେ ପଡ଼ି ଯାଇଥିଲେ । ଏବଂ ସେ—ସେ ଭୂମିରେ ତଳେ ପଡ଼ିଥାଆନ୍ତି, ଏବଂ ସେ ଉପରକୁ ଅନାଇଲେ ।

49 ତାଙ୍କ ସହିତ ବୋଧହୁଏ ଦଶ କିମ୍ବା ପନ୍ଦର ଜଣ ଥିଲେ । କଅଣ ସେହି ଲୋକମାନଙ୍କ ମଧ୍ୟରୁ କେହି ସେହି ଜ୍ୟୋତିକୁ ଦେଖିଥିଲେ କି? ନା, ଆଜ୍ଞା । ପାଉଲ ଏହା ଦେଖିଥିଲେ । ଏହା ସେହି ବ୍ୟକ୍ତିମାନଙ୍କ ନିମନ୍ତେ ତାହା ଦେଖିବା ନିରୂପିତ ନ ଥିଲା । ତେଣୁକରି, କେତେକ ଲୋକ ବିଷୟଗୁଡିକ ଦେଖିପାରନ୍ତି, ଯେଉଁଠାରେକି, ଅନ୍ୟମାନେ ଦେଖନ୍ତି ନାହିଁ । ବୁଝିଲେ? ତେଣୁ, ପାଉଲ ସେହି ଜ୍ୟୋତିକୁ ଦେଖିଲେ, ଏପରିକି ଯେ ଏହା ତାଙ୍କୁ ଅନ୍ଧ କରି ଦେଇଥିଲା । ସେ ଅନେକ ଦିନ ଧରି, ଦେଖିପାରିଲେ ନାହିଁ, ଏହା ତାଙ୍କ ପାଇଁ ଏତେ ବାସ୍ତବିକ ଥିଲା । ଏବଂ ସେ ଅନେକ ଦିନ ପାଇଁ ଦେଖିପାରି ନ ଥିଲେ…

ପରେ, ଯେତେବେଳେ ସେ ଚିଠି ଲେଖିଥିଲେ, ସେତେବେଳେ ତାଙ୍କ ଆଖି ତାଙ୍କୁ ଅତିଶୟ କଷ୍ଟ ଦେଇଥିଲା ଯେ, ଏପରିକି ସେ ବଡ଼ ବଡ଼ ଅକ୍ଷର ସହିତରେ ଲେଖିଥିଲେ । ସେ କହିଲେ, "ଏହା ଦେଖି ଯେ ମୁଁ ତୁମମାନଙ୍କୁ ବଡ଼ ବଡ଼ ଅକ୍ଷର ସହିତରେ ଲେଖିଅଛି ।" ସେ କ୍ୱଚିତ୍ ହିଁ ଦେଖି ପାରିଥିଲେ ।

50 ସେ କାରାଗାରରେ ଥିଲେ, ଏବଂ ସେ ପ୍ରଭୁଙ୍କଠାରେ ତାଙ୍କୁ ସୁସ୍ଥ କରିବାକୁ ବିନତୀ କରିଥିଲେ । ଏବଂ ସେ ତାହାଙ୍କ ସହିତ ତିନିଥର ପରାମର୍ଶ କଲେ । ମାତ୍ର ପ୍ରଭୁ କଅଣ କହିଲେ? "ପାଉଲ, ମୋର ଅନୁଗ୍ରହ ଯଥେଷ୍ଟ ଅଟେ ।"

51 ପାଉଲ କହିଲେ, "ତେବେ ମୁଁ ମୋର ଦୁର୍ବଳତାରେ ଦର୍ପ ଦେବି ।" କାରଣ, ସେ କହିଥିଲେ, "ଯେପରିକି ମୁଁ ପ୍ରକାଶନର ବାହୁଲ୍ୟତା ହେତୁରୁ ଗର୍ବୀ ନ ହୋଇଯାଏ, ସେଇଥି ପାଇଁ ମୋତେ ଫୋଡିବା ହେତୁ, ମୋର ଦେହରେ ଏକ କଣ୍ଟକସ୍ୱରୂପ, ଶୟତାନର ଏକ ଦୂତ ମୋତେ ଦିଆ ଯାଇଅଛି ।" ସେ କିଛି ସମୟ ପାଇଁ ଭଲ ହୋଇଯାଆନ୍ତି, ଏବଂ ତାହାପରେ ସେମାନେ ପୁନର୍ବାର ଘାତ କରନ୍ତି ।

*ଫୋଡିବା* ଅର୍ଥ "ଆଘାତ ପରେ ଆଘାତ କରିବା ।" ସମୁଦ୍ରରେ ଥିବା ଜାହାଜ ପରି, ଆପଣ ଜାଣନ୍ତି, ତରଙ୍ଗ ଏହାକୁ ଆଘାତ କରିଥାଏ, ଦେଖନ୍ତୁ, ଆଘାତ ପରେ ଆଘାତ କରିବା ।

ଏବଂ ସେ ହୁଅନ୍ତି, ସେ ଭଲ ହୋଇଯାଆନ୍ତି, ଏବଂ ତାହାପରେ ପୁନର୍ବାର ଆଘାତ ପାଆନ୍ତି; ତାହାପରେ ଟିକେ ଭଲ ହୋଇଯାଆନ୍ତି, ପୁନର୍ବାର ଆଘାତ ପାଆନ୍ତି । ସେ କହିଥିଲେ, "ପ୍ରଭୁ, ମାମଲାଟି କଅଣ, ତୁମେ ଏହାକୁ ମୋଠାରୁ କାହିଁକି ଦୂର କରି ଦେଉ ନାହଁ?"

52 ସେ କହିଲେ, "ପାଉଲ, ମୋର ଅନୁଗ୍ରହ ଯଥେଷ୍ଟ । କେବଳ ବଢି ଚାଲ ।" ଏହା ରଖିବ…

53 ସେ କହିଲେ, "ତେବେ, ଯଦି—ଯଦି ମୁଁ କେବଳ ସିଦ୍ଧ ଥାଆନ୍ତି, ଏବଂ ସବୁକିଛି ସିଦ୍ଧ ଥାଆନ୍ତା," କହିଲେ, "ତେବେ ଯେତେବେଳେ ମୁଁ ଯାଆନ୍ତି, ଓଃ, ମୁଁ ଗର୍ବିତ ହୋଇ ଯାଇଥାଆନ୍ତି ଓ କୁହନ୍ତି, 'ତୁମେ ଦେଖୁଛ, ମୋ ସହିତ କିଛି ବି ଭୁଲ୍ ନାହିଁ। ପ୍ରଭୁ ମୋର ଯତ୍ନ ନିଅନ୍ତି, ଭାଇ। ହାଲ୍ଲେଲୁୟା!'" ତାହାହେଲେ ଆପଣ ଆତ୍ମ-ଧାର୍ମିକ ହେଉଅଛନ୍ତି।

54 ପରମେଶ୍ୱରଙ୍କୁ ତ ମଝି ମଝିରେ ଥରେ, ଆପଣଙ୍କୁ ଟିକିଏ କିଛି ଦେବାକୁ ପଡିଥାଏ, ଯେପରିକି ଆପଣଙ୍କୁ ଟିକିଏ ନମ୍ର କରାଯାଏ, ଆପଣ ଜାଣନ୍ତି। ତାହା ଠିକ୍ ଅଟେ। ଏକ ପ୍ରକାର ଆପଣଙ୍କୁ ଏହା ଅନୁଭବ କରାଇବା ହେତୁ ଯେ ସେ ମାଲିକ ଅଟନ୍ତି। ଓଃ, କଅଣ ସେ ଅଦ୍ଭୁତ ନୁହଁନ୍ତି କି? ହଁ, ମହାଶୟ, କେବଳ ମହିମା ହେଉ!

55 ତେଣୁକରି ସେ, ପାଉଲ, ତେବେ, କାହିଁକି, ଏହି ମହାନ ଅନୁଭୂତି ପାଇବା ପରେ…

56 ତେବେ, ଯଦି ତାହା ଆଜିର କେହି ହୋଇଥାନ୍ତେ, ସେମାନେ କହିଥାନ୍ତେ, "ଓଃ, ପରମେଶ୍ୱର ଧନ୍ୟ ହେଉନ୍ତୁ, ହାଲ୍ଲେଲୁୟା। ବାଳକ, ପ୍ରଭୁ ମୋ ପାଇଁ କିଛି କରିଛନ୍ତି! ପରମେଶ୍ୱରଙ୍କ ମହିମା ହେଉ!" ମାତ୍ର ପାଉଲ ସେପରି ନ ଥିଲେ; ସେ ଜଣେ ବାଇବଲ ପଣ୍ଡିତ ଥିଲେ।

57 ସେହି ଅନୁଭୂତି ନିଶ୍ଚିତ ଭାବରେ ପରମେଶ୍ୱରଙ୍କ ବାକ୍ୟ ସହିତ ମିଶିବାର ଅଛି। ହଁ, ଆଜ୍ଞା। ଯଦି ଏହା ସମ୍ପୂର୍ଣ୍ଣ ଭାବରେ ବାଇବଲ ସହିତରେ ମିଶୁ ନାହିଁ…କେବଳ *ଏଠାରେ* ଉପରୁ ଦେଖି ଏହା, କହିବା ନୁହେଁ, "ଓଃ, ହଁ, ଏଠାରେ ତ ଏହା ଠିକ୍ ଏଠାରେ ଅଛି। ପରମେଶ୍ୱର ଧନ୍ୟ ହେଉନ୍ତୁ, ମୁଁ ଏହାକୁ ପାଇଗଲି।" ହୁଃ-ଉଃ। ପରମେଶ୍ୱର ଏହାକୁ ସେହିପରି ଭାବରେ ପ୍ରଦାନ କରନ୍ତି ନାହିଁ।

58 ଏହାକୁ ତ ନିଶ୍ଚିତ ଭାବରେ ସମଗ୍ର ବାଇବଲ, ଏହାର ସବୁ କିଛି ହେବାକୁ ଅଛି। କାରଣ, ଆପଣ କରିପାରନ୍ତି…ଅବିଶ୍ୱାସୀମାନେ ଏହି ବାଇବଲକୁ ସେମାନଙ୍କର ତର୍କ ବିତର୍କ କରିବା ନିମନ୍ତେ ଭିତ୍ତିଭୂମି ରୂପେ ବ୍ୟବହାର କରନ୍ତି। ମାତ୍ର ସେମାନେ *ଏଠାରେ* ଟିକିଏ ଶାସ୍ତ୍ରକୁ ଗ୍ରହଣ କରିବେ, ଏଠାରେ ଓଲଟାଇବେ ଏବଂ *ଏଠାରେ* ଆଉ ଏକ ଛୋଟ ଅଂଶକୁ ନେଇ ନେବେ, ସେମାନଙ୍କୁ ଏକତ୍ର ଯୋଡ଼ିବାକୁ ଚେଷ୍ଟା କରିବେ, ଏବଂ ଏହା ସମ୍ପୂର୍ଣ୍ଣ ଭାବରେ, ଦୁଇଟି ଭିନ୍ନ ବିଷୟ ଅଟେ। ତେଣୁକରି, ଆପଣଙ୍କୁ ତ ଶାସ୍ତ୍ର ସହିତ ଶାସ୍ତ୍ର ତୁଳନା କରିବାକୁ ଅଛି।

59 ଯେପରିକି ଯିଶାଇୟ କହିଲେ, ତାର ୨୪ତମ ପର୍ବ, "ଏହା ଧାଡି ଉପରେ ଧାଡି, ପଂକ୍ତି ଉପରେ ପଂକ୍ତି ହେବାକୁ ଅଛି; ଏଠାରେ ଅଳ୍ପ, ସେଠାରେ ଅଳ୍ପ।" "ଯାହା ଉତ୍ତମ ତାହା ଧରି ରଖ।" ଦେଖନ୍ତୁ, ଏହା ସେହି ଉପାୟରେ ଆସିଥାଏ: ଧାଡ଼ି ଉପରେ ଧାଡ଼ି ଉପରେ ଧାଡ଼ି, ବାକ୍ୟ ଉପରେ ବାକ୍ୟ, ଶାସ୍ତ୍ର ଉପରେ ଶାସ୍ତ୍ର। ଏହା ସବୁ ଏକତ୍ର ସଂକଳନ ହେବା ଜରୁରୀ ଅଟେ। ସେଇଥି ପାଇଁ, ମୁଁ ଭାବୁଛି, ଏହି ଶିକ୍ଷାଗୁଡ଼ିକରେ ଯେପରିକି ଆମର ବର୍ତ୍ତମାନ ରହିଛି, ଏହା ମଣ୍ଡଳୀ ନିମନ୍ତେ ଏକ ବଡ଼ କଥା ଅଟେ, କାରଣ ଏହା ସେମାନଙ୍କୁ ଏପରି ଏକ ସ୍ଥାନକୁ ନେଇ ଆସିଥାଏ ଯେଉଁଠାରେକି ସମସ୍ତ ଶାସ୍ତ୍ର ଏକତ୍ର ସଲଗ୍ନ ହୋଇ ରହିଥାଏ। ଏବଂ ଆମର

ଅନୁଭୂତି ସେହି ଶାସ୍ତ୍ର ସହିତ ଜଡିତ ହେବା ଜରୁରୀ ଅଟେ । ଓଃ, ଏଠାରେ ତାହା ଅଛି! ଯଦି ତାହା ନୁହେଁ, ତେବେ ଏହା ଭୁଲ ଅଟେ ।

60 ଏବଂ ମୁଁ କିପରି ବର୍ଷ ବର୍ଷ ଧରି ଚାଲିଥିଲି, ଏହା ନ ଜାଣି ଯେ ସେହି ଜ୍ୟୋତିଟି କଅଣ ଥିଲା ଯାହା ପାଉଲଙ୍କୁ ଆଘାତ କରିଥିଲା । ଯେତେବେଳେକି, ସେହି ବାହ୍ୟ ଜଗତ, ସେହି ଶାସ୍ତ୍ରାଂଶ…ସେହି ଲୋକମାନେ, ପ୍ରଚାରକମାନେ ମୋତେ କହିବାକୁ ଚେଷ୍ଟା କରିଥିଲେ, “ତାହା ଶୟତାନର ଅଟେ । କାହିଁକି, ତୁମେ ତ ଜଣେ କୁହୁକ-ବିଦ୍ୟାକାରୀ ହୋଇଯିବ । ତୁମେ ତ ଜଣେ ପ୍ରେତାତ୍ମାବାଦୀ ହୋଇଯିବ । ବିଲି, ତୁମେ ତାହା ସହିତ ବୋକା ହୁଅ ନାହିଁ । ସେଥିରେ କିଛି ଗୋଟାଏ ଭୁଲ୍ ଅଛି । ବାଳକ, ତୁମେ ତାହା କର ନାହିଁ । ତାହା ଭୁଲ ଅଟେ । ତାହା ଶୟତାନ ଅଟେ । ତେବେ, ବାଳକ, ତୁମେ ଏକ ନିୟମିତ ମାଧ୍ୟମ ହୋଇଯିବ । ଯଦି ତୁମେ ତାହା କରିବ ତେବେ ତୁମେ ଜଣେ ପ୍ରେତାତ୍ମାବାଦୀ ହୋଇଯିବ । ଓଃ, ତାହା ସବୁ କିଛି ଶୟତାନର ଅଟେ । ତାହା—ତାହା ଠିକ୍ ନୁହେଁ ।” ମାତ୍ର ଯେତେବେଳେ…ମୁଁ ତାହା ପ୍ରଚାର କରିବାକୁ ଚାହୁଁ ନ ଥିଲି ।

61 ମାତ୍ର ଦମ୍ମେସକକୁ ଯିବାର ସେହି ମାର୍ଗରେ ଯେପରି, ପାଉଲ ଏହାକୁ ପ୍ରଚାର କରିବାକୁ ଚାହୁଁ ନ ଥିଲେ, ଯେପର୍ଯ୍ୟନ୍ତକି ସେ ଏହା ଜାଣି ନ ନେଲେ ଯେ ତାହା ଠିକ୍ କି ନୁହେଁ । ତେଣୁକରି ସେ ତିନି ବର୍ଷ ପାଇଁ ଆରବକୁ ଚାଲି ଯାଆନ୍ତି, ଓ ଶାସ୍ତ୍ର ଅଧ୍ୟୟନ କରନ୍ତି । ଅଃ! ଯେତେବେଳେ ସେ ସେଠାରୁ ଆସିଲେ, ସେ କହିଲେ, “ତେବେ ଏହାକୁ ମୋ ପାଖରୁ ବାହାର କର ।”

62 ସେ ଜାଣିଥିଲେ ଯେ ତାଙ୍କୁ ଫାରୂଶୀମାନଙ୍କର ସମ୍ମୁଖୀନ ହେବାକୁ ଥିଲା । ତାଙ୍କୁ ସାଦ୍ଦୂକୀମାନଙ୍କର ସମ୍ମୁଖୀନ ହେବାକୁ ଥିଲା । ତାଙ୍କୁ ଜଗତକୁ ଏବଂ ଅଣଯିହୂଦୀ ଜଗତକୁ ସମ୍ମୁଖୀନ ହେବାକୁ ଥିଲା । ଏବଂ ତେଣୁକରି ପାଉଲ, ଏହି ବାଇବଲଟି ଲେଖା ହୋଇଛି, ଏବ୍ରୀର ଏହି ପୁସ୍ତକଟି, ସେହି ଉଦ୍ଦେଶ୍ୟରେ ଲେଖା ହୋଇଛି । ସେ ସେହି ଏବ୍ରୀୟମାନଙ୍କୁ ହୁଲସ୍ଥୁଲ କରୁଅଛନ୍ତି, ଏବଂ ସେହି ପୁରାତନ ନିୟମକୁ ନେଇ ତାକୁ ଏଠାରେ ନୂତନ ନିୟମରେ ଦେଖାଉ ଅଛନ୍ତି । “ଏହା ହେଉଛନ୍ତି ପରମେଶ୍ୱର,” ସେ କହିଲେ, “ଏଠାରେ ତାହା ଅଛି, ସମସ୍ତ ଭବିଷ୍ୟଦ୍‌ବକ୍ତା ଓ ସମସ୍ତ ବିଷୟ ଉପରେ—ରେ କ୍ରମାଗତ ଭାବରେ ।” ସେଠାରେ ପ୍ରାରମ୍ଭରେ ତାହା ଆରମ୍ଭ ହୁଏ, ସେହି 1ମ ପର୍ବ ଯାହା ଆମେମାନେ ନେଇଥିଲୁ, “ପରମେଶ୍ୱର ପୁରାକାଳରେ, ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ, ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହିଥିଲେ ।” ସେହିପରି ଭାବରେ ପରମେଶ୍ୱର ତାହାଙ୍କର ବାର୍ତ୍ତା ଆଣିଥିଲେ, ଉରିମ୍ ଥୁମ୍ମିମ୍ ଦ୍ୱାରା ପରୀକ୍ଷିତ ହୋଇଥିଲେ । “କିନ୍ତୁ ଏହି ଶେଷକାଳରେ ତାହାଙ୍କ ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଆମମାନଙ୍କୁ କଥା କହିଛନ୍ତି,” ତାହାଙ୍କ ବାଇବଲ ଦ୍ୱାରା ପରୀକ୍ଷିତ ହୋଇ । ସେଠାରେ ଆପଣ ଅଛନ୍ତି ।

63 ତେଣୁ ଏହି ଅନୁଭୂତିଗୁଡିକ ଯାହାକି ଜଗତ କୁହେ, “ଓଃ, ଏହା ମାନସିକ ଅଟେ । କାହିଁକି, କେହି ବି…” ଯେତେବେଳେ ସେହି ଦୂତ ଦେଖାଦେଲେ, ନଦୀ କୂଳରେ ସେହି ଆଲୋକ, ଯେତେବେଳେ ମୁଁ ଏହି କୋଣରେ ମୋର ପ୍ରଥମ ଉଦ୍ଦୀପନା ପ୍ରଚାର କରିଥିଲି, ଆମେ

ସେହି ସମସ୍ତ ଲୋକମାନଙ୍କୁ ବାପ୍ତିଜିତ କରିଥିଲୁ...ମୁଁ ବିଶ୍ୱାସ କରେ, ଭାଇ ଫ୍ଲିମାନ, ଆପଣ ବୋଧହୁଏ ସେଠାରେ ଥିଲେ...ମୁଁ ଜାଣେ ନାହିଁ ଯେ ଆପଣ ସେତେବେଳେ ଏଠାରେ ଥିଲେ କି ନାହିଁ। କେତେଜଣ ସେତେବେଳେ ଏଠାରେ ଥିଲେ ଯେତେବେଳେ—ଯେତେବେଳେ ନଦୀ କୂଳରେ ସେହି ଆଲୋକ ଦେଖା ଦେଇଥିଲା? କଅଣ ସେହି ପୁରୁଣା-ସମୟର ଲୋକମାନଙ୍କ ମଧ୍ୟରୁ ଏଠାରେ କେହି ଅଛନ୍ତି କି? ହଁ, ସେମାନଙ୍କ ମଧ୍ୟରୁ କେତେକ ଅଛନ୍ତି। ଯେତେବେଳେ ଏହା, ଏଠାରେ ତଳେ ନଦୀ କୂଳରେ।

64 ଏବଂ ସେମାନେ କହିଲେ, "ଏହା ତ କେବଳ ଏକ ଦୃଷ୍ଟିଶକ୍ତିର ଭ୍ରମ ଅଟେ।" ଆମ ଭିତରୁ ଅନେକେ ଛିଡ଼ା ହୋଇ, ଏହାକୁ ଦେଖୁଥିଲେ, ଏବଂ ଏଠାରେ ଏହା ତଳକୁ ଆସିଥିଲା। ଏବଂ ତାହାପରେ ଅନେକ ବର୍ଷେ ଉତ୍ତାରେ, ପରମେଶ୍ୱର ଏହାକୁ ଏକ କ୍ୟାମେରାର ଯାନ୍ତ୍ରିକ ଆଖି ଦ୍ୱାରା ପ୍ରମାଣ କରିଥିଲେ। ଏହା ସତ୍ୟ ଅଟେ।

65 "ତେବେ, କଅଣ ଏହା—କଅଣ ଏହା କୌଣସି କାଳ୍ପନିକ କାହାଣୀ, କଅଣ ଏହା ଏପରି କିଛି ଅଟେ କି ଯାହା—ଯାହା...?" ନା, ମହାଶୟ। ଆମେ ଏହାକୁ ଠିକ ଏଠାରେ ବାଇବଲରେ ନେଉଅଛୁ ଏବଂ ଆପଣଙ୍କୁ ଦେଖାଉଅଛୁ। ଏହା ସେହି ସମାନ ପ୍ରଭୁ ଯୀଶୁ ଅଟନ୍ତି। ସେ ସେହି ସମାନ କାର୍ଯ୍ୟ ସାଧନ କରନ୍ତି। ତାଙ୍କର କାର୍ଯ୍ୟକଳାପ ସେହି ସମାନ ଅଟେ। ତାଙ୍କର ଶକ୍ତି ସେହି ସମାନ ଅଟେ।

66 ଦେଖନ୍ତୁ, ଗତ ରବିବାର, ଏଠାରେ। ଆର ପାରିରେ, ମୋ ବିଛଣାରେ ଶୋଇଥିବା ବେଳେ, ମୋ ଜୀବନରେ କେବେବି ସେହି ବ୍ୟକ୍ତିଙ୍କୁ ଦେଖି ନ ଥିଲି। ସେଥିରୁ ବାହାରି ଆସି କହିଲି, "ଆରାଧନାଳୟରେ ଜଣେ ବ୍ୟକ୍ତି ଅଛନ୍ତି, ଏବଂ ସେ ଧୂସର, କଳା-କେଶ ଥିବା, ମାତ୍ର ଧୂସର ହେଉଅଛି। ସେ ଅନ୍ଧ ଅଟନ୍ତି, ଏବଂ ସେ ଚାଲିପାରନ୍ତି ନାହିଁ। ସେ ଏକ ଚକଲଗା ଚୌକିରେ ଅଛନ୍ତି। ଜଣେ କଳା-କେଶ ଥିବା ଲୋକ ତାଙ୍କୁ ଡକାଇ ପଠାଇଲେ; ଜଣେ ଡାକ୍ତର, ଡାକ୍ଟର ଆକ୍କର୍ମ୍ୟାନ୍, ଜଣେ କଳା-କେଶ ଥିବା ବ୍ୟକ୍ତି, କ୍ୟାଥୋଲିକ୍ ବ୍ୟକ୍ତି। ଜଣେ ଲୋକ ଡକାଇ ପଠାଇଲେ, ଠିକ *ସେଠାରେ* ବସିଛନ୍ତି। ଏବଂ **ସଦାପ୍ରଭୁ ଏହି କଥା କୁହନ୍ତି**," ଉଠିଲେ, ଚାଲିଲେ ପୁଣି ତାଙ୍କ ଦୃଷ୍ଟିଶକ୍ତି ଫେରି ପାଇ ଏବଂ ସବୁକିଛି ସହିତରେ ବାହାରି ଗଲେ। କଅଣ ଏହାକୁ ସାଧନ କଲା? ଏଠାରେ ସେହି ସମାନ ଦୂତ ଅଛନ୍ତି। ସେହି ସମାନ ଜଣ ଯିଏକି ଦମ୍ମେସକକୁ ଯାଉଥିବାର ମାର୍ଗରେ, ପାଉଲଙ୍କୁ ଆଘାତ କରିଥିଲେ, ଆଜି ତାହାଙ୍କ ମଣ୍ଡଳୀରେ ଏବଂ ତାହାଙ୍କ ଲୋକମାନଙ୍କ ମଧ୍ୟରେ ବାସ କରନ୍ତି। ଏହା ଶାସ୍ତ୍ର ସହିତ ଶାସ୍ତ୍ର ତୁଳନା କରୁଅଛି। ଏହା ସେହି ପ୍ରକାରେ ହିଁ ତାହା ହେବା ଉଚିତ୍।

ଓଃ, ଆମ ପାଖରେ *ଇଷ୍ଟଦୃଷ୍ଟ* ଲୋକମାନେ ଅଛନ୍ତି। ଆମେମାନେ କିଛି ସମୟ ପରେ, ସେଥି ଭିତରକୁ ଯାଉଅଛୁ।

67 ଓଃ, ଆମେମାନେ ନିଜ ସମ୍ମୁଖରେ ଏକ ଗଭୀର ବିଷୟ ପାଇଅଛୁ, ଯଦି ଆମେ କେବଳ, ଆଜି ଦିନ ଓ ଆଜି ରାତିରେ ତାହା ଭିତରକୁ ଯାଇପାରୁ। ତେବେ ଏହା ଠିକ ବର୍ତ୍ତମାନ ହିଁ ଗଭୀର

ଜଳ ଭିତରକୁ ଯିବାର ଆରମ୍ଭ କରିଅଛି । ଯେଉଁଠାରେ ଆପଣ...

68 ଆପଣ ଜାଣନ୍ତି, ଯେତେବେଳେ ମୁଁ ଏକ ଛୋଟ ବାଳକ ଥିଲି, ଆମର ସେହି ସ୍ଥାନ ପଛରେ ଏକ ଛୋଟ ପୋଖରୀଟିଏ ଥିଲା, ଏବଂ ମୁଁ ସେଠାକୁ ଯାଇଥାଏ । ଏବଂ ଆମେ ସମସ୍ତେ ଛୋଟ ଛୋଟ ପିଲାମାନେ ତାହା ଭିତରକୁ ଯାଇଥାଉ, ନଗ୍ନ ହୋଇ; ସାନ ସାନ, ପ୍ରାୟଃ ଛଅ, ସାତ ବର୍ଷ ବୟସର । ଏବଂ ଆମେ...ସେହି ଜଳ ପ୍ରାୟଃ ସେତିକି ଗଭୀର ଥାଏ । ଏହା ଏକ ଘୁଷୁରୀ ଗାତଠାରୁ ଅଧିକ ବଡ଼ ନ ଥିଲା । ଏବଂ ମୋର ସେଠାରେ ଏକ ମଞ୍ଚସ୍ୱରୂପ ବାକ୍ସ ଥିଲା । ମୁଁ ଦେଖାଇଥାଏ ଯେ ମୁଁ ଡେଇଁପାରିବି; ମୋର ନାକ ଧରି, ଏବଂ ଜଳ ଛିଞ୍ଚିବ୍ୟ ଶବ୍ଦ କରେ ସ୍ପ୍ଲାଶ, *ସେହିପରି* ଭାବରେ ଯାଇଥାଏ । ଏବଂ ମୋର ସାନ ପେଟଟି କାଦୁଅକୁ ଆଘାତ କରିଥାଏ, ଆପଣ ଜାଣନ୍ତି, ଏବଂ ଏହା ଠିକ ପ୍ରତ୍ୟେକ ଦିଗରେ ଛିନ୍ନଛତ୍ର ହୋଇଯାଏ । ମୁଁ ମୋର ବାପାଙ୍କୁ କହିଲି ଯେ ମୁଁ ପହଁରି ପାରେ ।

69 ସେ ମୋତେ ଦିନେ ସେଠାରେ ପଛକୁ ନେଇଗଲେ । ସେ କହିଲେ, "ମୁଁ ତୁମକୁ ପହଁରୁଥିବାର ଦେଖିବାକୁ ଚାହେଁ ।" ମୁଁ ସେଠାରୁ ଡେଇଁପଡିଲି, ଆପଣମାନେ ଜାଣନ୍ତି; ମୋର ପୋଷାକକୁ କାଢି, ଏକ ଛୋଟ କଣ୍ଟା ଗଛରେ ଟାଙ୍ଗି ଦେଇ; ଏବଂ ତଳକୁ ଦୌଡ଼ି, ପାଣି ଉପରେ ଡେଇଁପଡିଲି । ମୁଁ ଜଳ ଛିଞ୍ଚିବା ଆରମ୍ଭ କଲି, କାଦୁଅ ସବୁ ଦିଗକୁ ବିଞ୍ଚି ହୋଇଗଲା । ଏବଂ ବାପା ଗୋଟିଏ ଏକ ଛୋଟ ନଳାପୋଲ ଉପରେ ବସିଥିଲେ । ସେ ସେଠାରେ ବସି ରହି ମୋତେ କିଛି ମିନିଟ୍ ଦେଖିଥିଲେ । କହିଲେ, "ସେହି ପାଣି ଗର୍ତ୍ତରୁ ବାହାରି ଆସ, ଏବଂ ଯାଇ ସ୍ନାନ କର, ଏବଂ ଘରକୁ ଯାଅ ।" ବୁଝିଲେ?

70 ତେବେ, ତାହା କେବଳ ପ୍ରାୟଃ ସେହି ପ୍ରକାରେ ହିଁ ଅଟେ, ଯେପରିକି ଆମମାନଙ୍କ ମଧ୍ୟରୁ କେତେକ ନିଜକୁ ଖ୍ରୀଷ୍ଟିଆନ ବୋଲି କୁହାଇଥାନ୍ତି । ଆମେ କାଦୁଅ-ଗୁରୁଣ୍ଡି ହୋଇଥାଉ । ତାହା ଠିକ୍ । ଯେପର୍ଯ୍ୟନ୍ତ ଆପଣ ଲଙ୍ଗର ଦେଇଥାନ୍ତି, "ମୁଁ ଜଣେ ମେଥୋଡିଷ୍ଟ ଅଟେ । ମୁଁ ଜଣେ ପେଣ୍ଟିକଷ୍ଟାଲ୍ ଅଟେ । ମୁଁ ଜଣେ ପ୍ରେସବିଟେରିଆନ୍ ଅଟେ । ମୁଁ ଏକ ପ୍ରମାଣ ପାଇଅଛି; ମୁଁ ଏହା ପାଇଯାଇଛି ।" ଆପଣ କାଦୁଅ-ଗୁରୁଣ୍ଡି ହେଉଛନ୍ତି ।

71 ଦିନେ ମୁଁ ମୋର କାକାଙ୍କ ସହିତରେ ଥିଲି । ମୁଁ ତାଙ୍କୁ ନିରନ୍ତର କହୁଥିଲି...ସେ ପ୍ରାୟଃ ପନ୍ଦର, ଷୋହଳ ବର୍ଷ ବୟସର ଥିଲେ । ଆମେ ନଦୀ କୂଳରେ ଥିଲୁ । ମୁଁ କହିଲି, "କାକା ଲାର୍କ, ମୁଁ ପହଁରି ପାରେ ।" ଏବଂ ମୁଁ ଡଙ୍ଗାର ପଛ ଭାଗରେ ବସିଥିଲି, ଆପଣ ଜାଣନ୍ତି, ଭଲ ଏବଂ ନିରାପଦ ଅନୁଭବ କରୁଥିଲି । ସେ କେବଳ କାତକୁ ନେଲେ ଓ ମୋତେ ପ୍ରାୟଃ ଦଶ-ଫୁଟ ପାଣିରେ, ବାହାରକୁ ଠେଲିଦେଲେ । ଏହା ସେତେବେଳେ ଭିନ୍ନ ଥିଲା; ସମସ୍ତ ପାଣି ଛିଞ୍ଚିବା, ଚିତ୍କାର କରିବା, ଯାହା ଆପଣ କେବେ ବି ନିଜ ଜୀବନରେ ଶୁଣିଥିବେ ।

72 କୌଣସି ଦିନେ ଆପଣଙ୍କୁ ଠେଲି ଦିଆଯିବ, ଉତ୍ତମ ହେବ ଯେ ଆପଣ ଏହା ଜାଣିଥାଆନ୍ତୁ ଯେ ଆପଣ କେଉଁଠାରେ ଛିଡା ହୋଇଛନ୍ତି । ହଁ, ଆଜ୍ଞା । ଯଦି ଆପଣ ତାହାଙ୍କୁ ଜାଣିଛନ୍ତି, ତେବେ ଆପଣ ହେବେ...ଉତ୍ତମ ହେବ ଯେ ପ୍ରକୃତରେ ତାହାଙ୍କୁ ଜାଣିଯାଆନ୍ତୁ । ତାହା ଠିକ୍

ଅଟେ ।

ମାତ୍ର ବର୍ତ୍ତମାନ ଆମେ ଗଭୀର ଜଳ, ଗଭୀର ଜଳ ଭିତରକୁ ଯାଉଅଛୁ, ଯେଉଁଠାରେକି ଏହା ଆପଣଙ୍କୁ ବୁଡ଼ାଇ ଦେବ ଯଦି ଆପଣ—ଯଦି ଆପଣ ଜଣେ ଭଲ, ହୃଷ୍ଟ-ପୃଷ୍ଟ ଖ୍ରୀଷ୍ଟିଆନ ନୁହଁନ୍ତି ।

73 ବାକ୍ୟକୁ ଧ୍ୟାନ ଦିଅନ୍ତୁ । ପାଉଲ, ପ୍ରଥମେ ତାହା ପାଇଥିଲେ । ସେ ପୁରାତନ ନିୟମକୁ ଫେରିଗଲେ, ଏବଂ ସେ ଏହା ପାଇଲେ । ସେ ସମ୍ପୂର୍ଣ୍ଣଭାବେ, ତାଙ୍କର ସେହି ଅନୁଭୂତିକୁ ଦେଖିଥିଲେ । "ତେବେ ତାହା କଅଣ ଅଟେ ଯାହାକି ମୋତେ ଆଘାତ କରିଥିଲା?"

74 ଏହା ଏକ ଆଲୋକ, ବଡ଼ ଜ୍ୟୋତି ସେଠାରେ ଛିଡା ହୋଇଥିଲା, ସୂର୍ଯ୍ୟ ପରି ଝଲସି ଉଠୁଥିଲା, ତାଙ୍କ ମୁହଁ ସମ୍ମୁଖରେ ଛିଡା ହୋଇଥିଲା । ସେ କହିଲେ, "ଶାଉଲ, ଶାଉଲ, ତୁମେ ମୋତେ କାହିଁକି ତାଡ଼ନା କରୁଅଛ?"

75 ସେ କହିଲେ, "ପ୍ରଭୁ, ତୁମେ କିଏ ଯାହାକୁ ମୁଁ ତାଡ଼ନା ଅରୁଅଛି?"

76 ସେ କହିଲେ, "ମୁଁ ଯୀଶୁ ।"

77 "ମୁଁ ଭାବୁଥିଲି ଯେ ସେ ଜଣେ—ଜଣେ ମନୁଷ୍ୟ ଥିଲେ, ତାଙ୍କର ହାତ କ୍ଷତବିକ୍ଷତ ହୋଇଥିବ, ଯାହା ସେମାନେ ଦାବି କରନ୍ତି ଯେ ବର୍ତ୍ତମାନ ସେ ସଭାଗୁଡ଼ିକରେ ପ୍ରକଟିତ ହେଉଅଛନ୍ତି, ପୁଣି ତାଙ୍କ ହାତରେ ଏବଂ ମୁଣ୍ଡରେ କଣ୍ଟା ଦାଗ ରହିଥିବ ।" ନା ନା; *ସେହି* ଶରୀର ନୁହେଁ, *ସେହି* ଶରୀରରେ ନୁହେଁ । ବୁଝିଲେ? ସେ ତ ବର୍ତ୍ତମାନ ଏକ ଜ୍ୟୋତି ଅଟନ୍ତି । ଶାଉଲ...

78 ଯେତେବେଳେ ସେ ଏଠାରେ ଧରାପୃଷ୍ଠାରେ ଥିଲେ, ସେ କହିଥିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି । ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଏ ।"

79 ସେ ସେହି ସ୍ୱର୍ଗଦୂତ ଥିଲେ ଯିଏକି ଇସ୍ରାଏଲର ସନ୍ତାନଗଣଙ୍କୁ ଏହି ଜ୍ୟୋତିରେ, ପ୍ରାନ୍ତର ଦେଇ କଢାଇ ନେଇଥିଲେ । ସେ ସେହି ଜ୍ୟୋତି ନିକଟକୁ ଫେରିଗଲେ । ଏବଂ ପାଉଲ ଏହାକୁ, ସେହି ପୁରାତନ ନିୟମରୁ ଦେଖିଥିଲେ । ସେ କହିଲେ, "ମୁଁ ଯୀଶୁ, ସେହି ନିୟମର ଦୂତ ।"

80 ଏବଂ ସେ ଆମକୁ ମୁକ୍ତ କରିବା ପାଇଁ, ଦେହ ଧାରଣ କରିଥିଲେ । "ସ୍ୱର୍ଗଦୂତମାନଙ୍କର ରୂପ ଗ୍ରହଣ କଲେ ନାହିଁ," ଆମେମାନେ ପୂର୍ବ ଅଧ୍ୟାୟଗୁଡିକରେ ପାଇଅଛୁ, ଯାହା ଆମେମାନେ ଅଧ୍ୟୟନ କରିଅଛୁ । "ସେ କଦାପି ସ୍ୱର୍ଗଦୂତମାନଙ୍କର ସ୍ୱଭାବକୁ ଗ୍ରହଣ କଲେ ନାହିଁ, ବରଂ ଅବ୍ରହାମଙ୍କ ବୀଜକୁ ଗ୍ରହଣ କଲେ," ଯେପରିକି ସେ ପରିଚିତ ହୋଇପାରନ୍ତି, ଯେ ମନୁଷ୍ୟ ପରମେଶ୍ୱରଙ୍କୁ ଦେଖିପାରିବ । ଆମେନ୍ ।

ତେବେ ସେ କୁହନ୍ତି, "ମୁଁ ସେହି ସ୍ଥାନକୁ ଫେରିଯିବି ।"

81 ଏବଂ ଯେତେବେଳେ ପାଉଲ ତାହା ଦେଖିଲେ, ସେ କହିଲେ, "ନିଶ୍ଚିତରେ, ତାହାହିଁ ସେ ଥିଲେ । ତାହାହିଁ ସେ ଥିଲେ ।"

82 ପିତରଙ୍କର ଗୋଟିଏ ରାତିରେ ଏକ ଅନୁଭୂତି ହୋଇଥିଲା ଯେତେବେଳେ ସେ ପ୍ରାର୍ଥନା କରୁଥିଲେ । ସେହି ସମାନ ଆଲୋକ ଭବନ ଭିତରକୁ ଆସିଥିଲା, ତାଙ୍କ ସମ୍ମୁଖରେ ଦ୍ୱାରଗୁଡ଼ିକୁ ଖୋଲି ଦେଇଥିଲା, ଓ ରାସ୍ତାରେ ବାହାରି ଯାଇଥିଲା । ଏବଂ ପିତର ଭାବିଥିଲେ ଯେ ସେ ସ୍ୱପ୍ନ ଦେଖୁଛନ୍ତି; ସେ ଏତେ ଅଭିଷିକ୍ତ ହୋଇଥିଲେ । ସେ ଜାଣି ନ ଥିଲେ ଯେ କଅଣ ଘଟୁଥିଲା । ସେ କହିଲେ, "କଅଣ ମୁଁ ବର୍ତ୍ତମାନ ହିଁ ଜାଗ୍ରତ ହୋଇଅଛି କି? କିନ୍ତୁ ମୁଁ ତ ଏଠାରେ ରାସ୍ତାରେ ଅଛି ।"

83 ଏବଂ ସେ ଜନ୍ ମାର୍କଙ୍କ ଘରକୁ ଗଲେ । ଏବଂ ଜଣେ ସାନ ଝିଅ କବାଟ ଖୋଲିଲା, ସେଠାରେ ଥିବା କୌଣସି ଜଣେ ସାନ ମହିଳା, ଏକ ପ୍ରାର୍ଥନା ସଭାରେ ଥିଲେ । କେହି ଜଣେ କବାଟରେ ଆଘାତ କରୁଥିଲା । ସେହି କବାଟକୁ ଖୋଲିଲେ । "ଓଃ," ସେ କହିଲା, "ବର୍ତ୍ତମାନ ଏଠାରେ ତ ପିତର ଅଛନ୍ତି । ଆପଣମାନେ ତାଙ୍କୁ କାରଗାରରୁ ବାହାର କରିବା ପାଇଁ ପ୍ରାର୍ଥନା କରୁଅଛନ୍ତି । ପ୍ରଭୁ ତାହାଙ୍କୁ ଉଦ୍ଧାର କରିଅଛନ୍ତି ।"

84 "ଓଃ," ସେମାନେ କହିଲେ, "ଆଗେଇ ଯାଅ ।"

"ହେ ପ୍ରଭୁ, ତାଙ୍କୁ ଉଦ୍ଧାର କର!"

85 "କାହିଁକି," ସେ କହିଲା, "ସେ କବାଟ ପାଖରେ ଠିଆ ହୋଇ, ଆଘାତ କରୁଛନ୍ତି ।"

ପିତର କେବଳ ଆଘାତ କରି ଚାଲିଥିଲେ, "ମୋତେ ଭିତରକୁ ଆସିବାକୁ ଦିଅ ।"

86 "ଓଃ," ସେ କହିଲା, "ଏହା ତ ପିତର ଅଟନ୍ତି ।" ସେହି ଦିନଗୁଡ଼ିକରେ, ସେମାନଙ୍କ ପାଖରେ ଏବେ ସୁଦ୍ଧା ତାହା ଅଛି, ଏକ ଛୋଟ ଅବରୋଧକ ଦଣ୍ଡ । ଏଠାରେ ଛୋଟ ଢାଙ୍କୁଣୀ, ଆପଣ ଉପରକୁ ଉଠାନ୍ତି ଏବଂ ବାହାରକୁ ଅନାନ୍ତି, ବୁଝିଲେ । ଏହା ପୂର୍ବେକି ଆପଣ ନିଜର ଅତିଥିଙ୍କୁ ଭିତରକୁ ଆସିବାକୁ ଦିଅନ୍ତି, ଆପଣଙ୍କୁ ଏହା ଜାଣିବାକୁ ଥାଏ ଯେ ଆପଣଙ୍କ କବାଟରେ କିଏ ବାଡେଉଉ ଅଛି । କାରଣ, ସେମାନଙ୍କର ଡକାୟତମାନେ ରହୁଥିଲେ; ଯଦି ଆପଣ କବାଟ ଖୋଲିଦେବେ, ସେମାନେ ଆପଣଙ୍କୁ ହତ୍ୟା କରି ଦେବେ ।

87 ତେଣୁକରି, ସେମାନେ କବାଟ ଖୋଲିଲେ । ସେ କହିଲା, "ଏହା ତ ପିତର ଅଟନ୍ତି ।"

88 ସେମାନେ କହିଲେ, "ଓଃ! ଓଃ, ମୋର ପ୍ରଭୁ, ସେ ତ ମରି ଯାଇଛନ୍ତି । ତାହା ତ ସେଠାରେ ତାଙ୍କର ଦୂତ ଛିଡା ହୋଇଛନ୍ତି । ବୁଝିଲେ? ତାଙ୍କର ମହିମାମୟ ଶରୀରରେ ପ୍ରବେଶ କରି ଯାଇଛନ୍ତି, ଆପଣ ଜାଣନ୍ତି, ସେହି ଥିଓଫାନିରେ ।"

89 କଅଣ ଆପଣଙ୍କର ତାହା ମନେ ଅଛି କି ଆମେ ଏହାକୁ କିପରି ନେଇଥିଲୁ, ସେହି ବଡ ହୀରା, ଏହା କିପରି ସେହି ଆଲୋକକୁ ପ୍ରତିଫଳିତ କରିଥିଲା, ଏହା କିପରି ସେହି ଅବସ୍ଥାକୁ ଫେରିଗଲା? ସେହି…"ଏହି ପାର୍ଥିବ ତମ୍ବୁରୂପ ଗୃହ ଭାଙ୍ଗି ଗଲେ, ଆମର ଆଉ ଏକ ଅପେକ୍ଷା କରୁଅଛି ।"

ଏବଂ ସେମାନେ ଭାବିଥିଲେ ଯେ ପିତର ମରି ଯାଇଛନ୍ତି, ଏହି ପୁରୁଣା ଶରୀର ନଷ୍ଟ ହୋଇ ଯାଇଥିଲା, ଏବଂ ସେମାନେ ଏହାକୁ କିଛି ଦିନ ମଧ୍ୟରେ ସମାଧି ଦେଇ ଦେବେ, ସେ

ତାଙ୍କର ଦୂତ କିମ୍ବା ତାଙ୍କର ମହିମା-...ରେ ପ୍ରବେଶ କରି ଯାଇଥିଲେ, ମହିମାମୟ ଶରୀରରେ ନୁହେଁ, ମାତ୍ର ତାଙ୍କ ଥିଓଫାନିରେ, ସେହି ଶରୀରରେ ଯାହାକି ପୂର୍ବରୁ ପ୍ରସ୍ତୁତ କରା ହୋଇଅଛି । ଏହା ଆପଣଙ୍କର ସହିତ ହାତ ମିଶାଇ ପାରିବ ନାହିଁ । ଏହା ପାଖରେ ହାତ ମିଶାଇବା ପାଇଁ, ସେହିପରି ଭାବରେ ହାତ ରହେ ନାହିଁ, ମାତ୍ର ଏହା ତ ଏକ ମନୁଷ୍ୟର ପ୍ରତିମୂର୍ତ୍ତିରେ ଅଟେ । "ତଳକୁ ଆସିଥିଲା, ଏବଂ କବାଟରେ ଆଘାତ କରୁଥିଲା ।"

90 ସେ କହିଲା, "ନା । ଏହା ପିତର ଅଟନ୍ତି । ସେ ସେଠାରେ ଛିଡା ହୋଇଛନ୍ତି ।" ସେ କବାଟ ଖୋଲି ଭିତରକୁ ପ୍ରବେଶ କରିଗଲେ । ସେଠାରେ ସେ ଥିଲେ । ତେବେ, ପିତର ଏହି ଆଲୋକ ଦ୍ୱାରା ଉଦ୍ଧାର କରା ଯାଇଥିଲେ ।

91 ତେବେ, ସେହି ସମାନ ପ୍ରକାରେ ଯେ ସେହି ଆରମ୍ଭିକ...ଯେ ପାଉଲ, ସେହି ପ୍ରାରମ୍ଭିକ ମଣ୍ଡଳୀରେ, ପରମେଶ୍ୱରଙ୍କ ସେହି ଆଲୋକକୁ ଦେଖିଥିଲେ ଯାହାକି ପାଉଲଙ୍କ ଉପରେ ଝଲସି ଉଠିଥିଲା, ସେହି ସମାନ ବିଷୟ ତଳକୁ ଆସିଅଛି । ତେବେ, ଲୋକମାନେ କିଛି ବି କହିପାରନ୍ତି, ତାହା ଏହାକୁ ଠିକ୍ ବୋଲି ଉପସ୍ଥାପିତ କରେ ନାହିଁ । ମାତ୍ର ପରମେଶ୍ୱର ଯେତେବେଳେ କିଛି ଗୋଟାଏ ପ୍ରମାଣ କରନ୍ତି, ଏହାର କାର୍ଯ୍ୟ ତାହାକୁ ପ୍ରମାଣ କରେ । ତାହାପରେ, ସେହି କ୍ୟାମେରା ଏହାକୁ ପ୍ରମାଣ କରେ । ଏବଂ ସମସ୍ତ କିଛି ଯାହାକି ଆମେ... ଯାହାକି ପ୍ରଭୁ କରିଛନ୍ତି, ସଂପୂର୍ଣ୍ଣ ଭାବରେ, ଅମୋଘ ଭାବରେ ପ୍ରମାଣିତ ହୋଇଅଛି ଯେ ଏହା ପରମେଶ୍ୱର ଅଟନ୍ତି, ଶାସ୍ତ୍ରଗୁଡିକ ଦ୍ୱାରା, ଏହାର କାର୍ଯ୍ୟଗୁଡିକ ଦ୍ୱାରା, ଅନୁଭୂତି ଦ୍ୱାରା । ମାତ୍ର ସେମାନେ ଶୁଣିବେ ନାହିଁ ।

92 ଏଠାରେ ଏହି ଆରାଧନାଳୟରେ ଦେଖନ୍ତୁ । ତେବେ, ମନେରଖନ୍ତୁ, ଆପଣ ଏହା ଜାଣିଛନ୍ତି । ଆମେ ଭିଡ଼ର ଇଚ୍ଛା କରୁନାହୁଁ । ଯେକୌଣସି ଉପାୟରେ ବି, ଆମ ପାଖରେ ସେଗୁଡିକୁ ରଖିବା ପାଇଁ କୌଣସି ସ୍ଥାନ ନାହିଁ । ମାତ୍ର, ଦେଖନ୍ତୁ । ଏହି ପ୍ରକାରର ଏକ ସଭା, ଯେଉଁଠାରେକି ଆମେ ଏଇଥି ଯୋଗୁଁ ଏକାଠି ଆସୁଥିଲୁ, ସେହି ଫଲ୍ସ ସହରଗୁଡିକୁ ଆକର୍ଷିତ କରିବା ଉଚିତ୍ । ମାତ୍ର ସେମାନେ ମୃତ ଅଟନ୍ତି । ସେମାନେ ସଂପୂର୍ଣ୍ଣ ଭାବେ ମରି ଯାଇଛନ୍ତି । ସେମାନଙ୍କର ଆଖି ଅଛି ମାତ୍ର ସେମାନେ ଦେଖିପାରନ୍ତି ନାହିଁ ।

ଆପଣ କୁହନ୍ତି, ଆପଣ, "କାହିଁକି, ଭାଇ ବ୍ରାନହାମ୍, କଅଣ ସେମାନେ ଡାକ୍ତରଙ୍କ ପାଖକୁ ଯାଇ ସେମାନଙ୍କର ଆଖିକୁ ଠିକ୍ କରାଇବେ ନାହିଁ କି?" ସେ ସେହି ପ୍ରକାର ଦୃଷ୍ଟିଶକ୍ତିକୁ ଠିକ୍ କରିପାରନ୍ତି ନାହିଁ ।

93 ଯୀଶୁ କହିଲେ, "ଯଦି ତୁମେ ମୋତେ ଜାଣିଥାଆନ୍ତ, ତୁମେ ମୋର ଦିନକୁ ଜାଣିଥାଆନ୍ତ ।" ସେ କହିଲେ, "ତୁମେ ଅନ୍ଧ ଫାରୂଶୀମାନେ । ତୁମେ ଆକାଶର ଚିହ୍ନ ଜାଣିପାର, କିନ୍ତୁ ସମୟର ଲକ୍ଷଣମାନ, ତୁମେ ଜାଣିପାର ନାହିଁ ।"

94 କଅଣ ତାହା ଆପଣଙ୍କ ମୁଣ୍ଡ ଉପର ଦେଇ ଚାଲିଯାଏ କି? ଶୁଣନ୍ତୁ । ସେହି ଚିହ୍ନଗୁଡିକୁ ଦେଖନ୍ତୁ ଯେ ଆମେମାନେ ଏଠାରେ ରହୁଅଛୁ । ତେବେ, ଏହା କେବଳ ଏପରି କିଛି ଗୋଟାଏ

ନୁହେଁ...ମୁଁ, ନିଜେ, ମୁଁ ତ କେବଳ ଜଣେ ମନୁଷ୍ୟ ଅଟେ, ଏପରିକି କଥା କହିବା ପାଇଁ, ଜଣେ ପ୍ରଚାରକ ସୁଦ୍ଧା ନୁହେଁ। ମୋର କୌଣସି ଶିକ୍ଷା ନାହିଁ, ଯାହାକୁ ଜଗତ, "ଜଣେ ପ୍ରଚାରକ" ବୋଲି କୁହେ। ଏବଂ ଆମେ ତ କେବଳ ଗରିବ ଲୋକମାନେ ଅଟୁ। ଆମେ ରହିଥିବା ସେହି ଭବନକୁ ଦେଖନ୍ତୁ। ଆଜି ସକାଳେ, ସେହି ଗୀର୍ଜାଘରଗୁଡ଼ିକୁ ଦେଖନ୍ତୁ। ମାତ୍ର ଦେଖନ୍ତୁ ଯେ ପରମେଶ୍ୱର କେଉଁଠାରେ ଅଛନ୍ତି। ସେହିଠାରେ ହିଁ ସେହି ବିଷୟ ଅଛି।

95 ତେବେ ମୋୟାବ ସେଠାରେ ତାର ସମସ୍ତ ମହିମା ଏବଂ ତାର ସୌନ୍ଦର୍ଯ୍ୟରେ ଛିଡ଼ା ହୋଇଥିଲା, ମାତ୍ର ସେଠାରେ ଇସ୍ରାଏଲ ତମ୍ବୁରେ ରହିଥିଲା। ମାତ୍ର ପରମେଶ୍ୱର କେଉଁଠାରେ ଥିଲେ? ସେଠାରେ ତଳେ ପବିତ୍ର-ପାଖଣ୍ଡର ଏକ ଛୋଟ ସମୂହ ଥିଲା, ଏବଂ ସେହି ସବୁକିଛି ବିଷୟ କରିଥିଲା ଯାହାକି ଭୁଲ୍ ଥିଲା। ମାତ୍ର ବିଲିୟାମ୍, ସେମାନଙ୍କର—ସେମାନଙ୍କର ବିଶପ୍, ସେହି ପ୍ରହାରିତ ଶୈଳ, ସେହି ପିତ୍ତଳ ସର୍ପ, ସେହି ଅଗ୍ନିସ୍ତମ୍ଭକୁ ଦେଖିବାରେ ବିଫଳ ହୋଇଥିଲା। ତାହାର ଆଖିଗୁଡ଼ାକ ଅନ୍ଧ ଥିଲା। ସେ ଏହାକୁ ଦେଖିପାରି ନ ଥିଲା। ସେ କହିଲା, "ସେମାନେ କେବଳ ତାହା କଳ୍ପନା କରୁଛନ୍ତି।" ମାତ୍ର ସେ ସେଠାରେ ଥିଲେ।

96 ପରମେଶ୍ୱର ଧନ୍ୟ ହେଉନ୍ତୁ, ଓଃ, ସେ ଏଠାରେ ଅଛନ୍ତି! ପରମେଶ୍ୱର ଏଠାରେ ଅଛନ୍ତି, ଏବଂ ସେ ସେହି ସମାନ ବିଷୟକୁ ସାଧନ କରୁଅଛନ୍ତି ଯାହା ସେ କରିଅଛନ୍ତି। ଏବଂ ସେ ଇଚ୍ଛା-...ଆମେ ଶାସ୍ତ୍ର ସହିତ ଶାସ୍ତ୍ରକୁ ତୁଳନା କରୁ। ପରମେଶ୍ୱର ଆପଣାକୁ ପୃଥିବୀରେ କଦାପି, କୌଣସି କିଛି ବଡ଼ ବିଷୟ ଭାବରେ ପରିବେଷଣ କରି ନାହାଁନ୍ତି, ମାତ୍ର ସେ ତ ସଦାସର୍ବଦା ସାଧାରଣ ଏବଂ ବିନମ୍ର ଲୋକମାନଙ୍କ ମଧ୍ୟରେ ବାସ କରିଅଛନ୍ତି। ଏବଂ ଏଠାରେ ସେ ଆଜି ସକାଳେ, ସେହି ସମାନ କାର୍ଯ୍ୟକୁ କରୁଅଛନ୍ତି। ଶାସ୍ତ୍ର ଏହାକୁ ପ୍ରମାଣିତ କରେ। କ୍ୟାମେରା ଏହାକୁ ପ୍ରମାଣ କରେ। ତେବେ, ସେହି କାରଣ, ଯେ ମୁଁ ସେହି ଚିତ୍ରକୁ ସୂଚାଉଅଛି, ଏହା ଏଇଥି ପାଇଁ ନୁହେଁ ଯେ ମୁଁ ସେଠାରେ ଅଛି। ମୁଁ—ମୁଁ ତ କେବଳ ଜଣେ ପାପୀ ଅଟେ, ଅନୁଗ୍ରହ ଦ୍ୱାରା ଉଦ୍ଧାର ପାଇଅଛି, ଯେପରିକି ଆପଣମାନେ ଅଟନ୍ତି। ମାତ୍ର ମୁଁ ଯାହା କହିବାକୁ ଚେଷ୍ଟା କରୁଅଛି, ତାହା ହେଉଛି ଏହା ଯେ, ଏହା ତାହାଙ୍କର ଉପସ୍ଥିତି ଆମ ସହିତରେ ଅଟେ। ତାହାହିଁ ହେଉଛି ମୁଖ୍ୟ ବିଷୟ। ତେବେ, ଯଦି ସେ ମୋତେ ଜଣେ—ଜଣେ ଅବତରିତ ଇଲୀଶାୟ କରନ୍ତି, ଯଦି ତାହା ପ୍ରତ୍ୟୟ କରିବାକୁ ଆପଣଙ୍କଠାରେ ବିଶ୍ୱାସ ନାହିଁ, ତାହାହେଲେ ଏହା ଆପଣଙ୍କ୍ର କୌଣସି ଉପକାର କରିବ ନାହିଁ।

"ସେ ତାହାଙ୍କର ନିଜର ଲୋକମାନଙ୍କ ପାଖକୁ ଆସିଲେ, ତାହାଙ୍କର ନିଜର ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ।"

97 ତାହାହିଁ କାରଣ ହେଉଛି, ଯେ ଏଠାରେ ଆଜି ଏହି ସହରରେ। କାହିଁକି, ମୁଁ ଏଠାରେ କୌଣସି ବଡ଼ ଭବନରେ କିମ୍ବା କିଛି ଗୋଟାଏରେ, ଏକ ଉଦ୍ଦୀପନା ଆରମ୍ଭ କରିପାରିବି, ଆପଣ କଦାପି ଏହାକୁ ବିଶ୍ୱାସ କରାଇବା ନିମନ୍ତେ ଅନେକ ଲୋକମାନଙ୍କୁ ପ୍ରବର୍ତ୍ତାଇ ପାରିବେ ନାହିଁ। ସେମାନେ ତାହା କରିବେ ହିଁ ନାହିଁ। ସେମାନେ କରିପାରନ୍ତି ନାହିଁ। ସେମାନଙ୍କର ଦିନ

ସମାପ୍ତ ହୋଇଯାଇଅଛି ।

98 ଏହି ସମାନ ଶିକ୍ଷା, ଆଜି ସକାଳେ, ଆଫ୍ରିକାରେ, ବୋଧହୁଏ ଅତି କମରେ, ଦଶ ହଜାରକୁ ଉତ୍ପନ୍ନ କରିବ, ଖ୍ରୀଷ୍ଟଙ୍କ ପାଇଁ ଦଶ ହଜାର ପ୍ରାଣଗୁଡିକୁ ଉତ୍ପନ୍ନ କରିବ; ଯେଉଁଠାରେକି ଆଜି ସକାଳେ ଏଠାରେ ଜଣେ ପାପୀ, କିମ୍ବା ସେହିପରି କିଛି ଗୋଟାଏ, କୌଣସି ପଶ୍ଚାଦ ଗମନକାରୀ ବସିଥିବେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ତ କେବଳ ତନ୍ନ ତନ୍ନ କରି ବଛା ଯାଇ ସାରିଛନ୍ତି, ଯେପର୍ଯ୍ୟନ୍ତକି ତାହା ଶେଷ ହୋଇ ଯାଇଅଛି । ତାହାହିଁ ସବୁ ଅଟେ ।

99 ମାତ୍ର ଆମେ ଯାହା କହିବାକୁ ଚେଷ୍ଟା କରୁଅଛୁ, ତାହା ହେଉଛି, ଶାସ୍ତ୍ର ସହିତ ଶାସ୍ତ୍ର ତୁଳନା କରେ । ତେବେ, ଯାଏ ଆସେ ନାହିଁ ଯେ ସେହି ଅନୁଭୂତି କେତେ ମହାନ୍ ଅଟେ, ଯଦି ଏହା ଶାସ୍ତ୍ର ସହିତ ତୁଳନା କରେ ନାହିଁ, ଏହା ଭୁଲ୍ ଅଟେ ।

ସେହି ଉରିମ୍ ଥୁମ୍ମିମ୍, ଯାଏ ଆସେ ନାହିଁ ଯେ ସେହି ଭବିଷ୍ୟଦ୍‌ବକ୍ତା କେତେ ଭଲ ଥିଲେ, ଯଦି ସେ କଥା କହିଲେ ଏବଂ ସେହି ପ୍ରକାଶ ଉରିମ୍ ଥୁମ୍ମିମ୍ ଉପରେ ଝଲସି ଉଠିଲା ନାହିଁ, ତେବେ ଏହା ଭୁଲ୍ ଥିଲା । ସେହି ସ୍ୱପ୍ନ କେତେ ଭଲ ଦିଶୁଥିଲା, ଯଦି ଏହା ଉରିମ୍ ଥୁମ୍ମିମ୍ ଉପରେ ପ୍ରକାଶିତ ନ ହେଲା, ତେବେ ଏହା ଭୁଲ୍ ଥିଲା ।

ଯେତେବେଳେ ସେହି ଯାଜକତ୍ୱ ସମାପ୍ତ ହେଲା, ପରମେଶ୍ୱର ତାଙ୍କର ବାଇବଲକୁ ଉତ୍ଥାପନ କଲେ । ପାଉଲ କହିଲେ, "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ଆସନ୍ତି," ଗାଲାତୀୟ 1:8, "ଏବଂ ତୁମ ନିକଟରେ ପୂର୍ବରୁ ପ୍ରଚାର କରାଯାଇଥିବା ବ୍ୟତୀତ ଅନ୍ୟ କୌଣସି ସୁସମାଚାର ପ୍ରଚାର କରନ୍ତି, ତାହହେଲେ ସେ ଅଭିଶପ୍ତ ହେଉନ୍ତୁ ।"

100 ସ୍ୱର୍ଗରୁ ଆସିଥିବା ସେହି ଦୂତ ଯିଏକି ସ୍ୱୟଂ ନିଜେ ପରମେଶ୍ୱର ଥିଲେ, ପ୍ରକାଶିତ ବାକ୍ୟର ଲେଖକ ଯୋହନଙ୍କୁ କହିଥିଲେ, "ମୁଁ ଯୀଶୁ ମୋର ଦୂତଙ୍କୁ ଏହି ସବୁ ବିଷୟଗୁଡିକୁ ପ୍ରମାଣ କରାଇବା ହେତୁ କିମ୍ବା, ଦେଖାଇବା ହେତୁ ପ୍ରେରଣ କଲି ।" ସେ କହିଲେ, "ଯଦି କୌଣସି ବ୍ୟକ୍ତି ଏଥିରେ ଗୋଟିଏ ହେଲେ ଶବ୍ଦ ଯୋଗ କରିବେ, କିମ୍ବା ଏଥିରୁ ଗୋଟିଏ ହେଲେ ଶବ୍ଦ ଲୋପ କରିବେ, ସେହି ସମାନ ବିଷୟଟି ତାଙ୍କ ପାଇଁ, ଜୀବନ ପୁସ୍ତକରୁ ବାହାର କରି ଦିଆଯିବ ।" *ଏହା* ହେଉଛି ତାହା, ସେହି ବାଇବଲ ।

101 ଅତଏବ, ଏହି ଅନୁଭୂତିମାନ ଏବଂ ଏହି ବିଷୟଗୁଡିକ ଯାହାକି ଏଠାରେ ଆମ ସହିତ ଘଟିବାକୁ ହେଉଅଛି, ଯଦି ଏହା ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ପ୍ରମାଣିତ ନ ହୁଏ, ତେବେ ଏହା ଭୁଲ ହେବ; ମୋର ଏଥିରେ କିଛି ଫରକ୍ ପଡେ ନାହିଁ ଯେ କଅଣ ଘଟିତ ହେବ, ଏହା ଭୁଲ ହେବ । ତେଣୁକରି ଏହା ଶାସ୍ତ୍ର ଅନୁସାରେ, ସମ୍ପୂର୍ଣ୍ଣ ସତ୍ୟ ଅଟେ । ଓଃ, ମୁଁ ବହୁତ ଆନନ୍ଦିତ ଯେ ମୁଁ ଖ୍ରୀଷ୍ଟଙ୍କର ସେହି ମହାନ ଶରୀରର ଏକ ସଦସ୍ୟ ଅଟେ ।

102 ତେବେ, ଆସନ୍ତୁ ବର୍ତ୍ତମାନ ଯିବା, ଆମେମାନେ ପାଠ ନିକଟକୁ ଆସୁଅଛୁ । ତେବେ, ଆମେମାନେ ଏଠାରେ ଶେଷ କରିଥିଲୁ ଯେଉଁଠାରେ ସେ କହିଥିଲେ, "ଏହା ଦେଖି ଯେ ଆମେ

ଚାରିଆଡୁ ଘେରା ହୋଇଅଛୁ...” ନୁହେଁ...ମୋତେ କ୍ଷମା କରନ୍ତୁ । ତାହା ତ, ମୁଁ ସେହି 12ଶ ଅଧ୍ୟାୟକୁ ଉଦ୍ଧୃତ କରୁଥିଲି । ମୁଁ ଏହାକୁ ପାଠ କରି ଆସୁଛି, ମାତ୍ର ମୁଁ ଏହାକୁ ଅଧ୍ୟୟନ କରି ନାହିଁ । ମୁଁ...

103 ଭାଇ ନର୍ମାନ, ମୋ ଘରେ ସେଠାରେ ରହିଥିଲେ, ଏବଂ ସେ ଜାଣନ୍ତି ଯେ ମୁଁ ଗତକାଲି ହିଁ ଘରକୁ ଆସିଅଛି, ଏବଂ ସେଠାରେ ତଳେ ଥିବା, ଭାଇମାନେ ଜାଣନ୍ତି, ଯେ ମୁଁ ବର୍ତ୍ତମାନ ହିଁ ଆସିଅଛି । ଶାସ୍ତ୍ର ପଢ଼ିବା ନିମନ୍ତେ ଯେଉଁ ଅଳ୍ପ ସମୟ କେବଳ ମୁଁ ପାଇଥିଲି, ତାହା ହେଲା କିଛି ମିନିଟ୍ ପୂର୍ବରୁ, ଠିକ ଏଠାରେ ବସି ରହିଥିବା ବେଳେ । ତାହା ଠିକ୍ । ଏହାକୁ ଅଧ୍ୟୟନ କଲି ନାହିଁ, ମୁଁ କେବଳ ପବିତ୍ରଆତ୍ମାଙ୍କ ଉପରେ ଅପେକ୍ଷା କଲି ଯେ ସେ ଏହାକୁ ପ୍ରଦାନ କରନ୍ତୁ ଯେପରି ସେ ଏହାକୁ ଚାହାଁନ୍ତି । ସେ ଜାଣନ୍ତି ଯେ ସେହି ବ୍ୟକ୍ତି କେଉଁଠାରେ—ଠାରେ ଅଛନ୍ତି, ଯାହାଙ୍କୁ ଏହା ପ୍ରାପ୍ତ କରିବାର ଅଛି । ତେଣୁକରି ଯଦି ମୁଁ ମୋ ମନରେ ଏପରି କିଛି ବିଷୟ ପ୍ରସ୍ତୁତ କରେ ଯାହା ମୁଁ କହିବାକୁ ଯାଉଅଛି, ତେବେ ଏହା ଭୁଲ ଅଟେ । କିନ୍ତୁ ଯଦି ମୁଁ କେବଳ ଏହା ତାହାଙ୍କୁ କରିବାକୁ ଦିଏ, ତେବେ ସେ ଏହାକୁ ଠିକ ସେହି ସ୍ଥାନକୁ ନେଇଯିବେ ଯେଉଁଠାରେକି ଏହାର ସ୍ଥାନ ଅଟେ । ବୁଝିଲେ? “ତୁମେ କଅଣ କହିବ ତାହା ଚିନ୍ତା କର ନାହିଁ, କାରଣ ଏହା ତୁମେ ନୁହଁ ଯିଏକି ଏହା କହିବ, ଏହା ତ ତୁମର ପିତା ଅଟନ୍ତି ଯିଏକି ତୁମ ଭିତରେ ବାସ କରୁଛନ୍ତି । ସେ ହିଁ କଥା କୁହନ୍ତି ।”

104 ତେବେ, ସେହି ଶେଷ ଅଧ୍ୟାୟ, ପୂର୍ବବର୍ତ୍ତୀ ଅଧ୍ୟାୟ, ଆମେମାନେ ଏହା ଶୁଣିଛୁ, ଯେ, “ତେବେ ଏପରି ମହାପରିତ୍ରାଣକୁ ଅବହେଳା କଲେ, ଆମେମାନେ କିପରି ରକ୍ଷା ପାଇବା; ଯାହାକି ଆମମାନଙ୍କଠାରେ ପ୍ରଥମରେ ପ୍ରଭୁ ଯୀଶୁଙ୍କ ଦ୍ୱାରା, ଏବଂ ସେମାନଙ୍କ ଦ୍ୱାରା ଯେଉଁମାନେକି ତାହାଙ୍କ କଥା ଶୁଣିଥିଲେ?” ସେହି ସମାନ ବିଷୟମାନ ଯାହା ଯୀଶୁ କରିଥିଲେ, ଏହା ଦେଖାଇବା ପାଇଁ, ଠିକ ସେହି ସମାନ ବିଷୟଗୁଡ଼ିକ ଏଠାରେ ଘଟିଥାଏ: ପରମେଶ୍ୱରଙ୍କ ସେହି ସମାନ ସ୍ୱର୍ଗଦୂତ, ସମାନ କାର୍ଯ୍ୟ, ସମାନ ପ୍ରମାଣ, ସମାନ ସବୁକିଛି, ସବୁକିଛି ଏକ ସଙ୍ଗରେ, ସମାନ ସୁସମାଚାର, ଠିକ ବାକ୍ୟ ସହିତରେ । “ଯଦି ତାହା ପ୍ରଭୁଙ୍କ ଦ୍ୱାରା ଶିଖାଯାଇଥିଲା, ତାହାପରେ ତାହାଙ୍କ ଶିଷ୍ୟମାନଙ୍କ ଦ୍ୱାରା ସୁନିଶ୍ଚିତ କରାଗଲା ଯାହା ଆମେମାନେ ଶୁଣିଅଛୁ,” ପାଉଲ ସେହି ସମାନ ଭାବରେ, “ତେବେ ଏପରି ମହାପରିତ୍ରାଣକୁ ଅବହେଳା କଲେ, ଆମେମାନେ କିପରି ରକ୍ଷା ପାଇବା?”

105 ତେବେ, ପାଉଲ ଏହା ତାଙ୍କର ଏବ୍ରୀ ଶ୍ରୋତାବୃନ୍ଦଙ୍କୁ କହୁଥିଲେ । ତେବେ, ସେମାନଙ୍କ ପାଖରେ ଟେପ୍ ରେକର୍ଡର୍ ନ ଥିଲା, ଯେପରିକି ଆଜି, ଆମେ ପାଖରେ ଏଠାରେ ଅଛି । ମାତ୍ର ସେଠାରେ ସେମାନଙ୍କ ପାଖରେ ଲିପିକମାନେ ବସି ରହିଥିଲେ, ସେଗୁଡିକୁ ଠିକ ସେହିପରି ଭାବରେ ଲେଖିଥିଲେ ଯେପରି ଭାବରେ ପାଉଲ ଏହାକୁ ପ୍ରଚାର କରୁଥିଲେ ।

ଏବଂ ତାହା ହିଁ ଅଟେ ଯାହାକି ଠିକ ଏଠାରେ ତାହା ଅଛି । ଆମେ ଏହାକୁ ଟେପ୍ ରେକର୍ଡର୍ ଦ୍ୱାରା ପ୍ରାପ୍ତ କରୁଅଛୁ, ଏବଂ ଏହି ଟେପ୍‌ଗୁଡ଼ିକ ସମଗ୍ର ବିଶ୍ୱକୁ ଯାଏ, ଦେଖନ୍ତୁ, ଏହା ଦର୍ଶାଇବା

ହେତୁ ଯେ ତାହା ସତ୍ୟ ଅଟେ । ଆମର ଧର୍ମ ବୃଥାରେ ନୁହେଁ, ଏହା ସଂପୂର୍ଣ୍ଣ ଭାବରେ ପୁନରୁତ୍ଥିତ ଯୀଶୁ ଖ୍ରୀଷ୍ଟ, ସମାନ ବିଷୟ ଅଟେ । ତେବେ ଆମେ ଏହାକୁ ଅବହେଳା କରିବା ଉଚିତ୍ ନୁହେଁ ।

106 ତେବେ, ଆଜି, କେବଳ ମଣ୍ଡଳୀଠାରୁ ଦୂରେଇ ଯାଇ, ଏହା କୁହନ୍ତୁ ନାହିଁ, “ତେବେ, ମୁଁ ସେଠାକୁ ଯିବା ଏକ ପ୍ରକାର ଉପଭୋଗ କରେ । ମୁଁ ଗୀତ ଗାଇବାକୁ ପସନ୍ଦ କରେ, ଏବଂ ସେହି ଛୋଟ ପୁରୁଣା ମଣ୍ଡଳୀର ଚାରିଆଡେ ଲୋକମାନେ ବନ୍ଧୁତ୍ୱପୂର୍ଣ୍ଣ ଅଟନ୍ତି ।” ତାହା କରନ୍ତୁ ନାହିଁ ।

107 ଭାଇ, ଆପଣଙ୍କର ହୃଦୟ ଏକ ଜ୍ୱଳନ୍ତ ମଶାଲ ହୋଇଯାଉ, କୁହନ୍ତୁ, “ଏଠାରେ, ମୋତେ ଏହି ବିଷୟରେ କିଛି ଗୋଟାଏ କରିବାକୁ ଅଛି । ମୋତେ ବାହାରକୁ ଯାଇ ଏହା ଦେଖିବାକୁ ଅଛି ଯଦି ମୁଁ କାହାରିକୁ ଉଦ୍ଧାର କରିପାରେ କି ।”

108 ଏବଂ ଏହା କହି, ବାହାରକୁ ଯାଆନ୍ତୁ ନାହିଁ, “ପରମେଶ୍ୱର ଧନ୍ୟ ହେଉନ୍ତୁ, ଯଦି ଆପଣ ଅନୁତାପ ନ କରିବେ, ଆପଣ ବିନଷ୍ଟ ହେବାକୁ ଯାଉଅଛନ୍ତି ।” ନା ।

ଏହାକୁ ନମ୍ର ଭାବରେ ଗ୍ରହଣ କରନ୍ତୁ । “ସର୍ପ ପରି ଚତୁର ହୁଅ, କପୋତ ପରି ନିରୀହ ହୁଅ ।” ଦେଖନ୍ତୁ, ତାହାହିଁ ଯିବାର ଉପାୟ ଅଟେ । ସେହି ବ୍ୟକ୍ତିଙ୍କ ନିକଟକୁ ଯାଆନ୍ତୁ, ଯଦି ସେ କୁକୁଡ଼ା ପାଳନ କରୁଥାଆନ୍ତି, ତେବେ କିଛି ସମୟ ପାଇଁ, ତାଙ୍କ ସହିତ, କୁକୁଡ଼ା ବିଷୟରେ କଥାବାର୍ତ୍ତା କରନ୍ତୁ । ବୁଝିଲେ? ଏବଂ ତାହାପରେ, ପ୍ରଥମ ବିଷୟ ଆପଣ ଜାଣନ୍ତି, ଆପଣ ପ୍ରଭୁଙ୍କ ବିଷୟରେ କଥାବାର୍ତ୍ତା କରୁଥିବେ । ଯଦି ସେ ଜଣେ କୃଷକ ଅଟନ୍ତି, ତେବେ ତାଙ୍କ କୃଷି କ୍ଷେତ୍ର ବିଷୟରେ କଥାବାର୍ତ୍ତା କରନ୍ତୁ ।

109 ଯଦି ସେ ଗାଡି ମୋଟର ବିକ୍ରୟ କରୁଥାଆନ୍ତି, ତେବେ କିଛି ସମୟ ପାଇଁ, ତାଙ୍କର ଗାଡି ମୋଟର ବିଷୟରେ କଥା ହୁଅନ୍ତୁ, “ତୁମେ କେତେ ସୁନ୍ଦର କାରଗୁଡିକ ରଖିଅଛ,” ଏବଂ ଇତ୍ୟାଦି ସବୁ । ବୁଝିଲେ?

110 ଯେପର୍ଯ୍ୟନ୍ତକି ଆପଣ ସେହି ଆତ୍ମାକୁ ଧରି ନ ନିଅନ୍ତି, ଯେତେବେଳେ ପିତା କୁହନ୍ତି, “ତେବେ ସେହି ସମୟ ଉପସ୍ଥିତ ଅଟେ ଯେ ତାଙ୍କ ପ୍ରାଣ ବିଷୟରେ କଥା କୁହାଯାଏ ।”

111 ଆପଣ ଏହାକୁ ସମାପ୍ତ କରିପାରନ୍ତି, ଦେଖନ୍ତୁ, “ତାହା ଏକ ଉତ୍ତମ ମୋଟରଗାଡି ଅଟେ । ଆପଣ ଜାଣନ୍ତି ଯେ ପରିବହନ, ଆଜି, ବହୁତ ଭଲ ହୋଇ ଯାଇଅଛି । ଓଃ, କିପରି ଯେ ସେହି ରାଷ୍ଟ୍ରଗୁଡିକୁ ଏକାଠି ଅଣା ଯାଇଅଛି; ଏବଂ ଆମ ଦେଶର ନଗରଗୁଡ଼ିକୁ, ଏକତ୍ର ଅଣା ଯାଇଅଛି । ବନ୍ଧୁଗଣ ଏବଂ ମାତାମାନେ ପରସ୍ପରକୁ ପରିଦର୍ଶନ କରିପାରନ୍ତି । ଆପଣ ଜାଣନ୍ତି, ସେହି ମୋଟରଗାଡିକୁ ରଖିବା କେତେ ଅଦ୍ଭୁତ ଅଟେ ଯାହା ଆପଣ ବିକ୍ରୟ କରୁଅଛନ୍ତି ।”

112 “ହଁ, ଆଜ୍ଞା । ଏହା ନିଶ୍ଚିତରେ ଅଟେ । ଉଃ-ହୁଃ ।” ଆପଣ ଜାଣନ୍ତି, ତାଙ୍କ ସିଗାରେଟ୍ ଧୂଆଁ ଛାଡ଼ି, କିମ୍ବା ଏହା ଯାହାକିଛି ବି ଅଟେ । “ହଁ, ସେଗୁଡିକ, ସେଗୁଡ଼ିକ ଉତ୍ତମ କାରଗୁଡିକ ଅଟେ ।”

113 “କଅଣ ଆପଣ କେବେ ଚିନ୍ତା କରିଛନ୍ତି ଯେ ସେହି ପୁରୁଣା-କାଳିଆ ଲୋକମାନେ କଅଣ ଭାବନ୍ତେ ଯଦି ସେମାନେ ସେହିପରି କିଛି ବିଷୟ ଦେଖିଥାଆନ୍ତେ?” ଠିକ ସେହିପରି

ଭାବରେ କଥା କହି ଚାଲିଥାଆନ୍ତୁ, ଆପଣ ଜାଣନ୍ତି ।

କିଛି ସମୟ ପରେ, କୁହନ୍ତୁ, "ହଁ, ହଁ, ନିଶ୍ଚିତରେ ଅଟେ ।"

114 "ଆପଣ ଜାଣନ୍ତି, ଅନ୍ୟ ଏକ ବିଷୟ ଯାହାକି ଏହା କରେ, ଏହା ନେଇକରି ଆସିଥାଏ ଯେପରିକି ଆମମାନଙ୍କୁ, ଉଦ୍ଦୀପନାଗୁଡିକ ମଧ୍ୟକୁ ନେଇକରି ଆସିଥାଏ । ଲୋକମାନେ ଏକ ଉଦ୍ଦୀପନା ପାଇଁ, ଶୀଘ୍ର ଭାବରେ, ଦେଶର ଭିନ୍ନ ଅଞ୍ଚଳରୁ ଆସିପାରନ୍ତି ।" ଦେଖନ୍ତୁ, ଆପଣ ସବୁବେଳେ, ସେହି ରାସ୍ତାକୁ ଉନ୍ମୁକ୍ତ କରୁଅଛନ୍ତି, ଆପଣ ଜାଣନ୍ତି ।

115 ଯଦି ଆପଣ ଏପରି ଅନୁଭବ କରନ୍ତି ଯେ କିଛି ଗୋଟାଏ ବିଷୟ ବାଧା ଦେଉଅଛି, ତାହାହେଲେ ଠିକ ସେଠାରେ ଅଟକି ଯାଆନ୍ତୁ, *ଏଠାକୁ* ଚାଲି ଆସନ୍ତୁ । ଯେପରି ଫିନିକ୍ସରେ, ଜଣେ ଡାକ୍ତର କହିଥିଲେ, କହିଲେ, "ପ୍ରଭୁ, ମୋର ମୁଖକୁ ଉତ୍ତମ ଶବ୍ଦରେ ପରିପୂର୍ଣ୍ଣ କର, ଏବଂ ତାହାପରେ ଯେତେବେଳେ ମୁଁ ଯଥେଷ୍ଟ କହି ସାରିଥାଏ ମୋତେ ଇଶାରା କରି ଦିଅ ।" କଅଣ ଆପଣ ବୁଝିଲେ କି? ହଁ । "ଯେତେବେଳେ ମୁଁ ଯଥେଷ୍ଟ କହି ସାରିଥାଏ ମୋତେ ଇଶାରା କର ।"

116 ତେବେ, ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଆମେ ବର୍ତ୍ତମାନ 15ତମ ଅଧ୍ୟାୟ, କିମ୍ବା 3ୟ ଅଧ୍ୟାୟର 15ତମ ପଦରୁ ଆରମ୍ଭ କରିବାକୁ ଯାଉଅଛୁ ।

*ଉକ୍ତ ଅଛି, ଆଜି ଯଦି ତୁମ୍ଭେମାନେ…ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର ।*

117 ତେବେ ପାଉଲଙ୍କୁ ଏଠାରେ କହୁଥିବାର ଦେଖନ୍ତୁ । ବର୍ତ୍ତମାନ ଏହା ଉକ୍ତ ଅଛି, "ଆଜି, ଏତେ ସମୟ ପରେ ।" ଆମେମାନେ କିଛି ସମୟ ପରେ ଏଥି ଭିତରକୁ ପ୍ରବେଶ କରିବାକୁ ଯାଉଅଛୁ, ଯେ, "ଆଜି, ଏତେ ସମୟ ।" ପରବର୍ତ୍ତୀ ଅଧ୍ୟାୟକୁ ଆସନ୍ତି, "ଏତେ ସମୟ ପରେ ।"

*…ଉକ୍ତ ଅଛି, ଆଜି ଯଦି ତୁମ୍ଭେମାନେ…ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ* କଠିନ ନ କର, ଯେତେବେଳେ ସେମାନେ ପରମେଶ୍ୱର ବିରକ୍ତି ଜନ୍ମାଇଥିଲେ ।

118 ତେବେ ଆସନ୍ତୁ ପରବର୍ତ୍ତୀ ପଦଟି ପାଠ କରିବା ।

*ତେବେ କେତେକେ, ଯେତେବେଳେ ସେମାନେ ଶୁଣିଲେ, ବିରକ୍ତି ଜନ୍ମାଇଥିଲେ:…*

ତେବେ ସେ କେଉଁ ବିଷୟରେ କଥା କହୁଅଛନ୍ତି? ସୁସମାଚାର ।

*…ମୋଶାଙ୍କ ଦ୍ୱାରା ମିସର ଦେଶରୁ ଯେଉଁମାନେ ବାହାରି ଆସିଥିଲେ, ସେସମସ୍ତେ କଅଣ ନୁହଁନ୍ତି ।*

*ଆଉ କେଉଁମାନଙ୍କ ଉପରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ସେ ବିରକ୍ତ ହୋଇଥିଲେ? ଯେଉଁମାନେ ପାପ କରିଥିଲେ ଯେଉଁମାନଙ୍କ ଶବ ପ୍ରାନ୍ତରରେ ପଡିଥିଲା, କଅଣ ସେମାନଙ୍କ ଉପରେ ନୁହେଁ?*

119 ଆସନ୍ତୁ ଏଠାରେ ଗୋଟିଏ ମିନିଟ୍ ଅଟକି ଯିବା। ସେହି ବିରକ୍ତି, "ଯେତେବେଳେ ସେମାନେ ବିରକ୍ତି ଜନ୍ମାଇଥିଲେ।" ତେବେ ପରମେଶ୍ୱର କଅଣ କଲେ? ତେବେ ପାଉଲ କହିବାକୁ ଚେଷ୍ଟା କରୁଛନ୍ତି। ତାହା କଅଣ ଥିଲା ଯାହାକି ସେମାନଙ୍କୁ ମିସରରୁ ବାହାର କରି ଆଣିଥିଲା? କଅଣ ତାହା ମୋଶା ଥିଲେ କି? ନା। ମୋଶା ତ ଶରୀର ରୂପରେ ସାଧନ ଥିଲେ।

120 ତେବେ ଆମ ପାଖରେ ଏଠାରେ ଏକ ପୃଷ୍ଠଭୂମି ଅଛି। ଆମେ ବର୍ତ୍ତମାନ ସଳଖ ହେବାକୁ ଚାହୁଁଅଛୁ। ଯେତେବେଳେ ଆମେମାନେ ଏଠାରେ ଅଳ୍ପ କିଛି ମିନିଟ୍ ମଧ୍ୟରେ, ଏହି ସ୍ଥାନକୁ ପହଞ୍ଚିବା, ଆପଣ—ଆପଣ ଏହାକୁ ଦେଖି ପକାଇବେ।

121 ତେବେ, ପରମେଶ୍ୱର ଆପଣା ଲୋକମାନଙ୍କୁ ଅବ୍ୟବସ୍ଥିତ ବିଶ୍ରାମ ଦେଇଥିଲେ। ସେମାନେ ତଳେ ମିସରରେ ଥିଲେ। ସେମାନେ ସେମାନଙ୍କର ସଠିକ୍ ସ୍ଥିତିରୁ ବାହାରି ଯାଇଥିଲେ। ସେମାନେ ନିଜର ଦେଶରୁ ବାହାରେ ଥିଲେ। ସେମାନେ ପରଦେଶୀ ଏବଂ ତୀର୍ଥଯାତ୍ରୀ ଥିଲେ, ଏବଂ ପରମେଶ୍ୱର ସେମାନଙ୍କୁ ମିସର ରେ—ରେ, ସେହି ବାସ କରୁଥିବା-ସ୍ଥାନରୁ ବାହାର କରି, ସ୍ୱଦେଶକୁ ଆଣିବାକୁ ଯାଉଥିଲେ।

122 ଆଜିର ଏକ ପ୍ରତିରୂପ ଅଟେ; ଆମେମାନେ ଅବ୍ୟବସ୍ଥିତ ଅଟୁ। ଏଠାରେ ତାହା ଅଧିକ ସମୟ ନେବ ନାହିଁ। ସାନ ସାନ ଗୁଲୁଗୁଲିଆ-ହାତ ଥିବା ପୁଅ ପିଲାମାନେ ବାଟି ଖେଳୁଥିବା, ସାନ ସାନ ଝିଅମାନେ ଚକଲେଟ ସହିତ, ଖେଳୁଥିବା; ପ୍ରଥମ ବିଷୟ ଆପଣ ଜାଣନ୍ତି, ଆପଣଙ୍କର କେଶ ଧୂସର ହୋଇଯାଏ, ଏବଂ ଚର୍ମରେ କୁଞ୍ଚନ ହୋଇଯାଏ। ଏଠାରେ କିଛି ଗୋଟାଏ ଭୁଲ ଅଛି। ଏହା ଘର ନୁହେଁ। ଆମେମାନେ ଭୁଲ ସ୍ଥାନରେ ଅଛୁ। ସେଇଥି ପାଇଁ ଆମେମାନେ କହୁ ଯେ ଆମେ ତୀର୍ଥଯାତ୍ରୀ ଏବଂ ପରଦେଶୀ ଅଟୁ। କିଛି ଗୋଟାଏ ଘଟିଅଛି।

123 ଆଜି ସକାଳେ କୋଠରୀରେ, ଜଣେ ସାନ ମହିଳା କହୁଥିଲେ, ଯେ ବେଳେ ବେଳେ, ଲୋକମାନେ କିପରି ତାଙ୍କ ଉପରେ ହସନ୍ତି। ମୁଁ କହିଲି, "ମାତ୍ର, ଭଉଣୀ, ପ୍ରିୟ, ଆପଣ ସେହି ଲୋକମାନଙ୍କ ମଧ୍ୟରୁ ନୁହଁନ୍ତି।" ଆମେମାନେ ତ ଏକ ଭିନ୍ନ ଲୋକ ଅଟୁ।

124 ମୋର ସାନ ଝିଅ କହିଲା, "ବାପା, *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ଝିଅମାନେ କିଛି *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* କାର୍ଯ୍ୟଗୁଡିକ କରନ୍ତି ଯାହା ସେମାନେ କରିଥିଲେ।"

125 ମୁଁ କହିଲି, "ମାତ୍ର, ଦେଖ, ପ୍ରିୟେ," ସେମାନଙ୍କ ପାଖରେ ଏଲଭିସ୍ ପ୍ରେସ୍ଲିଙ୍କର ଏହି ରେକର୍ଡଗୁଡିକ ଥିଲା, ମୁଁ କହିଲି, "ମୁଁ ସେଗୁଡିକ ମୋ ଘରେ ଚାହେଁ ନାହିଁ।"

126 ସେ କହିଲେ, "ମାତ୍ର, ବାପା, ସେମାନେ ସାନ ସାନ ଭଲ ଝିଅମାନେ ଅଟନ୍ତି।"

127 ମୁଁ କହିଲି, "ସେମାନେ ହୋଇପାରନ୍ତି । ମୋର ତାହା ବିରୁଦ୍ଧରେ କିଛି କହିବାର ନାହିଁ । ମାତ୍ର ଗୋଟିଏ କଥା ଅଛି, ଆମେମାନେ ଭିନ୍ନ ଅଟୁ । ଆମେ ଅଲଗା ଅଟୁ । ଏପରି ନୁହେଁ ଯେ ଆମେମାନେ ଅଲଗା ହେବାକୁ ଚାହୁଁ, ମାତ୍ର ଆମ ଭିତରେ ଥିବା ଆତ୍ମା ସେଥିରୁ ବାହାରି ଆସିଅଛି । ତୁମେ ଅନ୍ୟ ଏକ ଜଗତର ଅଟ ।"

128 ଯେତେବେଳେ ମୁଁ ଆଫ୍ରିକାକୁ ଯାଏ, ମୁଁ ସେମାନଙ୍କର—ସେମାନଙ୍କର—ସେମାନଙ୍କର ରହିବାର ଜୀବନ ଶୈଳୀ ସହିତ ଖାପ ଖାଇପାରେ ନାହିଁ । ସେମାନେ କୌଣସି ପୋଷାକ ପିନ୍ଧନ୍ତି ନାହିଁ । ସେମାନେ ଉଲଗ୍ନ ଥାଆନ୍ତି । ଏବଂ ସେମାନେ ଏପରି କିଛି ବିଷୟ ଗୋଟାଇ ଥାଆନ୍ତି ଯାହାକି ପଚିଶଢି ଯାଇଥିବ, ସେଥିରେ ପୋକ ଲାଗି ଯାଇଥିବ, ସେମାନେ ଏହାକୁ ଯେକୌଣସି ପ୍ରକାରେ, ବି ଖାଇଥାଆନ୍ତି, କୌଣସି ଫରକ୍ ପଡେ ନାହିଁ । ବୁଝିଲେ?

129 ଏବଂ ଏହା ଅଲଗା ଅଟେ । ଆପଣ ଜାଣନ୍ତି, ଥରେ, ଆମେମାନେ ସମସ୍ତେ ସେହିପରି ଭାବରେ ଥିଲୁ, ମାତ୍ର ସଭ୍ୟତା ଆମକୁ ନେଇଆସିଛି ଏବଂ ଆମକୁ ଭିନ୍ନ କରିଦେଇଛି ।

ଏବଂ ରୂପାନ୍ତରଣ ଏହାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଦ୍ୱିଗୁଣିତ କରି ଦେଇଛି । ଆମେମାନେ ଆଉ ଅଧିକ ଜଗତର ପଚାଶଢା ବିଷୟଗୁଡିକୁ ଚାହୁଁନାହୁଁ । ସଭ୍ୟତା ଯେପରି ଆମକୁ ପରିଷ୍କାର କରି ଦେଇଅଛି, ସେହିପରି ଖ୍ରୀଷ୍ଟ ଆମକୁ ଖ୍ରୀଷ୍ଟିଆନ କରି ଦେଇଅଛନ୍ତି । ଏବଂ ଧ୍ୟାନ ଦିଅନ୍ତୁ, କେବଳ ସେତିକି ନୁହେଁ, ମାତ୍ର ଆମେମାନେ ସ୍ୱୀକାର କରୁ ଯେ ଆମେମାନେ ତୀର୍ଥଯାତ୍ରୀ ଏବଂ ପରଦେଶୀ ଅଟୁ । ଆମେ ଜଗତର ନୋହୁଁ । ତେବେ, ଆପଣ ଜଗତ ସହିତ କିଛି ହେଲେ କରିବାକୁ ଚାହାଁନ୍ତି ନାହିଁ । ଏବଂ ସେହି ବିଷୟଗୁଡ଼ିକ ବିତି ଯାଇଅଛି ।

130 ତେବେ, ଇସ୍ରାଏଲ ତଳେ ମିସରରେ ଥିଲା । ସେମାନେ ମିସରୀୟ ନ ଥିଲେ । ମିସରୀୟମାନ, ଜଣେ ମିସରୀୟ ନିମନ୍ତେ ଗୋଟିଏ ମେଣ୍ଢା ଉପରେ ହାତ ରଖିବା ଏକ ଲଜ୍ଜାଜନକ ବିଷୟ ଅଟେ । ଏବଂ ଇସ୍ରାଏଲ ମେଷପାଳକମାନେ ଥିଲେ । ଏବଂ ଜଣେ ମିସରୀୟ, ଗୋରୁ ପାଳକ ହୋଇଥିବାର ସେହି ସମସ୍ତ ଅପମାନ ପରେ, ଏହା ମୋଶାଙ୍କ ସହିତରେ କିପରି ହୋଇଥିବ ।

କଅଣ ଆପଣମାନେ ଧ୍ୟାନ ଦେଲେ କି ଫାରୋ ଯୋଷେଫ ଏବଂ ଅନ୍ୟାନ୍ୟ ସବୁଙ୍କୁ କଅଣ କହିଥିଲେ? "ଏହା ଏକ ଘୃଣ୍ୟ ବିଷୟ ଅଟେ ।" କହିଲେ, "ତୁମର ଲୋକମାନେ ମେଷପାଳକ ଅଟନ୍ତି ।" ଏବଂ ଏପରିକି ଜଣେ ମିସରୀୟ ସୁଦ୍ଧା ମେଷପାଳକ ଉପରେ ହାତ ରଖିପାରନ୍ତି ନାହିଁ । ସେ ଜଣେ ଭିନ୍ନ ଲୋକ ଥିଲେ ।

131 ଏବଂ ତାହାହିଁ ଅଟେ ଯାହାକି ଜଣେ ଖ୍ରୀଷ୍ଟିୟାନଙ୍କ ସହିତରେ ଅଟେ, ଆଜି, ଯେତେବେଳେ ସେ ନୂତନ ଭାବେ ଜନ୍ମ ଗ୍ରହଣ କରନ୍ତି । ଏହା ନୁହେଁ...ତାଙ୍କ ପାଇଁ ଏହା ସହିତ ଜଡିତ ହେବା ଏକ ଅପରିଷ୍କାର ବିଷୟ ଅଟେ ଯେଉଁଠାରେକି ଲୋକମାନେ ମଦ୍ୟପାନ କରୁଥାଆନ୍ତି ଏବଂ ଅସଭ୍ୟ ଥଟ୍ଟା ପରିହାସ କରୁଥାଆନ୍ତି, ଏବଂ ସ୍ତ୍ରୀଲୋକମାନେ ଉଲଗ୍ନ

ଥାଆନ୍ତି । ଏବଂ ପ୍ରତ୍ୟେକେ…ଏହା, ଏହା—ଏହା ଅପରିଷ୍କାର ଅଟେ । ଓଃ, ସଦାପ୍ରଭୁ ଧନ୍ୟ ହେଉନ୍ତୁ! ଆମେ ଏଠାରେ ତୀର୍ଥଯାତ୍ରୀ ଅଟୁ । ଆମେ ଏଠାରେ ପରଦେଶୀ ଅଟୁ । ଆତ୍ମା ରୂପାନ୍ତରିତ ହୋଇଅଛନ୍ତି, ଏବଂ ଆମେମାନେ ଏପରି ଏକ ନଗର ଅନ୍ୱେଷଣ କରୁଅଛୁ ଯେଉଁଠାରେ ସ୍ତ୍ରୀଲୋକମାନେ ସାନ ସାନ ଜାମା ସର୍ଟ ପିନ୍ଧନ୍ତି ନାହିଁ । ଆମେମାନେ ଏପରି ଏକ ନଗର ଅନ୍ୱେଷଣ କରୁଅଛୁ ଯେଉଁଠାରେ ସେମାନଙ୍କର ବିୟର ମଦଶାଳା ନାହିଁ । ଆମେମାନେ ଏପରି ଏକ ନଗର ଅନ୍ୱେଷଣ କରୁଅଛୁ ଯେଉଁଠାରେ ଧାର୍ମିକତା ବାସ କରେ । ଅତଏବ, ଆମେ ତୀର୍ଥଯାତ୍ରୀ ଅଟୁ ।

132 ତେଣୁ, ପରମେଶ୍ୱର ଏକ ଅଲୌକିକ ପ୍ରକାଶ ପରି, ଅଗ୍ନିର ଏକ ବଡ ପିଣ୍ଡୁଳାରେ ତଳକୁ ଓହ୍ଲାଇ ଆସିଲେ, ଏକ ବୁଦା ଭିତରକୁ ଆସି, ପ୍ରଥମେ ଆପଣାକୁ ମୋଶାଙ୍କ ନିକଟରେ ପ୍ରକାଶ କରିବାକୁ ଲାଗିଲେ । ମୋଶା କହିଲେ…

ଆପଣମାନେ ଜାଣନ୍ତି ଯେ ଅନ୍ୟ ରାତିରେ ଆମେମାନେ କିପରି ସେହି ପାଠ୍ୟକୁ ନେଇଥିଲୁ, ଯେ କିପରି ଯେତେବେଳେ ଯୀଶୁ ପୃଥିବୀରେ ଥିଲେ, ସେ କହିଥିଲେ, "ତେବେ, ଏହା ପୂର୍ବେକି ମୋଶା ଥିଲେ, **ମୁଁ ଅଟେ** ।" ତାହା ସେହି ଅଗ୍ନିସ୍ତମ୍ଭରେ, ଜ୍ୱଳନ୍ତ ବୁଦାରେ ଯୀଶୁ ଥିଲେ । ତାହା ଆଜି, ସେହି ସମାନ, ଯୀଶୁ ଅଟନ୍ତି ।

ଏବଂ ସେ ଆପଣାକୁ ଏକ ଅଗ୍ନିସ୍ତମ୍ଭରେ ପ୍ରକାଶ କରିଥିଲେ, ଏବଂ ମୋଶା ଏହି ଅନୁଭୂତିକୁ ପାଇଥିଲେ । ସେ ମିସରକୁ ଯାଆନ୍ତି । ସେ ସୁସମାଚାରକୁ, ଶୁଭ ସମ୍ବାଦକୁ ପ୍ରଚାର କରନ୍ତି, ଏବଂ ଚିହ୍ନ ଓ ଚମତ୍କାରମାନ ତାଙ୍କର ଅନୁଗାମୀ ହୋଇଥିଲା । କଅଣ ଆପଣ ଏହାକୁ ବୁଝି ପାଇଲେ? ଆଜି ସେହି ସମାନ କଥା ଅଟେ ।

133 କେବଳ ସେତିକି ନୁହେଁ, ମାତ୍ର ଯେତେବେଳେ ସେହି ଏବ୍ରୀୟମାନେ ବାହାରି ଆସିଥିଲେ, ଆଲୋକରେ ଗମନ କରିଥିଲେ, ସେମାନେ ସେହି ସମାନ ଅଗ୍ନିସ୍ତମ୍ଭ ଦ୍ୱାରା ପରିଚାଳିତ ହୋଇଥିଲେ । ଏବଂ ବାଇବଲ କୁହେ ଯେ, "ପରମେଶ୍ୱରଙ୍କୁ ପରୀକ୍ଷା କର ନାହିଁ ।"

134 ଏହାକୁ ଦେଖନ୍ତୁ । ମୋତେ ପଢ଼ିବାକୁ ଦିଅନ୍ତୁ ।

> *ଉକ୍ତ ଅଛି, ଆଜି ଯଦି ତୁମ୍ଭେମାନେ…ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର,* (ତାହାଙ୍କର ବାଣୀ ଆପଣଙ୍କ ହୃଦୟ ସହିତ କଥା କହୁଅଛି ।) *ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା ।* (ଯେତେବେଳେ ସେମାନେ ତାହାଙ୍କୁ ବିରକ୍ତି ଜନ୍ମାଇଥିଲେ ।)

ଶୁଣନ୍ତୁ ।

> *ତେବେ କେତେକେ, ଯେତେବେଳେ ସେମାନେ ଶୁଣିଲେ, ବିରକ୍ତି ଜନ୍ମାଇଥିଲେ:…*

135 କେତେ ଲୋକ ଜାଣନ୍ତି ଯେ ଇସ୍ରାଏଲୀୟମାନେ ସେମାନଙ୍କର ଅବିଶ୍ୱାସ ଦ୍ୱାରା ପରମେଶ୍ୱରଙ୍କୁ ବିରକ୍ତି ଜନ୍ମାଇଥିଲେ? ସେମାନେ ଅଭିଯୋଗ କରିଥିଲେ, ସେମାନେ ସଂପୂର୍ଣ୍ଣ ଭାବରେ କରିଥିଲେ। ପରମେଶ୍ୱର ଠିକ ସେଠାକୁ ଚାଲିକରି ଗଲେ। ଏବଂ ଯେତେବେଳେ ସେମାନେ ସମସ୍ତେ...ପ୍ରଥମ ବିଷୟ, ସେମାନେ ଅସୁବିଧାରେ ପଡ଼ିଲେ।

ଏଠାରେ ସେମାନଙ୍କ ଉପରେ ଏହି ଅଗ୍ନିସ୍ତମ୍ଭ ରହିଥିଲା। ମୁଁ ଜାଣେ ନାହିଁ ଯେ ସେମାନେ ସମସ୍ତେ ଏହା ଦେଖିଲେ, କି ନାହିଁ। ଅନ୍ତତଃ, ମୋଶା ଏହାକୁ ଦେଖିଥିଲେ। ଏବଂ ଏହା ସେମାନଙ୍କ ଉପରେ ରହିଥିଲା, ଏବଂ ସେମାନେ ଏହାକୁ ଦେଖିଥିଲେ। ଏବଂ ଯେତେବେଳେ ସେମାନେ ତଳକୁ ଆସିଲେ...ଧରି ନିଅନ୍ତୁ ଯଦି ସେମାନେ ଏହା ଦେଖି ନ ଥିଲେ, ମୁଁ ଜାଣେ ନାହିଁ ଯେ ସେମାନେ ଦେଖିଲେ କି ନାହିଁ। ଏହା ସେମାନଙ୍କ ଆଗରେ ଆଗରେ ଯାଇଥିଲା। ବାଇବଲ କୁହେ ଯେ ଏହା ସେଠାରେ ଥିଲା।

136 ଏହା କୁହେ, "ସେହି ତାରା ପଣ୍ଡିତମାନଙ୍କ ଆଗରେ ଆଗରେ ଯାଇଥିଲା।" ସେହି ପଣ୍ଡିତମାନଙ୍କ ବ୍ୟତୀତ ଆଉ କେହି ଏହାକୁ ଦେଖି ନ ଥିଲେ। ଏହା ପ୍ରତ୍ୟେକ ପର୍ଯ୍ୟବେକ୍ଷକ ଗବେଷଣାଗାର ଉପର ଦେଇ ଗଲା। ସେମାନେ ତାରାମାନଙ୍କ ସାହାଯ୍ୟରେ ସମୟ ଗଣନା କରୁଥିଲେ। ସେହି ପଣ୍ଡିତମାନଙ୍କ ବ୍ୟତୀତ ଆଉ କେହି ଏହାକୁ ଦେଖି ନ ଥିଲେ। ଏହା ସେମାନଙ୍କ ପାଇଁ ହିଁ ଦେଖିବା ନିମନ୍ତେ ଥିଲା, ଏବଂ ପଣ୍ଡିତମାନେ ହିଁ ଥିଲେ ଯାହାଙ୍କ ପାଇଁ ସେହି ତାରାକୁ ପଠାଯାଇଥିଲା।

137 ଏବଂ ସେହି ଅଗ୍ନିସ୍ତମ୍ଭକୁ ମୋଶାଙ୍କ ନିକଟକୁ ପଠା ଯାଇଥିଲା, ଏବଂ ମୋଶାଙ୍କୁ ଇସ୍ରାଏଲ ସନ୍ତାନଗଣଙ୍କ ନିକଟକୁ ପଠା ଯାଇଥିଲା। ଏବଂ ସେମାନଙ୍କୁ ମୋଶାଙ୍କର ଅନୁସରଣ କରିବାକୁ ଥିଲା। ସେମାନେ ମୋଶାଙ୍କୁ ଦେଖି ପାରିଥିଲେ, ଏବଂ ମୋଶା ସେହି ପ୍ରକାଶକୁ ଦେଖିଥିଲେ।

ସେଠାରେ ସେମାନେ ଆରମ୍ଭ କଲେ। ତାହାପରେ ସେମାନେ ଆଗକୁ ଯାତ୍ରା କରିବାକୁ ଗଲେ। ଏବଂ ଯେତେବେଳେ ସେମାନେ ବାହାରି ଗଲେ, ସେମାନେ ସୂଫ ସାଗରକୁ ଆସିଲେ। ଏବଂ, ଓଃ, ସେମାନେ—ସେମାନେ ସେହି ସମସ୍ତ ଚିହ୍ନମାନ ଓ ଚମତ୍କାରମାନ ଏବଂ ଘଟଣାଗୁଡ଼ିକ ହେଉଥିବାର ଦେଖିଥିଲେ ଯେତେବେଳେକି ସେମାନେ ଏବେ ସୁଦ୍ଧା ତଳେ ସେହି—ସେହି ମିସରର ପୁରାତନ ଦେଶରେ ଥିଲେ, ମାତ୍ର ଯେତେବେଳେ ସେମାନେ ସେମାନଙ୍କର ଯାତ୍ରାରେ ସେଠାରେ ବାହାରିଲେ, ଠିକ ନୂତନ ଭାବେ ପରିବର୍ତ୍ତିତ ହୋଇ ବାହାରି ଆସିଥିଲେ। ତାହାପରେ, ପ୍ରଥମ ବିଷୟ ଆପଣମାନେ ଜାଣନ୍ତି, ସେମାନେ ଅସୁବିଧାରେ ପଡ଼ିଥିଲେ।

138 ପରମେଶ୍ୱର ଆପଣଙ୍କୁ ଅସୁବିଧାରେ ଆଣିବାକୁ ଭଲ ପାଆନ୍ତି। ସେ ସମସ୍ୟାକୁ ଆଣି ଏହା ଦେଖିବାକୁ ଭଲ ପାଆନ୍ତି ଯେ ଆପଣ ଏହା ବିଷୟରେ କଅଣ କରିବେ। ତେଣୁ ସେ ଠିକ ସୂଫ ସାଗରକୁ ଅଟକାଇ ଦେଲେ, ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ସେମାନଙ୍କୁ ଠିକ୍ ଏହି

ସ୍ଥାନ ନିକଟକୁ କଢେଇ ନେଲେ, ତାହାପରେ ଫାରୋଙ୍କୁ ସେମାନଙ୍କ ପଛେ ପଛେ ପଠାଇ ଦେଲେ । ଦେଖନ୍ତୁ ଯେ ପରମେଶ୍ୱର ତାହା କିପରି କରିବାକୁ ପସନ୍ଦ କରନ୍ତି? ସେ ଆପଣା ଶକ୍ତି ଏବଂ ପ୍ରେମ ପ୍ରଦର୍ଶିତ କରିବାକୁ ଭଲ ପାଆନ୍ତି । ସେ ହେଉଛନ୍ତି ପରମେଶ୍ୱର, ଏବଂ ସେ କେବଳ ଆପଣଙ୍କୁ ଦେଖାଇବାକୁ ଭଲ ପାଆନ୍ତି ଯେ ସେ କିଏ ଅଟନ୍ତି । ଆମେନ୍ ।

ଏବଂ ଏହାର ସମସ୍ୟା ହେଉଛି, ଯେ ଆଜି, ଲୋକମାନେ କୁହନ୍ତି, "ଓଃ, ସେହି ଦିନଗୁଡ଼ିକ ବିତି ଗଲାଣି ।" ନା । ପରମେଶ୍ୱର ନିଜକୁ କିପରି ପ୍ରଦର୍ଶନ କରିପାରନ୍ତି, ଯେତେବେଳେ ଆପଣଙ୍କୁ ସେହିପରି ବିଷୟ ଶିକ୍ଷା ଦିଆ ଯାଇଥାଏ? ମାତ୍ର ପରମେଶ୍ୱର ଆପଣାକୁ ପ୍ରକାଶ କରିବାକୁ ଭଲ ପାଆନ୍ତି ।

139 ଏଠାରେ ଇସ୍ରାଏଲ ସନ୍ତାନଗଣ, ଆଲୋକରେ ଗମନ କରି ଆସୁଥାଆନ୍ତି । ମୋଶା, ସେମାନଙ୍କ ଆଗରେ ଆଗରେ ଯାଉଥାଆନ୍ତି । ସେଠାରେ ସେମାନେ ଥିଲେ । "ଆସ । *ଏହା* ହେଉଛି ସେହି ମାର୍ଗ । ପରମେଶ୍ୱର ଡାକୁ ଅଛନ୍ତି । ଆମେମାନେ ବାହାରକୁ ଯାଉଅଛୁ । ଆମେମାନେ ପ୍ରତିଜ୍ଞାତ ଦେଶକୁ ଯାଉଅଛୁ ।"

"ଓଃ, ହାଲ୍ଲେଲୁୟା!" ଏଠାରେ ସେମାନେ ସମସ୍ତେ, ଉଚ୍ଚ ପାଟି କରୁଥିଲେ, ଏବଂ ଡେଉଁଥିଲେ, ଏବଂ ଏକ ଭଲ ସମୟ ଅତିବାହିତ କରୁଥିଲେ, ଆପଣ ଜାଣନ୍ତି । ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ସେମାନେ ପଛକୁ ଅନାଇ କହିଲେ, "ଓଃ, ସେହି ଧୂଳି କଅଣ ଅଟେ?"

140 ସେମାନଙ୍କ ମଧ୍ୟରୁ ଜଣେ ପାହାଡ ଉପରକୁ ଚଢି, କହିଲା, "ଓଃ, ଓଃ! ହାୟ, ହାୟ! ଏହା ତ ଫାରୋଙ୍କର ସୈନ୍ୟବାହିନୀ ।"

141 ପରମେଶ୍ୱର କହିଲେ, "ତୁମେମାନେ କାହିଁକି ଏତେ ଭୟଭୀତ ହେଉଅଛ? କଅଣ ତୁମେ ତାହା ବିଶ୍ୱାସ କରି ନ ଥିଲ କି ଯାହା ମୁଁ ସେଠାରେ ସାଧନ କରିଥିଲି? ତୁମେ ଏତେ ଚିନ୍ତିତ କାହିଁକି? ତୁମେମାନେ ମୋତେ କାହିଁକି କ୍ରୋଧ କରାଉଅଛ?"

142 ଯେତେବେଳେ ସେମାନେ ସେଠାରେ ତଳେ ପହଞ୍ଚିଲେ, ମୋଶା ବାହାରକୁ ଯାଇ ମଧ୍ୟସ୍ଥି ଭାବରେ ପରମେଶ୍ୱରଙ୍କ ନିକଟରେ ନିବେଦନ କଲେ । ପରମେଶ୍ୱର ଠିକ ସେହି ସୁଫ ସାଗରକୁ ଖୋଲି ଦେଲେ ଏବଂ ସେମାନେ ପାରି ହୋଇଗଲେ; ଶତ୍ରୁକୁ ସେହି ଜଳରେ ବୁଡେଇ ଦେଲେ । ସେହି ପ୍ରକାରେ ହିଁ ପରମେଶ୍ୱର ତାହା କରନ୍ତି । ଭୟ କରନ୍ତୁ ନାହିଁ । ସବୁ ପ୍ରକାରେ ଉତ୍ତେଜିତ ହୁଅନ୍ତୁ ନାହିଁ । ଭୟଯୁକ୍ତ ହୁଅନ୍ତୁ ନାହିଁ । ତୁମେ ପରମେଶ୍ୱରଙ୍କୁ ବିରକ୍ତି ଜନ୍ମାଇ ଥାଅ ।

143 ତାହାପରେ ସେ କଅଣ କଲେ? ଏପରି ଦେଖାଯାଏ, "ତେବେ, ଆମର ଗୋଟିଏ ବଡ ପରୀକ୍ଷା ରହିଥିଲା; ପରମେଶ୍ୱର ଧନ୍ୟ ହେଉନ୍ତୁ, ଆମେ ଏହା ଅତିକ୍ରମ କରିଅଛୁ । ଆମର ଆଉ ଅଧିକ ରହିବ ନାହିଁ । ଆମେମାନେ ଆମର ପ୍ରତିଜ୍ଞାତ ଦେଶର ମାର୍ଗରେ ଅଛୁ ।" ଏବଂ ସେ ସେମାନଙ୍କୁ ଠିକ ପ୍ରାନ୍ତର ମଧ୍ୟକୁ କଢେଇ ନେଲେ, ଯେଉଁଠାରେକି କୌଣସି ଜଳ ନ ଥିଲା । କଅଣ ଆପଣମାନେ କଳ୍ପନା କରିପାରିବେ କି? ପରମେଶ୍ୱର, ତାହାଙ୍କର— ତାହାଙ୍କର ପବିତ୍ରୀକୃତ, ପବିତ୍ର ଲୋକମାନଙ୍କ ସହିତରେ, ସେମାନଙ୍କୁ ସୀଧାସଳଖ ଠିକ

ଏହି ଫାନ୍ଦ ମଧ୍ୟକୁ କଢେଇ ନେଇଗଲେ; ତାହାପରେ ସେମାନଙ୍କୁ ସେହି ଫାନ୍ଦ ମଧ୍ୟରୁ ବାହାର କରି ଆଣିଲେ, ଏବଂ ସେମାନଙ୍କୁ ଠିକ ଏଠାରେ ଏହି ସ୍ଥାନକୁ ନେଇ ଆସିଲେ ଯେଉଁଠାରେକି କୌଣସି ଜଳ ନ ଥିଲା। ଯେତେବେଳେକି ସେ ସେମାନଙ୍କୁ ଅନ୍ୟ ବାଟ ନେଇ ଯାଇ ପାରିଥାଆନ୍ତେ ଯେଉଁଠାରେକି ଜଳ ରହିଥିଲା। କାହିଁକି, ଯଦି ସେ ଚାହିଁଥିଲେ, ସେଠାରେ ମାର୍ଗସକଳରେ, ସେଠାରେ ଏକ ନଦୀ ତିଆରି କରି ଦେଇ ପାରିଥାଆନ୍ତେ। ଯଦି ସେ ଚାହିଁଥିଲେ, ସେ ପ୍ରତ୍ୟେକ ପର୍ବତକୁ ଆନନ୍ଦରେ ଭାଙ୍ଗି ଦେଇଥାଆନ୍ତେ, ଯାହାକି ଆକାଶରେ ପଚାଶ୍ ଫୁଟ୍ ଉଚ୍ଚ ଜଳଧାରା ଫୁଟାଇ ଦେଇଥାନ୍ତା। ନିଶ୍ଚିତରେ, ସେ କରି ପାରିଥାଆନ୍ତେ। ମାତ୍ର ଯଦି ସେ ତାହା କରିଥାନ୍ତେ, ଏହା ବହୁତ ସହଜ ହୋଇ ଯାଇଥାଆନ୍ତା। ଓଃ, ମୁଁ ଏହାକୁ ପସନ୍ଦ କରେ! ପ୍ରଭୁଙ୍କର ନାମ ଧନ୍ୟ ହେଉ।

144 "ଭାଇ ବ୍ରାନହାମ୍, ପରମେଶ୍ୱର *ଏହା* କାହିଁକି ହେବାକୁ ଦେଲେ? ପରମେଶ୍ୱର କାହିଁକି କଲେ...?"

ପରମେଶ୍ୱର ତାହା କରୁଛନ୍ତି। ତାହାଙ୍କୁ ଛାଡିଦିଅନ୍ତୁ। କେବଳ ଚାଲୁଥାଆନ୍ତୁ। ତାହା ପରମେଶ୍ୱରଙ୍କର ବେପାର ଅଟେ। "ଧାର୍ମିକମାନଙ୍କର ପାଦଗତି ସଦାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ।" ହଁ, ଆଜ୍ଞା। ଏହା କି ପାର୍ଥକ୍ୟ କରେ?

145 "ମୋର ସମସ୍ତ ଟଙ୍କା ହରାଇ ଦେଲି, ଭାଇ ବ୍ରାନହାମ୍।" ତେବେ, ପରମେଶ୍ୱର ଧନ୍ୟ ହେଉନ୍ତୁ, ଯେକୌଣସି ପ୍ରକାରେ।

146 "ଓଃ, ମୁଁ *ଏହା* କଲି, ଏବଂ *ଏହା* ଘଟିଲା, ଝଡ଼ ତୋଫାନ ମୋ ଘରକୁ ଉଡାଇ ଦେଲା।"

147 ଯାହା ବି ହେଉ, ପରମେଶ୍ୱର ଧନ୍ୟ ହେଉନ୍ତୁ। "ପ୍ରଭୁ ଦେଇଥିଲେ, ପ୍ରଭୁ ନେଲେ, ପ୍ରଭୁଙ୍କର ନାମ ଧନ୍ୟ ହେଉ।" କେବଳ ଚାଲିବା ଜାରି ରଖନ୍ତୁ। ଏହା ସବୁ ପରମେଶ୍ୱରଙ୍କର ମହିମା ଅଟେ। ପରମେଶ୍ୱର କଅଣ କରୁଛନ୍ତି ସେ ଜାଣନ୍ତି।

କେତେକ ଜଳ ଦେଇ, ଆଉ କେତେକ ବନ୍ୟା ଦେଇ,
କେତେକ ଗଭୀର ପରୀକ୍ଷା ଦେଇ, କିନ୍ତୁ ସମସ୍ତେ ରକ୍ତ ଦେଇ।

148 ସେହି ପ୍ରକାରେ ହିଁ ସେ ସେମାନଙ୍କୁ କଢାଇ ନିଅନ୍ତି। ତାହା ଠିକ୍। ଓଃ, ମୋର ପ୍ରଭୁ! ମୋତେ ଏପରି ଲାଗୁଛି ଯେପରିକି ମୁଁ କେବଳ ଅଟକି ଯାଇପାରିବି ଓ ଚିତ୍କାର କରିପାରିବି। ସେହି ପ୍ରକାରେ ହିଁ ସେ ତାହାଙ୍କର ପ୍ରିୟ ସନ୍ତାନମାନଙ୍କୁ କଢାଇ ନିଅନ୍ତି। ଓଃ, କଅଣ ଆପଣ କେବଳ ଅନୁଭବ କରିପାରନ୍ତି କି...? ତେବେ, ମୁଁ ଜଣେ ମନୋବିଜ୍ଞାନୀ ନୁହେଁ, ମାତ୍ର କଅଣ ଆପଣ ସେହି ମଧୁରମୟ ଆତ୍ମାଙ୍କୁ ବର୍ତ୍ତମାନ ଏହି ଭବନ ଉପରେ କେବଳ ବୃଷ୍ଟି କରୁଥିବାର ଅନୁଭବ କରିପାରନ୍ତି କି? କଅଣ ହେବ ଯଦି ଆମର ଆଖିଗୁଡିକ ବର୍ତ୍ତମାନ ଖୋଲା ହୋଇଯାଏ, ଏବଂ ଏହା ଦେଖି ଯାଇପାରେ ଯେ ଏହି କାନ୍ଥଗୁଡ଼ିକର ପାର୍ଶ୍ୱରେ, ଏହି ଗଳିପଥର ଉପର-ଓ-ତଳ କେଉଁମାନେ ଛିଡା ହୋଇଛନ୍ତି?

149 ବୃଦ୍ଧ' ଇଲୀଶାୟ, ଦିନେ ସକାଳେ, ଯେତେବେଳେ ସେହି ବାଳକଟି ସେତିକି ଅନ୍ଧ ଥିଲା ଯେତିକି ସେ ଥାଇପାରେ, ସେ କହିଲା, "ସେଠାରେ ଥିବା ସେହି ଅରାମୀୟମାନଙ୍କୁ ଦେଖ ।"

କହିଲେ, "ମାତ୍ର ଆମ ସହିତରେ ତାହାଠୁଁ ଅଧିକ ଅଛନ୍ତି ।"

କହିଲା, "ମୁଁ କାହାରିକୁ ଦେଖେ ନାହିଁ ।"

କହିଲେ, "ପ୍ରଭୁ, ସେହି ବାଳକର ଆଖି ଖୋଲି ଦିଅ ।"

150 ସେ ସେହି ପୁରୁଣା ଭବିଷ୍ୟଦ୍‌ବକ୍ତାଙ୍କ ଚାରିପାଖରେ ଅନାଇଲା, ତାହାର ଚତୁର୍ଦ୍ଦିଗରେ, ପର୍ବତଗୁଡିକ ଅଗ୍ନିମୟ, ଏବଂ ଅଶ୍ୱଗୁଡିକ ଅଗ୍ନିମୟ, ଏବଂ ରଥଗୁଡିକ ଅଗ୍ନିମୟ ଥିଲା । ସେ ସେତେବେଳେ ସୁନିଶ୍ଚିତ ହୋଇଥିଲା ।

151 ସେ କହିଲେ, "ଆମେ କେବଳ ବାହାରକୁ ଯାଇ ସେମାନଙ୍କୁ ଅନ୍ଧତାରେ ଆଘାତ କରିଦେବା ।" ସେମାନଙ୍କ ପାଖରେ ସେହି ଦୃଷ୍ଟିଶକ୍ତି ସେତିକି ସିଦ୍ଧ ଭାବରେ ଥିଲା ଯେତିକି ସେମାନଙ୍କର କେବେ ରହିଥିଲା, ମାତ୍ର ସେମାନେ ତାଙ୍କ ପ୍ରତି ଅନ୍ଧ ଥିଲେ । କହିଲେ, "କଅଣ ତୁମେ ସମସ୍ତେ ଏଲିୟଙ୍କୁ ଖୋଜୁଅଛ?"

ଉତ୍ତର ଦେଲେ, "ହଁ ।"

152 କହିଲେ, "ଆସ, ମୁଁ ତୁମକୁ ଦେଖାଇବି ଯେ ସେ କେଉଁଠାରେ ଅଛନ୍ତି ।" ଏବଂ ସେ ହିଁ ସେମାନଙ୍କୁ, କଢେଇ ନେଇଥିଲେ । ସେମାନେ ଏହା ଜାଣି ନ ଥିଲେ ।

153 ତାହା ଆଜି ସେହିପରି ହିଁ ଅଟେ । ଖ୍ରୀଷ୍ଟ ଏଠାରେ ଅଛନ୍ତି । ପବିତ୍ରଆତ୍ମା ଏଠାରେ ଅଛନ୍ତି, ସେହି ସମାନ କାର୍ଯ୍ୟ କରୁଅଛନ୍ତି ଯାହା ସେ ସର୍ବଦା କରି ଆସିଛନ୍ତି, ଏବଂ ଜଗତ ଏହା ପ୍ରତି ଅନ୍ଧ ଅଟେ । ସେମାନେ ଏହା ଜାଣନ୍ତି ନାହିଁ । "ଓଃ, ମୁଁ—ମୁଁ ତାହା ବିଷୟରେ ଜାଣେ ନାହିଁ । ମୋର ପାଳକ..." ଓଃ, ବେଚାରା ଜରାଜୀର୍ଣ୍ଣ ଲୋକ! ମୋର କହିବାର ଅର୍ଥ କଅଣ ବୁଝିଲେ କି? ସେମାନେ ଏହା ପ୍ରତି ଅନ୍ଧ ଅଟନ୍ତି । ସେମାନେ ଏହା ଜାଣନ୍ତି ନାହିଁ । ପରମେଶ୍ୱର କଢେଇ ନେଉଛନ୍ତି ।

154 ତେବେ, ସେମାନେ ସୀନ୍ ପ୍ରାନ୍ତର ଦେଇ, ଉପରକୁ ଆସିଲେ, ସେଠାରେ କୌଣସି ଜଳ ନ ଥିଲା । ପରମେଶ୍ୱର ତାହା ସବୁ ଠିକ ଯୋଗାଇ ଦେଇଥିଲେ । ଓଃ, ଏବଂ ସେମାନେ ଏକ ଛୋଟ ଜଳକୁଣ୍ଡ ପାଇଲେ, ସେମାନେ କହିଲେ, "ଏହାହିଁ ତାହା ଅଟେ ।" ଏବଂ ସେମାନେ ଏହାକୁ ଆସ୍ୱାଦନ ସୁଦ୍ଧା କରିପାରିଲେ ନାହିଁ । ଓଃ, ଏହା ଭୟଙ୍କର ଥିଲା । ମୋର ପ୍ରଭୁ, ଏହା—ଏହା ଶତ ପ୍ରତିଶତ ଗନ୍ଧକଠାରୁ ଖରାପ ଅଟେ । ଦେଖନ୍ତୁ, ଠିକ୍ ପଚାଶଢା ଅଣ୍ଡା ପରି, ଆପଣ ଜାଣନ୍ତି । "ଓଃ, ମୋର ପ୍ରଭୁ! ଏହା ଭୟଙ୍କର ଅଟେ ।" ଏହା ବିଷ ଥିଲା । ତେବେ, ସୀନ୍‌ର ପ୍ରାନ୍ତର ବୋଲି କୁହାଯାଇଥିଲା । ସେଠାରେ ଅନେକ ଖଜୁରୀ ଗଛଗୁଡିକ ବଢିଥିଲା, ଏବଂ ସେହି ନିର୍ଝର ଥିଲା ଯେଉଁଠାରେ ସେହି ଖଜୁରୀ ଗଛଗୁଡିକ ବଢିଥିଲା । ତେବେ ମୋଶା କହିଲେ, "କର ନାହିଁ..."

155 ପରମେଶ୍ୱର କହିଲେ, "ସେମାନେ କାହିଁକି କରନ୍ତି? ସେମାନେ କାହିଁକି କରନ୍ତି? ସେମାନେ ମୋତେ କଅଣ ପାଇଁ ବିରକ୍ତି ଜନ୍ମାଉଛନ୍ତି? ତେବେ, ଯଦି ମୁଁ ସେଠାରେ ପଛ ସମୟରେ *ତାହା* କରିଥିଲି, ତାହାହେଲେ କଅଣ ମୁଁ ଏହି ପରିସ୍ଥିତି ବିଷୟରେ କିଛି କରିପାରେ ନାହିଁ କି?"

156 ଯଦି ସେ ଆପଣଙ୍କୁ ଗୋଟିଏ ଅସୁସ୍ଥ ସମୟରୁ ଉଦ୍ଧାର କରିଥିଲେ, ତାହାହେଲେ କଅଣ ସେ ଆପଣଙ୍କୁ ଅନ୍ୟ ଗୋଟିକରୁ ଉଦ୍ଧାର କରିପାରନ୍ତି ନାହିଁ କି? ସେ ଆପଣଙ୍କୁ ଗୋଟିଏ ଅସୁବିଧାରୁ ଉଦ୍ଧାର କରିଥିଲେ, ତାହାହେଲେ କଅଣ ସେ ଆପଣଙ୍କୁ ଅନ୍ୟ ଗୋଟିକରୁ ଉଦ୍ଧାର କରିପାରନ୍ତି ନାହିଁ କି? ପରମେଶ୍ୱର ଧନ୍ୟ ହେଉନ୍ତୁ! ଯଦି ସେ ମୋତେ ପାପରୁ ଉଦ୍ଧାର କରିଥିଲେ, ତାହାହେଲେ ସେ ମୋତେ କବରରୁ ବାହାର କରିପାରନ୍ତି । ସେ ପରମେଶ୍ୱର ଅଟନ୍ତି । ଏହା କଅଣ ପାର୍ଥକ୍ୟ କରେ? କେବଳ ଆଗକୁ ବଢନ୍ତୁ, ତାହାଙ୍କ ଉପରେ ନିଜର ଦୃଷ୍ଟିକୁ ରଖନ୍ତୁ ।

157 କହିଲେ, "ଯଦି ମୁଁ ପଛରେ ସୁଫ ସାଗର ବନ୍ଦ କରି, ସେହି ମିସରୀୟମାନଙ୍କୁ ବୁଡ଼ାଇ ଦେଲି, ତେବେ କଅଣ ମୁଁ ଏହି ଜଳ ବିଷୟରେ ସେହିପରି କିଛି ଗୋଟାଏ କରିପାରେ ନାହିଁ କି? ତୁମେମାନେ ମୋତେ କଅଣ ପାଇଁ କ୍ରୋଧିତ କରୁଅଛ? ଓଃ, ତୁମର ଅବିଶ୍ୱାସ! ତୁମେମାନେ ମୋତେ ଅବିଶ୍ୱାସ ହେତୁରୁ, କ୍ରୋଧିତ କରି ବିରକ୍ତ କରୁଅଛ ।"

158 ତେବେ ଏଠାରେ ବ୍ୟବହୃତ ହୋଇଥିବା ସେହି ଶବ୍ଦ ହେଉଛି ସୀନ୍ ବା, "ପାପ," ବିରକ୍ତି ଜନ୍ମାଇବା । କଲା…ସେହି କାରଣ ଯେଉଁଥି ପାଇଁ ସେମାନେ ତାହା କରିଥିଲେ, ସେମାନେ ଅବିଶ୍ୱାସ କରିଥିଲେ । ସେମାନେ କଦାପି ବାହାରକୁ ଯାଇ ସେତେବେଳେ, ଅବସ୍ତୁକର ଜିନିଷସବୁ ଶିକାର କଲେ ନାହିଁ, ଏବଂ ସେହିପରି ବିଷୟ କଲେ ନାହିଁ । ସେମାନେ କଦାପି ଅନ୍ୟର ପତ୍ନୀ ସହିତ ଏପାଖ ସେପାଖ ଦୌଡିଲେ ନାହିଁ, ଏବଂ ବାହାରକୁ ଯାଇ ମିଥ୍ୟା କହିଲେ ନାହିଁ । ଏହା ତାହା ନ ଥିଲା ଯାହା ସେମାନେ କରୁଥିଲେ । ମାତ୍ର, ଆରମ୍ଭ କରିବାକୁ ତ, ତାହା ପାପ ସୁଦ୍ଧା ନୁହେଁ ।

159 ବ୍ୟଭିଚାରରେ ଜୀବନ ଯାପନ କରିବା ପାପ ନୁହେଁ । ଧୂମପାନ, ତମାଖୁ ଚୋବାଇବା, ମଦ ପିଇବା, ଜୁଆ ଖେଳିବା, ଅଭିଶାପ ଦେବା, ଶପଥ କରିବା, ଇତ୍ୟାଦି, ତାହା ପାପ ନୁହେଁ । ତାହା ତ ଅବିଶ୍ୱାସର ଗୁଣସକଳ ଅଟେ । ଆପଣ ତାହା କରନ୍ତି କାରଣ ଆପଣ ଜଣେ ଅବିଶ୍ୱାସୀ ଅଟନ୍ତି । ଯଦି ଆପଣ ଜଣେ ବିଶ୍ୱାସୀ, ଆପଣ ତାହା କରନ୍ତି ନାହିଁ । ସେହି କାରଣରୁ ଯୀଶୁ କହିଲେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ *ବିଶ୍ୱାସ* କରେ, ସେ ଅନନ୍ତ ଜୀବନ ପାଇଅଛି ।" ଏହା *କୁହେ* ନାହିଁ ଯେ ସେ ବିଶ୍ୱାସ କରନ୍ତି, ମାତ୍ର ପ୍ରକୃତରେ ବିଶ୍ୱାସ କରନ୍ତି! ତାହା ସେଠାରେ ଅଛି । ତାହା ଆପଣଙ୍କର ସମସ୍ତ ପ୍ରାରମ୍ଭିକ ପ୍ରମାଣକୁ ନେଇଯାଏ । ବୁଝିଲେ? ତେବେ, ଆପଣ ସେଠାରେ ଅଛନ୍ତି ।

ଏପରି ନୁହେଁ ଯେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ଉଚ୍ଚ ପାଟି କରେ ।" ଏପରି ନୁହେଁ

ଯେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ପରଭାଷାରେ କଥା କୁହେ।" ଏପରି ନୁହେଁ ଯେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ନିଜ ହାତରେ କିମ୍ବା ନିଜ ମୁହଁରେ ରକ୍ତ ବାହାର କରେ," କିମ୍ବା ଅଧିକ କିଛି। ତାହା ଏହା ନୁହେଁ।

"ଯିଏ ମୋର ବାକ୍ୟ ଶୁଣେ ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଏବଂ କଦାପି ବିଚାରକୁ ଆସିବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି।"

160 ପାପ କଅଣ ଅଟେ? ଅବିଶ୍ୱାସ। କିଛି ଗୋଟାଏ ଛୋଟ ବିଷୟଟିଏ ଉଠିପାରେ, ଶାସ୍ତ୍ରକୁ ଯାଇ ଏହା ଖୋଜିବା ପରିବର୍ତ୍ତେ ଯେ ତାହା ସତ କି ନୁହେଁ, "ଓଃ," ଆପଣ କୁହନ୍ତି, "ମୁଁ... ନା! ଦେଖନ୍ତୁ, ସେଠାରେ, ଆପଣ ଆଗକୁ ଯାଆନ୍ତୁ। ମୁଁ ତ କେବଳ ଜଣେ ପ୍ରେସବିଟେରିଆନ୍ ଭାବେ ଜାରି ରଖିବି ଯାହାକି ମୁଁ ଅଟେ, ଦେଖନ୍ତୁ।" ଅନ୍ଧଭାବରେ, ଆଗକୁ ବଢନ୍ତୁ, ଏବଂ ଆପଣ ପରମେଶ୍ୱରଙ୍କୁ ବିରକ୍ତି ଜନ୍ମାଇଥାନ୍ତି।

161 ଯେତେବେଳେ ପରମେଶ୍ୱର କିଛି କରନ୍ତି, ସେ ଆଶା କରନ୍ତି ଯେ ସେହି ରାଷ୍ଟ୍ର ଏହାକୁ ଗ୍ରହଣ କରିବ। ମାତ୍ର, ତାହା ବଦଳରେ, "ଆପଣ ଜାଣନ୍ତି, ତେବେ, ମୁଁ ସେହି ବିଷୟରେ ଜାଣେ ନାହିଁ।" ବୁଝିଲେ? ସେ ଆଶା କରନ୍ତି ଯେ ଲୋକମାନେ ଏହାକୁ ଗ୍ରହଣ କରିବେ। ଯଦି ଆପଣ ଯଥେଷ୍ଟ ଚିନ୍ତିତ, ଶାସ୍ତ୍ର ସହିତ ବସନ୍ତୁ। ଏହା ଦେଇ ଯାଆନ୍ତୁ ଏବଂ ଏହାକୁ, ଆଗ ପଛ ଖୋଜନ୍ତୁ, ଏବଂ ଦେଖନ୍ତୁ ଯଦି ଏହା ଘଟିଛି କି ନାହିଁ, ଯଦି ଏହା ଘଟିବ ବୋଲି ପୂର୍ବାନୁମାନ କରା ଯାଇଥାଏ ଏବଂ ପ୍ରଭୃତି। ତାହାପରେ ଆପଣ ଏହାକୁ ପାଇଯିବେ। ଆମେନ୍।

162 ତେବେ ଧ୍ୟାନ ଦିଅନ୍ତୁ।

> *ଉକ୍ତ ଅଛି...ଆଜି ଯଦି ତୁମ୍ଭେମାନେ...ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର,* ଯେତେବେଳେ ପରମେଶ୍ୱର ସେମାନଙ୍କ ସହିତ ବିରକ୍ତି ହେଲେ, ଆପଣ ଦେଖନ୍ତୁ।
>
> *ତେବେ କେତେକେ, ଯେତେବେଳେ ସେମାନେ ଶୁଣିଲେ,* ମୋଶା ପ୍ରଚାର କରୁଥିବା ସୁସମାଚାର ଶୁଣିଲେ, *ବିରକ୍ତି ଜନ୍ମାଇଲେ: ମୋଶାଙ୍କ ଦ୍ୱାରା ମିସର ଦେଶରୁ ଯେଉଁମାନେ ବାହାରି ଆସିଥିଲେ, ସେସମସ୍ତେ କଅଣ ନୁହଁନ୍ତି।*

163 କେତେ ଲୋକ ଜାଣନ୍ତି ଯେ ସେହି ବାହାରି ଆସିଥିବା ମୂଳ ସମୂହରୁ କେତେ ଲୋକ ଉଦ୍ଧାର ପାଇଥିଲେ? କେତେ ଜଣ? [କେହି ଜଣେ କୁହନ୍ତି, "ଦୁଇ ଜଣ।"—ସମ୍ପା।] ଦୁଇଟି, ଠିକ୍ ଅଛି। କେତେ ଜଣ ସେମାନଙ୍କର ନାମଗୁଡିକ ଜାଣନ୍ତି? ["କାଲେବ ଏବଂ ଯିହୋଶୂୟ।"] ତାହା ଠିକ୍ ଅଟେ। ଦୁଇ ଲକ୍ଷ ଏପରି କିଛି ମଧ୍ୟରୁ, କେବଳ ଦୁଇଜଣ, କାଲେବ ଏବଂ ଯିହୋଶୂୟ।

164 ଏହାକୁ ଶୁଣନ୍ତୁ। "ମାତ୍ର ସେ..." ତେବେ ସେହି 17ତମ ପଦ।

*ଆଉ କେଉଁମାନଙ୍କ ଉପରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ସେ ବିରକ୍ତ ହୋଇଥିଲେ, ଅବିଶ୍ୱାସ ହେତୁ? ଯେଉଁମାନେ ପାପ କରିଥିଲେ,* ଅବିଶ୍ୱାସ କରିଥିଲେ...?

165 ଶବ୍ଦକୋଷ ନିଅନ୍ତୁ ଏବଂ *ପାପ* କଅଣ ତାର ଅର୍ଥ ଖୋଜନ୍ତୁ। ବାଇବଲ ଶବ୍ଦକୋଷକୁ ନିଅନ୍ତୁ। ଏହା ହେଉଛି ଅବିଶ୍ୱାସ। *ଅବିଶ୍ୱାସ* ହେଉଛି "ପାପ।" "ଯିଏ ବିଶ୍ୱାସ କରେ ନାହିଁ ସେ ପୂର୍ବରୁ ନିନ୍ଦିତ ହୋଇସାରିଛି," ସାଧୁ ଯୋହନ 4, ବୁଝିଲେ, "ପୂର୍ବରୁ ନିନ୍ଦିତ ହୋଇସାରିଛି।"

*...ଯେଉଁମାନଙ୍କ ଶବ ପ୍ରାନ୍ତରରେ ପଡିଥିଲା?*

*ଯେଉଁମାନେ ଅବାଧ୍ୟ ହୋଇଥିଲେ ସେମାନଙ୍କ ବିନା ଆଉ କେଉଁମାନଙ୍କ ବିରୁଦ୍ଧରେ ସେ ଶପଥ କରିଥିଲେ ଯେ ସେମାନେ ତାହାଙ୍କ ବିଶ୍ରାମରେ ପ୍ରବେଶ କରିବେ ନାହିଁ,...*

166 ଆପଣଙ୍କର ଅବିଶ୍ୱାସ କରିବା! ଓଃ, ମୁଁ କିପରି ମୋ ଅଧ୍ୟାୟକୁ ପହଞ୍ଚିବି ନାହିଁ। ମାତ୍ର, ଦେଖନ୍ତୁ, ତାହାହିଁ ଆଜି, ଏହି ରାଷ୍ଟ୍ର ସହିତ ସମସ୍ୟା ଅଟେ। ଚିହ୍ନ ଏବଂ ଚମତ୍କାର ଏହି ଦେଶ ଦେଇ ଗତି କରିଅଛି। ସେମାନେ କଅଣ କରନ୍ତି? ନିରନ୍ତର ଭାବରେ ସେମାନେ ଏହା ପ୍ରତି ନିଜର ପିଠି ଫେରାଇ ଦିଅନ୍ତି। ଏବଂ ସେ କହିଲେ, "ମୁଁ ଶପଥ କରିବି ଯେ ମୁଁ ସେମାନଙ୍କୁ ସେହି ଦେଶରେ ପ୍ରବେଶ କରିବାକୁ ଦେବି ନାହିଁ ଯେଉଁ ସ୍ଥାନ ପାଇଁ ସେମାନେ ଆରମ୍ଭ କରିଥିଲେ।"

167 ଆଜି ଏହି ବଡ ମଣ୍ଡଳୀଗୁଡ଼ିକ ସହିତରେ ମାମଲା କଅଣ ଅଟେ? ସେମାନଙ୍କର ଅବିଶ୍ୱାସ ପରମେଶ୍ୱରଙ୍କୁ ବିରକ୍ତି ଜନ୍ମାଇଅଛି। ହାଲ୍ଲେଲୁୟା! ସେ ଏହି ପଥରଗୁଡ଼ିକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନମାନଙ୍କୁ ଉଠାଇବାରେ ସକ୍ଷମ ଅଟନ୍ତି। ସେ ସେମାନଙ୍କୁ ସୁସମାଚାର ଦେବାକୁ ଚେଷ୍ଟା କରିଥିଲେ, ଏବଂ ସେମାନେ ସେମାନଙ୍କର ହୃଦୟକୁ କଠିନ କରି ପକାଇଲେ। ସେମାନେ ନିଜ ମଧ୍ୟରେ ପନ୍ଥ ଗଢି ପକାଇଲେ, ଏବଂ ସେମାନେ ସାନ ସାନ ନାମଧାରୀ ସଂସ୍ଥାଗୁଡିକ ଗଢି ପକାଇଲେ, "ଏବଂ ଆମେ *ଏହା* ବିଶ୍ୱାସ କରୁ ଏବଂ ଅନ୍ୟ କିଛି ନୁହେଁ," ଏବଂ ପରମେଶ୍ୱର ଭିତରକୁ ପ୍ରବେଶ କରିପାରିଲେ ନାହିଁ। ସେମାନେ ଆଜି କେଉଁଠାରେ ଅଛନ୍ତି? ଏକ ପାର୍ଶ୍ୱରେ ଛିଡା ହୋଇଛନ୍ତି।

168 ପରମେଶ୍ୱରଙ୍କ ଛୋଟ, ବିଶ୍ୱସ୍ତ ସମୂହ ସେହି ଚିହ୍ନ ଏବଂ ଚମତ୍କାର ସବୁ ସହିତ, ଠିକ୍ ଭାବରେ ଗମନ କରୁଅଛି। ପରମେଶ୍ୱର ସେମାନଙ୍କୁ ପରୀକ୍ଷାରେ ପକାଇଥାଆନ୍ତି। "ପରମେଶ୍ୱରଙ୍କ ନିକଟକୁ ଆସୁଥିବା ପ୍ରତ୍ୟେକ ସନ୍ତାନ ପ୍ରଥମେ ପରୀକ୍ଷା ଏବଂ ପରୀକ୍ଷିତ ହେବା ଆବଶ୍ୟକ," ଶିଶୁ-ତାଲିମପ୍ରାପ୍ତ।

169 ପ୍ରଥମେ ଛୋଟ ଘଟଣାଟି ଘଟିଥାଏ, "ଓଃ, ତେବେ, ଯାହା ବି ହେଉ, ବୋଧହୁଏ ଏଥିରେ କିଛି ବି ନୁହେଁ।" ଆପଣ ଅବୈଧ ସନ୍ତାନ ଅଟନ୍ତି, ଏବଂ ପରମେଶ୍ୱରଙ୍କ ସନ୍ତାନ ନୁହଁନ୍ତି।

170 କାରଣ ପରମେଶ୍ୱରଙ୍କ ଜଣେ ସନ୍ତାନ ହେଉଛନ୍ତି ଅବ୍ରହାମଙ୍କ ବଂଶ, ଯିଏକି ସେହି ନ ଥିବା ଜିନିଷଗୁଡ଼ିକୁ ଏପରି ଡାକନ୍ତି, ଯେପରିକି ତାହା ସେଠାରେ ରହିଥିଲା, "ପରମେଶ୍ୱର ଏହା କହିଛନ୍ତି," ଏବଂ କେବଳ ଆଗକୁ ବଢିଯାଆନ୍ତି। ଆମେନ୍। ଯାଏ ଆସେ ନାହିଁ ଯେ ଏହା

କଅଣ କୁହେ, କିମ୍ୱା ଅନ୍ୟ କିଛି ଭିନ୍ନ ଅଟେ, ସେମାନେ ତ ଯେକୌଣସି ପ୍ରକାରେ ବି, ଆଗକୁ ବଢିଥାଆନ୍ତି । "ପରମେଶ୍ୱର ଏହା କହିଛନ୍ତି ।"

171 ପଚି-ଶ ବର୍ଷ ସେ ସେହି ଶିଶୁ ନିମନ୍ତେ ଅପେକ୍ଷା କରିଥିଲେ, ଯାଏ ଆସେ ନାହିଁ ଯେ ପରିସ୍ଥିତି କେତେ ବିପରୀତ ଥିଲା । ଏବଂ ସେ ନିଜକୁ ଅବିଶ୍ୱାସୀମାନଙ୍କଠାରୁ ପୃଥକ କରିଥିଲେ, ଆମେନ୍, ଯେପରିକି ସେ ବିଶ୍ୱାସ କରିପାରିବେ । ଓଃ, ମୋର ପ୍ରଭୁ! ମୁଁ ଧାର୍ମିକ ଅନୁଭବ କରୁଅଛି ।

ଏହା ବିଷୟରେ ଚିନ୍ତା କରନ୍ତୁ । ଆପଣଙ୍କୁ ତ ନିଜକୁ ଜଗତର ସେହି ମତବାଦଠାରୁ ପୃଥକ କରିବାକୁ ପଡିବ, "ଆହଃ, ଆଶ୍ଚର୍ଯ୍ୟକର୍ମର ଦିନଗୁଡିକ ଅତିବାହିତ ହୋଇଯାଇଛି । ସେହିପରି କୌଣସି ଜିନିଷ ନାହିଁ । ତାହା ତ ପାଗଳାମୀ ଅଟେ ।" ନିଜକୁ ପୃଥକ କରି ନିଅ ।

172 ବାଇବଲ କୁହେ, "ସଦାପ୍ରଭୁ କୁହନ୍ତି, ତୁମେମାନେ ସେମାନଙ୍କ ମଧ୍ୟରୁ ବାହାରି ଆସ, ଏବଂ ପୃଥକ ହୁଅ, ତେବେ ମୁଁ ତୁମକୁ ଗ୍ରହଣ କରିବି ।" କେତେ ଅଦ୍ଭୁତ! "ମୁଁ ତୁମକୁ ଗ୍ରହଣ କରିବି," ତୁମେ ନିଜକୁ ଅଲଗା କରିବା ପରେ । "ତୁମେମାନେ ମୋର ସନ୍ତାନ ହେବ, ମୁଁ ତୁମର ପରମେଶ୍ୱର ହେବି ।" ନିଜକୁ ପୃଥକୀକୃତ କର, ଅବିଶ୍ୱାସୀମାନଙ୍କ ସହିତ ନିଜକୁ ଯୋଚ ନାହିଁ । ତାହା ଠିକ୍ ଅଟେ ।

173 ଯୁବା ଲୋକ ବିବାହ ହୁଅନ୍ତି, ଏପରି କୌଣସି ଝିଅକୁ ବିବାହ କରନ୍ତି ଯିଏକି ବିଶ୍ୱାସ କରେ ନାହିଁ; କିମ୍ୱା କୌଣସି ଯୁବା ଝିଅ ଜଣେ ପୁଅକୁ ବିବାହ କରନ୍ତି ଯିଏକି ବିଶ୍ୱାସ କରେ ନାହିଁ । ଆପଣ ତାହା କରନ୍ତୁ ନାହିଁ । ମୋର ସେଥିରେ କିଛି ଫରକ୍ ପଡେ ନାହିଁ ଯେ ସେହି ପୁଅ କେତେ ସୁନ୍ଦର ଅଟେ, ଏବଂ—ଏବଂ, କିମ୍ୱା ସେହି ଝିଅ କେତେ ସୁନ୍ଦର, ଏବଂ ତାର କେତେ ବଡ଼ ବଡ଼ ଆଖି ଅଛି; ସେଗୁଡିକ ସବୁ ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ ମଳିନ ପଡ଼ିଯିବ । ମାତ୍ର, ଭାଇ, ଆପଣଙ୍କର ପ୍ରାଣଟି ସଦାକାଳ ପାଇଁ ଜୀବିତ ରହିବାକୁ ଯାଉଅଛି । ଆପଣ ଯାହା କରୁଛନ୍ତି ସେଥି ପ୍ରତି ସାବଧାନ ରୁହନ୍ତୁ । ସେହି ଝିଅ ଜଣେ ପ୍ରକୃତ ବିଶ୍ୱାସୀ ନୁହେଁ କିମ୍ୱା ସେହି ପୁଅ ପ୍ରକୃତ ବିଶ୍ୱାସୀ ନୁହେଁ, ତେବେ ଆପଣ ନିଜକୁ ସେହିପରି ଭାବରେ ଯୋଚନ୍ତୁ ନାହିଁ । ଏହିପରି ବିଷୟଗୁଡିକ ଠାରୁ ଦୂରେଇ ରୁହନ୍ତୁ । ଏହା ଆପଣଙ୍କୁ ଯିବାର ମାର୍ଗରେ ଅସୁବିଧାରେ ପକାଇବ ।

174 ତେବେ ଶୁଣନ୍ତୁ, ସେହି 17ତମ ପଦ ।

*ଆଉ…କେଉଁମାନଙ୍କ ସେ…ଚାଳିଶ ବର୍ଷ ପର୍ଯ୍ୟନ୍ତ ସେ ବିରକ୍ତ ହୋଇଥିଲେ? ଯେଉଁମାନେ ପାପ କରିଥିଲେ, ଯେଉଁମାନଙ୍କ ଶବ ପ୍ରାନ୍ତରରେ ପଡିଥିଲା?*

*…କେଉଁମାନଙ୍କ ବିରୁଦ୍ଧରେ ସେ ଶପଥ କରିଥିଲେ ଯେ ସେମାନେ ତାହାଙ୍କ ବିଶ୍ରାମରେ ପ୍ରବେଶ କରିବେ ନାହିଁ ,…*

175 ସେମାନେ ଆରମ୍ଭ କଲେ, ମାତ୍ର, ସେମାନେ ଆଶ୍ଚର୍ଯ୍ୟକର୍ମ ଦେଖିଲେ, କିନ୍ତୁ ସେମାନେ ପ୍ରତିଜ୍ଞାତ ଦେଶକୁ କେବେ ବି ପହଞ୍ଚିଲେ ନାହିଁ । କେବଳ ଦୁଇ ଜଣର, ଏକ ମନୋନୀତ ସଂଖ୍ୟା,

ସେହି ପ୍ରତିଜ୍ଞାତ ଦେଶକୁ ପ୍ରବେଶ କରିଥିଲେ ।

176 ତେବେ ପାଉଲ କଅଣ କରୁଛନ୍ତି? ସେ ବର୍ତ୍ତମାନ ଖ୍ରୀଷ୍ଟିଆନମାନଙ୍କ ସହିତ କଥା କହୁଛନ୍ତି, "ତୁମେମାନେ ଏହି ସମାନ ସୁସମାଚାରକୁ, ଯାହାକି ପୂର୍ବ ସମୟରେ ପ୍ରଚାର କରାଯାଇଥିଲା, ଚିହ୍ନ ଓ ଚମତ୍କାରମାନ ସହିତରେ, ଏବଂ ଅଗ୍ନିସ୍ତମ୍ଭ ସେମାନଙ୍କୁ କଢେଇ ନେଇଥିଲା; ଯେତେବେଳେକି ଏହି ବିଷୟଗୁଡ଼ିକ ପୁନର୍ବାର ଘଟିବାକୁ ଯାଉଅଛି, ସେତେବେଳେ ଅବିଶ୍ୱାସ ଯୋଗୁଁ, ତୁମେ ତାହାକୁ ରାସ୍ତା କଡ଼ରେ ପକାଇ ଦେବ ନାହିଁ, ସନ୍ଦେହକୁ କରିବାକୁ ଯିବ ନାହିଁ, କାରଣ ସେମାନଙ୍କର ଶବ ପ୍ରାନ୍ତରରେ ପତିତ ହୋଇଥିଲା ।"

177 ତେବେ ଆମେମାନେ, ବର୍ତ୍ତମାନ ଶୀଘ୍ର ଆସୁଅଛୁ । ଧ୍ୟାନ ସହକାରେ ଦେଖନ୍ତୁ ।

> ...*ଯେଉଁମାନେ ଅବାଧ୍ୟ* ହୋଇଥିଲେ *ସେମାନଙ୍କ ବିନା?*
>
> *ଆମ୍ଭେମାନେ ଦେଖୁ ଯେ ସେମାନେ ଅବିଶ୍ୱାସ ହେତୁ ସେମାନେ ପ୍ରବେଶ କରି* ପାରିଲେ *ନାହିଁ ।*

ସେ ଏହାକୁ ଥରେ *ପାପ* ବୋଲି କହନ୍ତି, ପରବର୍ତ୍ତୀ ସମୟରେ ସେ ଏହାକୁ *ଅବିଶ୍ୱାସ* ବୋଲି କୁହନ୍ତି । *ଅବିଶ୍ୱାସ* ହେଉଛି "ପାପ ।" "ସେମାନଙ୍କର ଅବିଶ୍ୱାସ ହେତୁ, ସେମାନେ ପ୍ରବେଶ କଲେ ନାହିଁ ।"

178 ସେମାନେ ସେହି ଭବିଷ୍ୟଦ୍‌ବକ୍ତା, ମୋଶାଙ୍କୁ ଦେଖିଥିଲେ । ସେମାନେ ତାହା ଦେଖିଥିଲେ ଯାହା ସେ କରିଥିଲେ, ତାହା ଦେଖିଥିଲେ ଯାହା ସେ କହିଥିଲେ । ଏହା ପ୍ରତ୍ୟେକ ଥର, ସତ୍ୟ ଥିଲା, ସେହି ସତ୍ୟ, ଠିକ ଆଗକୁ ବଢିଥିଲା । ଏହି ଅଗ୍ନିସ୍ତମ୍ଭ ସେମାନଙ୍କ ସମ୍ମୁଖରେ ଦେଖା ଯାଇଥିଲା । ସେମାନେ ଏହାକୁ ଦେଖିଥିଲେ । ସେମାନେ ତାହା ଦେଖିଲେ ।

179 ପାଉଲ, ପରବର୍ତ୍ତୀ ସମୟରେ, ଏଠାକୁ ଯାଇ, ସେହି ଅଭିଜ୍ଞତାକୁ, ନେବାକୁ ଚେଷ୍ଟା କରୁଥିଲେ, ଯାହା ତାହାଙ୍କର ରହିଥିଲା । ବୁଝିଲେ? ସେହି ଅନୁଭୂତି ସହିତ ମିଶାଇବାକୁ ଚେଷ୍ଟା କରିଥିଲେ, ସେ ଏହାକୁ ପୁରାତନ ନିୟମ ସହିତ ପ୍ରତିରୂପ କରିଥିଲେ । ସେ କହିଲେ, "ତେବେ ଆମେମାନେ ଏକ ନୂତନ ଜିନିଷରେ, ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା, ଏହି ନୂତନ ସମୟାବଧିକୁ ପ୍ରବେଶ କରିଅଛୁ । ପୁରାତନ କାଳରେ, ସଦାପ୍ରଭୁ ସେମାନଙ୍କୁ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ଦେଖା ଦେଉଥିଲେ, ମାତ୍ର ବର୍ତ୍ତମାନ ସେ ତାହାଙ୍କ ପୁତ୍ର, ଯୀଶୁଙ୍କ ଦ୍ୱାରା ଦେଖା ଦିଅନ୍ତି ।" ବୁଝିଲେ? ଏବଂ ସେ ଅନୁଭୂତିଗୁଡିକୁ ପ୍ରତିରୂପ କରିବା ଆରମ୍ଭ କଲେ ଏବଂ ସେମାନଙ୍କୁ ଏହା ଦେଖାଇବାକୁ ଆରମ୍ଭ କଲେ ଯାହାକିଛି ଘଟୁଥିଲା, ଯେ କିପରି ସେହି ଚିହ୍ନ ଏବଂ ଚମତ୍କାରମାନ, ଏବଂ ସବୁକିଛି, ଏବଂ ଯାହାକିଛି ଲେଖା ଯାଇଥିଲା ।

180 ତେବେ ସେ କହିଲେ, "ସେମାନଙ୍କର ଅବିଶ୍ୱାସ ହେତୁ, ସେମାନେ ପ୍ରବେଶ କଲେ ନାହିଁ ।" ସେମାନେ ବିଶ୍ୱାସ କରି ନଥିଲେ ।

181 "ମାତ୍ର ବର୍ତ୍ତମାନ, ଆମେ, ଆମେମାନେ ଏକ ସମୟାବଧି ଭିତରକୁ ଯାଉଅଛୁ, ଏବଂ ତୁମେ ତୁମର ହୃଦୟକୁ କଠିନ କର ନାହିଁ। ବିରକ୍ତି ଜନ୍ମାଇବା ଦିନରେ, ଯେତେବେଳେ ସେମାନେ ପରମେଶ୍ୱରଙ୍କୁ ବିରକ୍ତି ଜନ୍ମାଇଥିଲେ, ତୁମେମାନେ ସେହିପରି ଆଚରଣ କର ନାହିଁ।" ସେମାନେ ଏହା କିପରି କରିଥିଲେ? ଅନୈତିକ ଭାବରେ ଜୀବନଯାପନ କରିବା ଦ୍ୱାରା ନୁହେଁ। ମୋତେ ଏହା ଆପଣଙ୍କଠାରେ ନିମଜ୍ଜିତ କରିବାକୁ ଦିଅନ୍ତୁ।

182 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ମଣ୍ଡଳୀକୁ ଯାଏ।" ତାହା ଠିକ୍ ଅଛି। "ମୁଁ ମୋ ଜୀବନରେ କେବେବି ମିଛ କହି ନାହିଁ।" ତାହା ଉତ୍ତମ ଅଟେ। "ମୁଁ କେବେବି ଚୋରି କରି ନାହିଁ। ମୁଁ କେବେବି *ଏହା*, *ତାହା*, କିମ୍ବା *ଅନ୍ୟ* କିଛି କରି ନାହିଁ।" ତାହା ବହୁତ ଉତ୍ତମ ଅଟେ। ତାହା ସବୁ ଭଲ ଅଟେ। କିନ୍ତୁ, ତଥାପି ତାହା ପାପ ନୁହେଁ।

183 ପାପ ହେଉଛି ତାହା ଯେତେବେଳେ ପରମେଶ୍ୱର ଆପଣାକୁ ପ୍ରଦର୍ଶିତ କରନ୍ତି ଏବଂ ଆପଣ ଏହାକୁ ଅବିଶ୍ୱାସ କରନ୍ତି, ଆପଣ ଏହାକୁ ଶୁଣନ୍ତି ନାହିଁ।

184 "ଓଃ," ଆପଣ କୁହନ୍ତି, "ମୋର ମଣ୍ଡଳୀ ତାହା ଶିକ୍ଷା ଦିଏ ନାହିଁ।" ଯେପର୍ଯ୍ୟନ୍ତ ବାଇବଲ ଏହାକୁ ଶିକ୍ଷା ଦିଏ, ଏବଂ ପରମେଶ୍ୱର ଏହାକୁ ପ୍ରମାଣ କରନ୍ତି, ତାହାହିଁ ସେହି ବିଷୟ ଅଟେ।

ତେବେ କିଛି ସମୟ ପାଇଁ ଦେଖନ୍ତୁ। ବର୍ତ୍ତମାନ ଆମେମାନେ ପ୍ରକୃତ, ପ୍ରକୃତ ଗୋଟାଏ କିଛି ଗଭୀର ବିଷୟ ଉପରେ ଆରମ୍ଭ କରିବାକୁ ଯାଉଅଛୁ। ତେବେ, ଆପଣ ନିଜର ବିବେକକୁ ଆପଣଙ୍କର ପୋଷାକ ପକେଟରେ ରଖି ଦିଅନ୍ତୁ ଯେପର୍ଯ୍ୟନ୍ତକି ଆପଣ ବାହାରକୁ ନ ବାହାରି ଯାଆନ୍ତି।

185 ତେବେ ପ୍ରକୃତରେ ଧ୍ୟାନ ସହକାରେ ଦେଖନ୍ତୁ।

> *ଅତଏବ ଆସ, ଆମ୍ଭେମାନେ ଭୟ କରୁ, କାଳେ ତାହାଙ୍କ ବିଶ୍ରାମରେ ପ୍ରବେଶ* କରିବାର *ପ୍ରତିଜ୍ଞା ଥିବା ସ୍ଥଳେ ସୁଦ୍ଧା…*

*ତାହାଙ୍କ, ତାଙ୍କର,* ତେବେ ବ୍ୟକ୍ତିଗତ ସର୍ବନାମ। କଅଣ?

> *…ତୁମ୍ଭମାନଙ୍କ ମଧ୍ୟରୁ କେହି ସେଥିରୁ ବଞ୍ଚିତ ହେଲା ପରି ଦେଖାଯାଏ।*

186 ତେବେ, ପାଉଲ ସେମାନଙ୍କୁ ପୂର୍ବବର୍ତ୍ତୀ ଅଧ୍ୟାୟରେ, ଏହି ସମସ୍ତ ବିଷୟଗୁଡିକ ସମ୍ବନ୍ଧରେ, କହିବାକୁ ଚେଷ୍ଟା କରୁଛନ୍ତି। ମାତ୍ର ବର୍ତ୍ତମାନ ସେ ସେମାନଙ୍କୁ ଏହା କହିବାକୁ ଚେଷ୍ଟା କରୁଛନ୍ତି ଯେ ତାହା କଅଣ ଅଟେ।

ଓଃ, କଅଣ ଆମ ପାଖରେ ସମୟ ଅଛି କି? ମୁଁ…ବୋଧହୁଏ ଉତ୍ତମ ହେବ ଯେ ଆମେ ଆଜି ରାତି ପର୍ଯ୍ୟନ୍ତ ଅପେକ୍ଷା କରୁ। ଏହା ବିଳମ୍ବ ହେଉଅଛି, ଏବଂ ଆମେ ପ୍ରାର୍ଥନା ସେବା କରିବାକୁ ଯାଉଅଛୁ। ଉତ୍ତମ ହେବ ଯେ ଆମେମାନେ ଆଜି ରାତିରେ ଏହାକୁ ବୁଝି ନେଉ, କାରଣ ଏହା ପ୍ରକୃତରେ ଭିଟାମିନ୍, ଆତ୍ମିକ ଭିଟାମିନ୍‌ରେ ପରିପୂର୍ଣ୍ଣ ଅଟେ। ବହୁତ କିଛି କରିବାକୁ ଅଛି, ଏବଂ ମୁଁ ଆଜି ଅପରାହ୍ନ ପର୍ଯ୍ୟନ୍ତ ବ୍ୟସ୍ତ ଅଛି। "ଆସନ୍ତୁ ଆମେ…"

*ଅତଏବ ଆସ, ଆମ୍ଭେମାନେ ଭୟ କରୁ, କାଳେ...*

187 ତେବେ, କଅଣ ମିସରରେ ରହିଥିବା ବେଳେ, ସେମାନଙ୍କର ପ୍ରତିଜ୍ଞାତ ଦେଶ ନିମନ୍ତେ ଏକ ପ୍ରତିଜ୍ଞା ରହିଥିଲା କି? ଏବଂ, ଯେତେବେଳେ, ପରମେଶ୍ୱର ଏହି ପ୍ରତିଜ୍ଞାକୁ ବାସ୍ତବ ରୂପ ଦେବା ପାଇଁ, ତଳକୁ ଓହ୍ଲାଇ ଆସିଥିଲେ । କାହିଁକି, ପରମେଶ୍ୱର ଅବ୍ରହାମଙ୍କୁ, ଶହ ଶହ ବର୍ଷ ପୂର୍ବରୁ କହିଥିଲେ, ଯେ ସେ ଏହା କରିବାକୁ ଯାଉଛନ୍ତି । ଏହା ଶାସ୍ତ୍ରସଙ୍ଗତ ଥିଲା ।

188 ଯୋଷେଫ କହିଥିଲେ, "ତୁମେମାନେ ମୋର ଅସ୍ଥିକୁ ଏଠାରୁ ସେପର୍ଯ୍ୟନ୍ତ ଘୁଞ୍ଚାଇବ ନାହିଁ ଯେପର୍ଯ୍ୟନ୍ତକି ତୁମେମାନେ ସେହି ପ୍ରତିଜ୍ଞାତ ଦେଶକୁ ନ ଯାଅ ଏବଂ ମୋତେ ମୋର ଅବଶିଷ୍ଟ ପିତୃପୁରୁଷମାନଙ୍କ ସହିତ କବର ନ ଦେଇ ଦିଅ ।" କାରଣ, ସେ ଜାଣିଥିଲେ ଯେ ସେହି ପୁନରୁତ୍ଥାନଟି ଆସୁଅଛି, ଯେତେବେଳେ ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହେବେ, କାରଣ ସେ ତାହା ଜାଣିଥିଲେ ଯାହା ଆୟୁବ କହିଥିଲେ । ବୁଝିଲେ?

189 ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଭବିଷ୍ୟଦ୍‌ବକ୍ତା ସଠିକ ଭାବରେ ତାହା ଜାଣିଥିଲେ ଯାହା ଅନ୍ୟ ଭବିଷ୍ୟଦ୍‌ବକ୍ତା ଜଣକ କହିଥିଲେ, ଏବଂ ଏହା ଜାଣିଥିଲେ ଯେ ସେମାନଙ୍କର ଆତ୍ମା ସମାନ ଥିଲା । ଏବଂ ସେମାନେ ଲକ୍ଷ୍ୟ ରଖୁଥିଲେ । ହେ, ଭାଇ! ଓଃ, ତାହା ଆମକୁ ଆମର ସାଂସାରିକ ସ୍ଥିତିରୁ ଦୋହଲାଇ ଦେବା ଉଚିତ୍ । ସେମାନଙ୍କର ଦୃଷ୍ଟି ସେଥି ଉପରେ ନ ଥିଲା, ଯାହା ଲୋକମାନେ କହିଥିଲେ, ବରଂ ତାହା ପ୍ରତି ଥିଲା ଯାହା ଭବିଷ୍ୟଦ୍‌ବକ୍ତାମାନେ କହିଥିଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଲକ୍ଷ୍ୟ ରଖୁଥିଲେ ।

190 ଅବ୍ରହାମ କହିଲେ, "ମୋତେ ଠିକ ସେହିଠାରେ ହିଁ କବର ଦିଅ ଯେଉଁଠାରେ ଆୟୁବଙ୍କୁ କବର ଦିଆଯାଇଅଛି ।" କହିଲେ, "ସାରା, ମୁଁ ଖଣ୍ଡେ ଜମି କିଣିବାକୁ ଯାଉଅଛି । ଆମେମାନେ ଏଠାରେ ସମାଧି ପାଇବାକୁ ଯାଉଅଛୁ ।"

191 ଇସ୍‌ହାକ ତାଙ୍କ ପିତାଙ୍କ ସଦୃଶ, ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । କହିଲେ, "ଶୁଣ । ତୁମେମାନେ ମୋତେ ଅନ୍ୟ କୌଣସି ସ୍ଥାନରେ ସମାଧି ଦେବ ନାହିଁ, ଏଠାରେ ମିସରରେ ନୁହେଁ, ମାତ୍ର ତୁମେମାନେ ମୋତେ ଠିକ ପ୍ରତିଜ୍ଞାତ ଦେଶକୁ ନେଇଯିବ । ତୁମେମାନେ ମୋତେ ଠିକ ଏଠାରେ କବର ଦେବ ।"

192 ଯାକୁବ ପ୍ରତିଜ୍ଞାତ ଦେଶର ବାହାରେ ମୃତ୍ୟୁବରଣ କରିଥିଲେ, ମାତ୍ର ତାଙ୍କ ପୁତ୍ରଙ୍କୁ, ଯିଏକି ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, କହିଲେ, "ତୁମେ ଜାଣିଛ, ଗୋଟିଏ ରାତିରେ ସେହି ସ୍ୱର୍ଗଦୂତ ମୋତେ ପାର୍ଶ୍ୱରେ ସ୍ପର୍ଶ କରିଥିଲେ । ସେହି ସମୟଠାରୁ ନେଇ ମୁଁ ଛୋଟେଇ ଚାଲୁଅଛି । ଆସ, ତୁମର ହାତ ରଖ..." ଓଃ, ଦୟା ହେଉ! "ମୋର ଭବିଷ୍ୟଦ୍‌ବକ୍ତା ପୁତ୍ର, ମୁଁ ବୃଦ୍ଧ ଏବଂ ମୁଁ ଅନ୍ଧ ଅଟେ । କିନ୍ତୁ ତୁମେ ନିଜେ ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବାରୁ, ତୁମର ପବିତ୍ର ହାତକୁ ରଖ, ଏହାକୁ ସେହି ସ୍ଥାନରେ ରଖ ଯେଉଁଠାରେକି ସ୍ୱର୍ଗଦୂତ ନିଜର ହାତ ଦେଇଥିଲେ, ଏବଂ ସ୍ୱର୍ଗର ପରମେଶ୍ୱରଙ୍କ ନିକଟରେ ଶପଥ କର ଯେ ତୁମେ ମୋତେ ଏଠାରେ ସମାଧି ଦେବ ନାହିଁ ।"

193 ଧନ୍ୟ ହେଉନ୍ତୁ...କଅଣ ଆପଣ ବାକ୍ୟର ସେହି ଆତ୍ମିକ ପ୍ରକାଶନକୁ ଦେଖୁଛନ୍ତି କି? କାହିଁକି, ସେମାନଙ୍କ ମଧ୍ୟରୁ ଅଧେ, ପ୍ରାୟଃ ନବେ ପ୍ରତିଶତ, ଜାଣି ନ ଥିଲେ ଯେ ସେ କେଉଁ ବିଷୟରେ କହୁଥିଲେ । ମାତ୍ର ସେ ଜାଣିଥିଲେ ସେ କେଉଁ ବିଷୟରେ କହୁଅଛନ୍ତି । "ତୁମେ ତୁମର ଭବିଷ୍ୟଦ୍‌ବକ୍ତାର ହାତ ଏହି ସ୍ଥାନରେ ରଖ ଯେଉଁଠାରେ ସ୍ୱର୍ଗଦୂତ ନିଜର ହାତ ଦେଇଥିଲେ । ମୁଁ ଥରେ ଜଣେ ବଡ, ବଳିଷ୍ଠ ମଣିଷ, ଜଣେ ଦୃଢ଼ ଭୀରୁ ବ୍ୟକ୍ତି ଥିଲି । କିନ୍ତୁ, ସେ ମୋତେ ସ୍ପର୍ଶ କରିଥିଲେ, ଏବଂ ସେହି ସମୟଠାରୁ ମୁଁ ଜଣେ ଛୋଟା ବ୍ୟକ୍ତି ହୋଇ ଯାଇଅଛି । ମାତ୍ର ମୁଁ ଛୋଟା ବ୍ୟକ୍ତି ହେବା ଦିନଠାରୁ ମୁଁ ଜଣେ ରାଜକୁମାର ହୋଇ ଯାଇଅଛି । ସେହି ସମୟଠାରୁ ମୁଁ ମୋର ଚାଲିବାର ଢଙ୍ଗ ବଦଳାଇ ଅଛି, ମୁଁ ଜଣେ ରାଜକୁମାର ହୋଇ ଯାଇଅଛି ।" ହଁ । "ଏଠାରେ ତୁମର ହାତ ରଖ । ସ୍ୱର୍ଗର ପରମେଶ୍ୱରଙ୍କ ନିକଟରେ ଶପଥ କର, ତୁମେ ମୋତେ ଏଠାରେ ସମାଧି ଦେବ ନାହିଁ ।" କାହିଁକି? କେହି ହେଲେ ତାହା ଜାଣି ନ ଥିଲେ ଯେ ସେ କେଉଁ ବିଷୟରେ କଥା କହୁଥିଲେ । ଯୋଷେଫ ଜାଣିଥିଲେ । ସେ କହିଲେ, "ମୋତେ ସେହି ସ୍ଥାନକୁ ନେଇଯିବ ଏବଂ ସେହି ପ୍ରତିଜ୍ଞାତ ଦେଶରେ କବର ଦେବ ।" ସେଠାରେ ହିଁ ଅଟେ ଯେଉଁଠାରେ କି ତାହା ଥିଲା । ନିଶ୍ଚିତ ଭାବରେ ।

194 ଅନେକ ବର୍ଷ ପରେ, ଯେତେବେଳେ ଯୋଷେଫଙ୍କର ମୃତ୍ୟୁ ହେଲା, ସେ କହିଲେ, "ତୁମେ ମୋତେ ଏଠାରେ କବର ଦେବ ନାହିଁ । ମାତ୍ର ଯେତେବେଳେ ତୁମେ ଅତିକ୍ରମ କରି ଯିବ ସେତେବେଳେ ମୋ ଅସ୍ଥିକୁ ଦୃଷ୍ଟି ପକାଇବ, 'କାରଣ କୌଣସି ଦିନେ ତୁମେମାନେ ଏଠାରୁ ବାହାରି ଯିବାକୁ ଯାଉଅଛ । ଏବଂ ଯେତେବେଳେ ତୁମେ ଯିବ, ମୋର ଅସ୍ଥିକୁ ତୁମ ସାଙ୍ଗରେ ଘେନି ଯିବ ।"

195 ସେଠାରେ ଆପଣ ଅଛନ୍ତି । ଜଗତ ଯାହା କହିବାକୁ ଚାହେଁ ସେମାନେ ତାହା କୁହନ୍ତୁ, ଏବଂ ସେମାନେ ଯାହା କରିବାକୁ ଚାହାଁନ୍ତି ତାହା କରନ୍ତୁ । ପ୍ରଭୁଙ୍କର ନାମ ଧନ୍ୟ ହେଉ । ମୋତେ ଖ୍ରୀଷ୍ଟଙ୍କଠାରେ ରଖ, ଯଦି ମୋତେ କିଛି ବି ଡକାଯାଏ, ଜଣେ ପାଗଳ, କିମ୍ବା ପବିତ୍ର-ପାଖଣ୍ଡ । କୌଣସି ଦିନ ସେ ଆସୁଅଛନ୍ତି, ଏବଂ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି, ପରମେଶ୍ୱର ସେମାନଙ୍କୁ ନିଜ ସହିତରେ ନେଇକରି ଆସିବେ ଯେତେବେଳେ ସେ ଆଗମନ କରନ୍ତି । ଏହାସବୁ କିଛି ଏକ ଆତ୍ମିକ, ପ୍ରକାଶିତ ସତ୍ୟ ଭାବରେ ସେଠାରେ ରହିଅଛି, ଏବଂ ଏହାକୁ ଧରିବା ପାଇଁ ଏକ ଆତ୍ମିକ ମନ ଆବଶ୍ୟକ କରେ । ଦିନସାରା, ତାହା ଉପରେ ବିଶ୍ରାମ କରନ୍ତୁ । ଏହା ବିଷୟରେ ଚିନ୍ତା କରନ୍ତୁ । ଯଦିଓ ଆପଣ ତାହା ନିଜର ରାତ୍ରୀ ଭୋଜନ ବିନା ହିଁ କରନ୍ତି, ଏହା ବିଷୟରେ ଚିନ୍ତା କରନ୍ତୁ ।

196 ଏବଂ ଆଜି ରାତିରେ, ଆମେମାନେ ତାହାଙ୍କ ବିଶ୍ରାମକୁ ଯିବା, ଯାହାକି ବାକି ରହି ଯାଇଥିଲା, ଏବଂ ଦେଖିବା ଯେ ଆଜି ଏହି ପ୍ରତିଜ୍ଞାଟି କଅଣ ଅଟେ । ଆଜି ଏହି ଜିନିଷଟି କଅଣ ଅଟେ? ଯଦି ପରମେଶ୍ୱର ଏହାକୁ ଏଠାରେ ବାଇବଲରେ ନ ରଖିଥାଆନ୍ତି, ଏବଂ ଏହାକୁ ପ୍ରମାଣ ନ କରିଥାଆନ୍ତି, ଯେ ଏହା ଠିକ ବର୍ତ୍ତମାନ ଏଠାରେ ଅଛି, ତେବେ ମୁଁ ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଅଟେ । ତାହା ଅବିକଳ ଠିକ୍ ଅଟେ । ମାତ୍ର ଏହା ଏଠାରେ ଅଛି । ଏହି ବିଶ୍ରାମ

କଅଣ ଅଟେ?

197 ସେ କହିଲେ:

> ତେବେ, *ଅତଏବ ଆସ…ଆମ୍ଭେମାନେ ଭୟ କରୁ, କାଳେ, ତାହାଙ୍କ ବିଶ୍ରାମ*ରେ ପ୍ରବେଶ କରିବାର *ପ୍ରତିଜ୍ଞା ଥିବା ସ୍ଥଳେ* ଯେପରିକି ସେମାନଙ୍କର ରହିଥିଲା,…

198 ଏବଂ ଏହାକୁ ସେହି ସମାନ ପ୍ରତିଜ୍ଞା ହେବା ଆବଶ୍ୟକ ଅଟେ । ଏହାକୁ ସେହି ସମାନ ବିଶ୍ରାମ ହେବା ଆବଶ୍ୟକ ଅଟେ । ଏହାକୁ ସେହି ସମାନ ପରମେଶ୍ୱର ହେବା ଆବଶ୍ୟକ ଅଟେ । ଏହାକୁ ସେହି ସମାନ ଚିହ୍ନମାନ ହେବା ଆବଶ୍ୟକ ଅଟେ । ଏହାକୁ ସେହି ସମାନ ଜିନିଷ ହେବା ଆବଶ୍ୟକ ଅଟେ । ମାତ୍ର ଆସନ୍ତୁ ଆମେମାନେ ବିଶ୍ରାମ କରିବା । ତେବେ ଏହା କଅଣ ଅଟେ? ଆଜି ରାତିରେ, ପ୍ରଭୁ ଆମକୁ ତାହା ପ୍ରଦାନ କରନ୍ତୁ ।

ଯେତେବେଳେ ଆମେମାନେ ଆମର ମସ୍ତକଗୁଡିକୁ ନତ କରିଅଛୁ ।

199 ହେ ଧନ୍ୟ ପ୍ରଭୁ, କେବଳ ଅନନ୍ତତା ହିଁ ସେହି ମହାନ ବିଷୟଗୁଡ଼ିକୁ ପ୍ରକାଶ କରିବ ଯାହାକି ଆମେମାନେ ବର୍ତ୍ତମାନ ଏକତ୍ର ଅଂଶୀଦାର କରୁ । ଛୋଟ…

ଅନେକେ ଅଛନ୍ତି ଯେଉଁମାନେକି ନିନ୍ଦା ନିମନ୍ତେ ନିଯୁକ୍ତ ଅଟନ୍ତି । ଯେପରିକି ତୁମେ ଯିହୂଦା ପୁସ୍ତକରେ କହିଅଛ, ଯେ, "ପ୍ରାଚୀନ ଶାସ୍ତ୍ରମାନଙ୍କରେ, ଦଣ୍ଡର ପାତ୍ର ବୋଲି ବର୍ଣିତ ହୋଇଥିବା କେତେକ ଲୋକ ଆମ୍ଭମାନଙ୍କ ପରମେଶ୍ୱରଙ୍କ ଅନୁଗ୍ରହକୁ ବିପରୀତ ଭାବରେ କାମୁକତାରେ ବ୍ୟବହାର କରି ପରିଣତ କରନ୍ତି ।" ଏବଂ ଆଜି ଅନେକ ଲୋକ ସୁସମାଚାର ପ୍ରଚାର କରୁଅଛନ୍ତି, ପରମେଶ୍ୱରଙ୍କ ଅନୁଗ୍ରହକୁ, ଏହାକୁ ଏକ ଅର୍ଥ-ଉପାର୍ଜନ ଯୋଜନାରେ ପରିଣତ କରୁଅଛନ୍ତି, ଯାହାଙ୍କର ଏକ ବହୁତ ବଡ଼ ମଣ୍ଡଳୀ ରହିଛି ଏବଂ ରବିବାର ଶ୍ରେଣୀର ଶିକ୍ଷାରେ ସର୍ବାଧିକ ସଂଖ୍ୟା ରହିଛି, ପରମେଶ୍ୱରଙ୍କ ଅନୁଗ୍ରହକୁ ନେଇ ତାହାକୁ ବିପରୀତ ଭାବରେ କାମୁକତାରେ ବ୍ୟବହାର କରି ପରିଣତ କରୁଅଛନ୍ତି । ଏବଂ ଜଗତ ଅନ୍ଧ ଅଟେ, ଏବଂ ଅନ୍ଧ ଘୁଷୁରି ପରି ଯାଉଅଛି । ସେମାନେ ବୁଝନ୍ତି ନାହିଁ ।

200 ହେ ପରମେଶ୍ୱର, ଆମର ବୁଝାମଣାକୁ ଫିଟାଇ ଦିଅ । ଏହା ହେଉ ଯେ ଆମର ବୁଝାମଣା ଏହି ଜଗତର ସନ୍ତାନମାନଙ୍କ ପରି ନ ହେଉ । କାରଣ ତୁମେ ନିଜ ବାକ୍ୟରେ କହିଅଛ, ଯେ, "ଏହି ଜଗତର ସନ୍ତାନମାନେ ଆଲୋକର ସନ୍ତାନମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ ଅଟନ୍ତି ।" ଆରମ୍ଭରେ ତାହା ସେହିପରି ହିଁ ଥିଲା, "କୟିନର ସନ୍ତାନଗଣ" ମହାନ ଗୁରୁ ବୈଜ୍ଞାନିକମାନ ହୋଇଥିଲେ । ସେମାନେ ମହାନ ଶିକ୍ଷାବିତ୍ ହୋଇଥିଲେ । ସେମାନେ ବସ୍ତୁର କାରୁକାର୍ଯ୍ୟକାରୀ ହୋଇଥିଲେ । ସେମାନେ ଉନ୍ନତି ସାଧନ କଲେ, ଅତ୍ୟଧିକ ଧାର୍ମିକ ଥିଲେ, ମାତ୍ର ନିନ୍ଦିତ ହୋଇଥିଲେ ଏବଂ ନ୍ୟାୟ ବିଚାରରେ ବୁଡ଼ି ଯାଇଥିଲେ । ଏବଂ ସେମାନଙ୍କର ଶବ ଜଳ ଉପରେ ଭାସମାନ ହୋଇଥିଲା, ଏବଂ ସେମାନଙ୍କର ପ୍ରାଣଗୁଡିକ ନରକକୁ ଚାଲିଗଲା ।

201 ଏବଂ ଯୀଶୁ ଯେତେବେଳେ ମୃତ୍ୟୁବରଣ କଲେ, ସେ ଯାଇ ସେମାନଙ୍କୁ କଥା କହିଲେ। "ଏବଂ ନରକକୁ ଯାଇ କାରାଗାରରେ ଥିବା ପ୍ରାଣଗୁଡିକୁ ପ୍ରଚାର କଲେ, ଯେଉଁମାନେକି ନୋହଙ୍କ ସମୟରେ, ଦୀର୍ଘସହିଷ୍ଣୁତାର ଦିନରେ ମନ ଫେରଣ କରି ନ ଥିଲେ," ଶାସ୍ତ୍ର କୁହେ। ଏବଂ ପରମେଶ୍ୱର, ଯେତେବେଳେ ସେ ପୃଥିବୀ ପୃଷ୍ଠରେ ଛିଡା ହୋଇଥିଲେ, ସେ କହିଲେ, "ଯେପରି ତାହା ନୋହଙ୍କ ସମୟରେ ଘଟିଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ସେହିପରି ଘଟିବ।"

202 ମାତ୍ର ଆମେମାନେ ଲକ୍ଷ୍ୟ କରୁ, "ତେବେ ଶେଥ୍ ର ସେହି ବଂଶ," ବିନମ୍ର ପୁରୁଷମାନେ, ପରମେଶ୍ୱରଙ୍କ ପ୍ରକୃତ ପୁରୁଷମାନେ, ଜଗତର ବିଷୟବସ୍ତୁ ସମ୍ବନ୍ଧରେ ଅଧିକ କିଛି ଜାଣି ନ ଥିଲେ, ଜଗତର ବିଷୟବସ୍ତୁ ପାଇଁ କିଛି ଚିନ୍ତା କରି ନ ଥିଲେ, ମାତ୍ର ପ୍ରତ୍ୟେକ ଭାରଗ୍ରସ୍ତ ବିଷୟକୁ ପୃଥକ କରି ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ, ଏବଂ ଭବିଷ୍ୟଦ୍‌ବକ୍ତା ଓ ରାଜ୍ୟର ମହାନ ବ୍ୟକ୍ତିମାନ ହୋଇଥିଲେ। ଯେତେବେଳେକି ଅନ୍ୟମାନେ, ଅନ୍ୟ ଧାର୍ମିକ ଜଗତ, ସେମାନଙ୍କ ଉପରେ ହସିଥିଲା, ସେମାନଙ୍କୁ ଥଟ୍ଟା ପରିହାସ କରିଥିଲା। ମାତ୍ର ସେହି ସମୟ ଉପସ୍ଥିତ ହେଲା ଯେତେବେଳେ ଜଳପ୍ଲାବନ ଓ ବିଚାର ଆସିଥିଲା।

203 ଠିକ ତଦ୍ରୂପେ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ସମୟରେ ମଧ୍ୟ ଏହା ଘଟିଥିଲା। ସେମାନେ କିପରି ତାହାଙ୍କ ଉପରେ ହସିଥିଲେ ଏବଂ ତାଙ୍କୁ ପରିହାସ କରିଥିଲେ, ଯେତେବେଳେକି ସେମାନଙ୍କର ନିଜର ଧର୍ମମାନ ଏବଂ ସେମାନଙ୍କର ମହାନ ମଣ୍ଡଳୀମାନ ରହିଥିଲା। ମାତ୍ର ସେମାନେ ସେହି ପ୍ରଭାତି ତାରାର ପରିହାସ କରିଥିଲେ, ଏବଂ ସେମାନେ ତାହାଙ୍କ ଉପରେ ହସିଥିଲେ। କିନ୍ତୁ ତଥାପି ସେମାନେ ବିଚାର ମଧ୍ୟକୁ ପ୍ରବେଶ କରିଥିଲେ। ଏବଂ ଯେତେବେଳେ ସେମାନେ ପଳାୟନ କରି ଯିରୁଶାଲମ ଭିତରକୁ କରିଥିଲେ, ସେଠାରେ ସେମାନେ ଭୋକରେ, ସେମାନଙ୍କର ନିଜର ସନ୍ତାନମାନଙ୍କୁ ଭୋଜନ କରିଥିଲେ, ଏବଂ ସେମାନଙ୍କର ରକ୍ତ ରାସ୍ତାର ଫାଟକ ଦେଇ ବାହାରି ଆସିଥିଲା ଯେତେବେଳେ ସେମାନେ ସେହି ନଗର ଓ ମନ୍ଦିରକୁ ଜାଳି ଦେଇଥିଲେ, ଏବଂ ସେମାନଙ୍କର ପ୍ରାଣଗୁଡିକ ନରକକୁ ଚାଲିଗଲା।

204 ପ୍ରଭୁ, ଏଠାରେ ଆମେମାନେ ପୁନର୍ବାର, ତୃତୀୟଥର ଅଛୁ। ଏହା ହେଉଛି ଜୀବନ ସମୟ। ତିନି ସଂଖ୍ୟା ହେଉଛି ଜୀବନର ସଂଖ୍ୟା। ଏବଂ ଏଠାରେ ଆମେମାନେ, ସ୍ୱର୍ଗାରୋହଣ ପାଇଁ ପ୍ରସ୍ତୁତ ଅଟୁ।

ମଣ୍ଡଳୀ ଆଗକୁ ବଢୁଅଛି; ସେହି ମହାନ ବୈଜ୍ଞାନିକ ଜଗତ; ମଣ୍ଡଳୀଗୁଡ଼ିକ ଆଜି ସନ୍ଦେହୀ-ବିଶ୍ୱାସୀମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଅଟେ। ହଜାର ହଜାର ଲୋକମାନେ ପୁସ୍ତକରେ ସେମାନଙ୍କର ନାମ ସହିତରେ ଅଛନ୍ତି, ହଁ, ଲକ୍ଷ ଲକ୍ଷ, ଏବଂ ସେହି ସୁସମାଚାର ଉପରେ ହସୁଥାଆନ୍ତି, ଏବଂ କୁହନ୍ତି, ଯେ, "ସେମାନେ ଅଶିକ୍ଷିତ ଅଟନ୍ତି। ସେମାନେ ଜାଣନ୍ତି ନାହିଁ।"

ବୋଧହୁଏ ତାହା ସେହିପରି ଅଟେ, ପ୍ରଭୁ, ମାତ୍ର ଆମର ଶିକ୍ଷାରେ ଯାହା ଅଭାବ ଅଛି,

ତୁମେ ତାହା ଅନୁଗ୍ରହରେ ପରିପୂର୍ଣ୍ଣ କରିବ ତୁମର ଆଲୋକର ଦୂତକୁ ପଠାଇ, ନିଜର ଶକ୍ତିକୁ ପ୍ରଦର୍ଶନ କରି, ସେମାନଙ୍କ ନିକଟରେ ସେହି ବାକ୍ୟଗୁଡିକୁ ସୁନିଶ୍ଚିତ କରି ଯେଉଁମାନେକି ଆମ ପରି ଦରିଦ୍ର ଏବଂ ଅଶିକ୍ଷିତ ଅଟନ୍ତି । ମାତ୍ର ଆମେମାନେ ତୁମକୁ ଏଇଥି ପାଇଁ ପ୍ରେମ କରୁ, କାରଣ ଏହା ପରମେଶ୍ୱରଙ୍କ ଅନୁଗ୍ରହ ଅଟେ ଯାହାକି ଏହାକୁ କରିଥିଲା, ଏବଂ ଆମେ ଜାଣୁ ଯେ ଆମେମାନେ ଜନ୍ମ ହୋଇଅଛୁ । ଏବଂ ଆମେମାନେ ଆଦୌ, ସୁନ୍ଦର ନୋହୁଁ । ଆମେମାନେ ବହୁତ ଅପ୍ରିୟ ଅଟୁ । ମାତ୍ର ଟୁମେ, ଅନୁଗ୍ରହ ଦ୍ୱାରା, ତୁମର ଦୟାଳୁ ହସ୍ତକୁ ତଳେ ପଠାଇଅଛ ଏବଂ ଆମମାନଙ୍କର ଆଖିକୁ ଖୋଲିଅଛ, ଯେପରି ଯୀଶୁ ଆମ ପାଇଁ ପ୍ରାର୍ଥନା କରିଥିଲେ; ଯେପରି ଏଲିୟ ଗେହେଜୀ ପାଇଁ କରିଥିଲେ, ଯେତେବେଳେକି ସେ ତାଙ୍କ ଚତୁର୍ଦ୍ଦିଗକୁ ଦେଖିବା ପାଇଁ ଅନାଇଥିଲା । ଏବଂ ଆଜି ଆମର ଆଖିଗୁଡିକ ଖୋଲା ଅଛି, ଏବଂ ଆମେ ପରମେଶ୍ୱରଙ୍କ ଜିନିଷଗୁଡିକୁ ଦେଖୁ, ଏବଂ ଜାଣୁ ଯେ ଆମେ ଶେଷ ସମୟରେ ଗତି କରୁଅଛୁ; ଯେତେବେଳେକି ବିଜାତୀ ଲୋକମାନଙ୍କର ଦିନଗୁଡିକ ସମାପ୍ତ ହେବା ଉପରେ ଅଛି, ଏବଂ ସେ ତାହାଙ୍କ ନାମ ନିମନ୍ତେ ଏକ ଲୋକଙ୍କୁ ଗ୍ରହଣ କରିବେ । ତେବେ ଆସୁ ଆମେମାନେ ସେଥିରେ ସମ୍ମିଳିତ ରହୁ, ହେ ପ୍ରଭୁ, ଆମେ ନମ୍ର ଭାବରେ ଭିକ୍ଷା କରୁଅଛୁ । ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଏହାକୁ ପ୍ରଦାନ କରିବ ।

205 ଆମକୁ ଆଶୀର୍ବାଦ କର । ଆଜି ସକାଳେ ଏହି ଛୋଟ ଦର୍ଶକବୃନ୍ଦଙ୍କୁ ଆଶୀର୍ବାଦ କର । ସେମାନେ ସମସ୍ତ ପ୍ରକାରର ବିଭିନ୍ନ ଧର୍ମ ଏବଂ ବିଶ୍ୱାସମତକୁ ନେଇ ଗଠିତ ଅଟନ୍ତି, ମାତ୍ର ହେ ପରମେଶ୍ୱର, ଆଜି ସେଗୁଡିକୁ ଅଲଗା କରି ଦିଅ । ଏବଂ ଏହା ହେଉ ଯେ ସେମାନେ ସିଧାସଳଖ କାଲବରୀ ଆଡକୁ ଅନାଇ, କୁହନ୍ତୁ, "ହେ ପରମେଶ୍ୱର, ମୋତେ ଭାଙ୍ଗି ଗଢ଼ । ମୁଁ ତ ସେହି ପ୍ରକାର ଅଟେ…" ଭବିଷ୍ୟଦ୍‌ବକ୍ତା କହିଲେ ଯେ ସେ କୁମ୍ଭାର ଘରକୁ ଯାଇଥିଲେ, ଯେପରିକି ସେ ଭଙ୍ଗା ଯାଇ ପୁନଃ ଗଢା ଯାଇପାରନ୍ତି । ଆମକୁ ଭାଙ୍ଗି ଦିଅ ଏବଂ ଆମକୁ ସେହି ରୂପରେ ଗଢ଼ ଯେପରିକି ଆମେ ହେଉ ବୋଲି ପରମେଶ୍ୱର ଚାହାଁନ୍ତି । ଏଥିରେ କିଛି ଯାଏ ଆସେ ନାହିଁ ଯେ ଆମେ ପ୍ରଭୁଙ୍କ ଘରେ ଦ୍ୱାରୀ ହେଉ । ଦୁଷ୍ଟମାନଙ୍କ ସହିତ ତମ୍ବୁରେ ବାସ କରିବା ଅପେକ୍ଷା ବରଂ ମୁଁ ତ ଦ୍ୱାରୀ ହେବାକୁ ପସନ୍ଦ କରିବି । ଏବଂ ଏହାକୁ ପ୍ରଦାନ କର, ହେ ପ୍ରଭୁ । ବର୍ତ୍ତମାନ ଆମକୁ ଆଶୀର୍ବାଦ କର, ଏବଂ ଆମକୁ ନମ୍ର କରି ରଖିଥାଅ । ପରମେଶ୍ୱରଙ୍କ ବିଷୟଗୁଡ଼ିକ ପ୍ରତି ଆମର ହୃଦୟ ଖୋଲା ରହୁ, ଆମର ମନଗୁଡିକ ସ୍ୱଚ୍ଛ ରହୁ, କାରଣ ଆମେ ଏହାକୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ ।

206 ଆମମାନଙ୍କର ମସ୍ତକଗୁଡିକ ନତ ଥିବା ଅବସ୍ଥାରେ, ମୁଁ ଆଶ୍ଚର୍ଯ୍ୟ କରେ ଯଦି କେହି ନିଜର ପ୍ରାଣର ତାଙ୍କର ଉଦ୍ଧାର ନିମନ୍ତେ, ପ୍ରାର୍ଥନାର ଏକ ଶବ୍ଦରେ ସ୍ମରଣ କରାଯାଉ ବୋଲି ଚାହିଁବେ କି? କଅଣ ଆପଣ ନିଜର ହାତକୁ ଉଠାଇ, କେବଳ ଜଣେ ପାପୀ ହୋଇ ରହିବେ କି? ହେ ଯୁବା ଲୋକ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଅନ୍ୟ କେହି ଅଛନ୍ତି କି? ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ, ଆଶୀର୍ବାଦ କରନ୍ତୁ, ମହାଶୟ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହିଳା । କଅଣ ଆଉ କେହି ବର୍ତ୍ତମାନ ନିଜର ପ୍ରାଣ ପାଇଁ,

ପ୍ରାର୍ଥନାରେ ମନେ ପକାଯାଉ ବୋଲି ଚାହାଁନ୍ତି କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ, ଆପଣ ଯିଏକି ନିଜର ହାତ ଉଠାଇଅଛନ୍ତି । ଏବଂ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏବଂ ଆପଣଙ୍କୁ ଏଠାରେ । ଅଦ୍ଭୁତ । ସମାପ୍ତ କରିବା ପୂର୍ବରୁ ଠିକ, କଅଣ ଆଉ କେହି ଅଛନ୍ତି କି? ମୁଁ ଅନୁଭବ କରୁଛି ଯେ ସେଠାରେ ଥିବେ । ପରମେଶ୍ୱର ଆପଣଙ୍କୁ ସେଠାରେ ପଛରେ, ଆଶୀର୍ବାଦ କରନ୍ତୁ, ମହାଶୟ, ସେଠାରେ ପଛ ପଟରେ ।

207 ତେବେ, ବର୍ତ୍ତମାନ ଦେଖନ୍ତୁ, ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ । ମୁଁ ଆଦୌ ଚାହେଁ ନାହିଁ ଯେ ଆପଣ ଏହା ଭାବନ୍ତୁ କାରଣ ଏହା ଏହି ଛୋଟ ଆରାଧନାଳୟ ଅଟେ । ମୁଁ ଚାହେଁ ନାହିଁ ଯେ ଏହା ତାହା ଅଟେ ବୋଲି ଆପଣ ଭାବନ୍ତୁ କାରଣ ଏହା ଏହି ଲୋକମାନେ ଅଟନ୍ତି । ଏବଂ ଦୟାଳୁ ପରମେଶ୍ୱର, ଏହା ତାହା ଅଟେ ବୋଲି ଭାବନ୍ତୁ ନାହିଁ କାରଣ ପ୍ରଭୁଙ୍କର ସେହି ଦୂତ ନିଜର ଫଟୋଚିତ୍ରକୁ ମୋ ସହିତ ଟାଣିବାକୁ ଦେଲେ, ଏବଂ ମୁଁ...ଏବଂ—ଏବଂ ତାହା କରିବାକୁ, ସେହିପରି କିଛି ଗୋଟାଏ ଅଟେ । ହେ ପରମେଶ୍ୱର! ଯଦି ମୁଁ ସେହିପରି ଭାବରେ ଅନୁଭବ କରିଥାଏ, ତାହାହେଲେ, ଭାଇ, ମୋତେ ଆପଣଙ୍କୁ ପଚାରିବା ପରିବର୍ତ୍ତେ ସେଠାରେ ବେଦୀରେ ରହିବା ଆବଶ୍ୟକ । ମାତ୍ର ମୁଁ ଏହା କେବଳ କହୁଅଛି, ମୁଁ ଏହାକୁ କେବଳ ଶାସ୍ତ୍ର ଦ୍ୱାରା କହୁଅଛି, ଯେପରିକି ଆପଣ ଏହା ଦେଖିବେ ଯେ ଏହା ସତ୍ୟ ଅଟେ । ଯଦି ମୁଁ ଏହା କହିଥାଏ, ଏବଂ ତାହା ସହିତ ସେଠାରେ ଏହାହିଁ ସବୁକିଛି ଅଟେ, ଅନ୍ୟ କୌଣସି ପ୍ରଚାରକ କିମ୍ବା ଅନ୍ୟ କାହାରି ପରି କହିଥାଏ, କିମ୍ବା ଅନ୍ୟ କିଛି ପରି, ତେବେ, ତାହାହେଲେ, ଏହା ଅଲଗା ହେବ । ମାତ୍ର ଆପଣ ସେହି ବିଷୟକୁ ଦେଖନ୍ତୁ, ପରମେଶ୍ୱର ପୁନର୍ବାର ଫେରି ଆସନ୍ତି ଏବଂ ପ୍ରମାଣ କରନ୍ତି ଯେ ଏହା ସତ୍ୟ ଅଟେ । ବୁଝିଲେ? ତାହା ହିଁ ଅଟେ ଯାହାକି ଏହାକୁ ବାସ୍ତବ କରେ, ଯେ ପରମେଶ୍ୱର ଏହାକୁ ପ୍ରମାଣ କରୁଅଛନ୍ତି । ଏବଂ ତାହାପରେ, କେବଳ ସେତିକି ନୁହେଁ, ମାତ୍ର ତାହାଙ୍କ ବାକ୍ୟ କୁହେ ଯେ ସେ ଏହାକୁ କରିବେ । ଏଠାରେ ସେ ଏହାକୁ କରୁଅଛନ୍ତି ।

208 ବର୍ତ୍ତମାନ ଯଦି ଆପଣ ସଠିକରେ ନାହାଁନ୍ତି, ଆପଣଙ୍କର ହୃଦୟ ପରମେଶ୍ୱରଙ୍କ ସହିତରେ ଠିକ୍ ନୁହେଁ, ତେବେ କଅଣ ଆପଣ କେବଳ ନିଜର ହାତକୁ ଉଠାଇବେ କି? କହିବେ, “ମୋ ପାଇଁ ପ୍ରାର୍ଥନା କର ।” ଠିକ୍ ଅଛି, ଆପଣ ଯେଉଁଠାରେ ବି ଅଛନ୍ତି ଠିକ ସେହିଠାରେ । ପ୍ରାୟଃ ଆଠ କିମ୍ବା ଦଶଟି ହାତ ଉପରକୁ ଉଠିଅଛି, ଯେଉଁମାନେକି ସେମାନଙ୍କ ପ୍ରାଣ ନିମନ୍ତେ ଦୟା ଚାହୁଁଛନ୍ତି । ଯେତେବେଳେକି ଆପଣମାନେ ନିଜର ମସ୍ତକଗୁଡିକୁ ନତ କରିଛନ୍ତି, ବର୍ତ୍ତମାନ ଆପଣମାନେ ପ୍ରାର୍ଥନା କରନ୍ତୁ । ମନେରଖନ୍ତୁ, ଆପଣ ହିଁ ସେହି ଜଣକା ଯାହାଙ୍କୁ ଅନୁତାପ କରିବାକୁ ଅଛି । ମୁଁ କେବଳ ଆପଣମାନଙ୍କ ପାଇଁ ମାଗୁଅଛି, ଯେ ପରମେଶ୍ୱର ଦୟାବନ୍ତ ହେବେ । ମାତ୍ର ତାହା ଯଜ୍ଞବେଦୀ ଅଟେ, ପରମେଶ୍ୱର ଆପଣଙ୍କ ମନରେ ଆପଣଙ୍କୁ ଏପରି ଏକ ସ୍ଥାନକୁ ଆଣିଅଛନ୍ତି; ତାହା ହେଉଛି ଯଜ୍ଞବେଦୀ । ଆମେ ଯଜ୍ଞବେଦୀକୁ ଆସିବାରେ ବିଶ୍ୱାସ କରୁ, ନିଶ୍ଚିତରେ, ମାତ୍ର ତାହା ନୁହେଁ—ତାହା ନୁହେଁ... ଏହା ଠିକ ଅଟେ । ମାତ୍ର ଆପଣଙ୍କର ପ୍ରକୃତ ଯଜ୍ଞବେଦୀ ସେଠାରେ ଅଟେ ଯେଉଁଠାରେ ପରମେଶ୍ୱର ଆପଣଙ୍କୁ ଭେଟିଥାଆନ୍ତି । ଏବଂ ସେ ଆପଣଙ୍କୁ ଠିକ ସେଠାରେ ଭେଟିଥାଆନ୍ତି

ଯେଉଁଠାରେ ଆପଣ ବସିଅଛନ୍ତି । ତାହା ଆପଣଙ୍କର ଯଜ୍ଞବେଦୀ ଅଟେ ।

209 ବର୍ତ୍ତମାନ କୁହନ୍ତୁ, "ହେ ପରମେଶ୍ଵର, ମୋ ଭଳି ଜଣେ ପାପୀ, ପ୍ରତି ଦୟା କର । ଏବଂ ଏହି ଦିନଠାରୁ, ଯଦି ତୁମେ ମୋତେ ସାହାଯ୍ୟ କରିବ, ମୁଁ ତୁମ ପାଇଁ ବଞ୍ଚିବି । ମୁଁ କରିବି—ମୁଁ ତୁମର ସେବା କରିବି । ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ କେହି କଅଣ କୁହନ୍ତି, ମୁଁ ତ ଆଜି ସକାଳେ, ବାହାରକୁ ଯାଉଅଛି । ମୁଁ ଠିକ ଏଠାରେ ପ୍ରାର୍ଥନା କରୁଅଛି, ଏବଂ ତୁମେ ଏହି ପୁରୁଣା ଗର୍ବି ଆତ୍ମାକୁ ମୋଠାରୁ ଦୂରେଇ ନିଅ । ତୁମେ ଏହି କ୍ରୋଧକୁ ମୋ ଠାରୁ ଦୂରେଇ ନିଅ । ମୁଁ ଜାଣେ ଯେ ମୁଁ ସେହିପରି ଭାବରେ ଆଚରଣ କରିପାରେ ନାହିଁ ଏବଂ ପରମେଶ୍ଵରଙ୍କ ସହିତ ସଠିକ୍ ରହିପାରେ ନାହିଁ । ଏବଂ ମୋ ହୃଦୟରେ ଘୃଣା ଅଛି । ମୁ ଈର୍ଷା କରେ । ମୋ ଠାରେ ଦ୍ଵେଷ ଅଛି । ମୋ ପାଖରେ *ଏହା*, *ତାହା* ଅଛି । ହେ ପରମେଶ୍ଵର, ଏହାକୁ ବାହାର କରି ନିଅ । ମୁଁ ସେହିପରି ହେବାକୁ ଚାହେଁ ନାହିଁ । ମୋତେ ମଧୁର, ବିନମ୍ର ଏବଂ ଦୀନହୀନ କର । ମୋତେ ଭଦ୍ର କର । ମୋତେ ଏପରି ଏକ ବ୍ୟକ୍ତି କର ଯେପରିକି ମୁଁ ଅନ୍ୟମାନଙ୍କୁ ତୁମ ପାଇଁ ଜିତି ପାରିବି । ମୋତେ ତୁମ ପାଇଁ କିଛି କରିବାକୁ ଦିଅ ଯଦ୍ଵାରା ମୋ ଜୀବନରେ କୃତଜ୍ଞତାକୁ ଦେଖାଇପାରେ ।" ତାହାହିଁ ସେହି ପ୍ରାର୍ଥନା ବର୍ତ୍ତମାନ ଆପଣମାନେ କରନ୍ତୁ, ଯେତେବେଳେ ଆମେମାନେ ଏକାଠି ପ୍ରାର୍ଥନା କରୁଅଛୁ ।

210 ସ୍ଵର୍ଗୀୟ ପିତା, ସେମାନେ ତୁମର ଅଟନ୍ତି । ସେମାନେ ଆଜି ସକାଳେ ଏହି ବାର୍ତ୍ତାର ଫଳ ଅଟନ୍ତି । ସେମାନେ ସେମାନଙ୍କର ହାତଗୁଡିକ ଉଠାଇଥିଲେ । କିଛି ଗୋଟାଏ ବିଷୟ ସେମାନଙ୍କୁ ତାହା କରିବାକୁ ବାଧ୍ୟ କରିଥିଲା । ସେମାନେ—ସେମାନେ ମାଧ୍ୟାକର୍ଷଣର ନିୟମକୁ ଅବମାନନା କଲେ ଯେତେବେଳେ ସେମାନେ ସେମାଙ୍କର ହାତକୁ ଉଠାଇଥିଲେ । ସେମାନଙ୍କ ମଧ୍ୟରେ ଏକ ଆତ୍ମା ଥିଲା ଯାହାକି ଏକ ନିଷ୍ପତ୍ତିକୁ ନେଇଥିଲା । ସେମାନେ ସେମାଙ୍କର ହାତକୁ ଉଠାଇଥିଲେ, ଯେ ସେମାନେ ସୃଷ୍ଟିକର୍ତ୍ତାଙ୍କୁ ଗ୍ରହଣ କଲେ ଯିଏକି ସେମାନଙ୍କୁ ସୃଷ୍ଟି କରିଥିଲେ ।

211 ତେବେ, ସ୍ଵର୍ଗୀୟ ପିତା, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କୁ ଠିକ ବର୍ତ୍ତମାନ ହିଁ, ଆଶୀର୍ବାଦ କରିବ, ଏବଂ ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବ । ସେଠାରେ ଏପରି କିଛି ନାହିଁ ଯାହାକି ମୁଁ କରିପାରିବି; ସେମାନଙ୍କୁ ବେଦୀ ଚାରିପାଖରେ ଡାକିଥାଏ, ସେମାନଙ୍କୁ ଏକ ଅତିରିକ୍ତ କୋଠରୀରେ ରଖିଥାଏ, ସମସ୍ତକିଛି କାର୍ଯ୍ୟ କରିଥାଏ । ଏହା—ଏହା କରିବା ତୁମକୁ ଆବଶ୍ୟକ କରେ, ହେ ପ୍ରଭୁ । ଆମେ ବାକ୍ୟ ପ୍ରଚାର କରିବା ଛଡା ଆଉ କିଛି କରି ନ ପାରୁ । ତୁମେ କହିଛ, "ବିଶ୍ଵାସ ଶ୍ରବଣ ଦ୍ଵାରା ଆସେ, ବାକ୍ୟ ଶ୍ରବଣ କରିବା ଦ୍ଵାରା, ପରମେଶ୍ଵରଙ୍କ ବାକ୍ୟ ଶ୍ରବଣ ଦ୍ଵାରା ଆସେ ।" ବର୍ତ୍ତମାନ, ଆମେମାନେ ବାକ୍ୟ ପ୍ରଚାର କରିଅଛୁ, ଏବଂ ସେମାନେ ନିଜର ହାତ ଉଠାଇ ଅଛନ୍ତି, ଯେ ସେମାନେ ଏହାକୁ ବିଶ୍ଵାସ କରନ୍ତି । ତେବେ ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କର, କାରଣ ତୁମେ ଏହା କରିବ ବୋଲି ପ୍ରତିଜ୍ଞା କରିଥିଲ । ଯଦି ସେମାନେ ନିଜର ହାତ ଉଠାଇବାରେ ସଚ୍ଚୋଟ ଥିଲେ, ତାହାହେଲେ ସେମାନେ ଆଜି

ସକାଳେ ଏହି ଭବନରୁ, ଜଣେ ମଧୁର, ଦୀନହୀନ, ନମ୍ର ଖ୍ରୀଷ୍ଟିଆନ ଭାବରେ ବାହାରି ଯିବେ, କାରଣ ତୁମେ ଏହାକୁ ପ୍ରତିଜ୍ଞା କରିଥିଲ । ଏବଂ ତୁମର ବାକ୍ୟ ବିଫଳ ହୋଇପାରେ ନାହିଁ । ମୁଁ ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛି । ଆମେନ୍ ।

ବର୍ତ୍ତମାନ ମୁଁ ଦେଖୁଅଛି, ଅପେକ୍ଷା କରୁଅଛି ଏବଂ ଲାଳସା କରୁଅଛି,
ସେହି ଉଜ୍ଜ୍ୱଳ ନଗର ନିମନ୍ତେ ଯାହାକୁ ଯୋହନ ତଳକୁ ଆସୁଥିବାର
ଦେଖିଥିଲେ ।

ସେହି ଉଜ୍ଜ୍ୱଳ ନଗରରେ...

ବର୍ତ୍ତମାନ ଉପାସନା କରନ୍ତୁ ।

...ମୋତି ସଦୃଶ ଶୁଭ୍ର ନଗର,
ମୋର ଏକ ପ୍ରାସାଦ, ଏକ ବୀଣା ଓ ଏକ ମୁକୁଟ ଅଛି;
ବର୍ତ୍ତମାନ ମୁଁ ଦେଖୁଅଛି, ଅପେକ୍ଷା କରୁଅଛି ଏବଂ ଲାଳସା କରୁଅଛି,
ସେହି ଉଜ୍ଜ୍ୱଳ ନଗର ନିମନ୍ତେ ଯାହାକୁ ଯୋହନ ତଳକୁ ଆସୁଥିବାର
ଦେଖିଥିଲେ ।

212 କଅଣ ଆପଣ କେବଳ ତାହାଙ୍କୁ ପ୍ରେମ କରନ୍ତି ନାହିଁ କି? ବର୍ତ୍ତମାନ, ବାର୍ତ୍ତାଟି ସମାପ୍ତ ହୋଇଅଛି । ଏହା ଉପାସନା ଅଟେ । ଆମେ କେବଳ ଏକ ବାର୍ତ୍ତା ଶୁଣିବା ନିମନ୍ତେ ମଣ୍ଡଳୀକୁ ଆସି ନ ଥାଉ । ଆମେମାନେ ଉପାସନା କରିବାକୁ ଆସିଥାଉ । ଆପଣଙ୍କ ପାଖରେ ଛିଡା ହୋଇଥିବା ପରବର୍ତ୍ତୀ ବ୍ୟକ୍ତିଙ୍କୁ ଭୁଲିଯାଆନ୍ତୁ । କେବଳ ତାହାଙ୍କୁ ଉପାସନା କରନ୍ତୁ । ଓଃ, କେତେ ସୁନ୍ଦର! କେତେ ଅଦ୍ଭୁତ! କେବଳ ଆପଣଙ୍କଠାରେ ତାହାଙ୍କୁ କୁହନ୍ତୁ...ଆପଣଙ୍କୁ ଉଚ୍ଚ ସ୍ୱରରେ ତାହାଙ୍କୁ କହିବାକୁ ପଡ଼େ ନାହିଁ । କେବଳ ନିଜ ହୃଦୟରେ ତାହାଙ୍କୁ କୁହନ୍ତୁ, "ହେ ପ୍ରଭୁ, ମୁଁ ତୁମକୁ ପ୍ରେମ କରେ । ମୋର ପାପ ପାଇଁ ମୋତେ କ୍ଷମା କର ।" ଓଃ, ମୋର ପ୍ରଭୁ!

...ମୋତି ସଦୃଶ ଶୁଭ୍ର ନଗର,
ମୋର ଏକ ପ୍ରାସାଦ, ଏକ ବୀଣା ଓ ଏକ ମୁକୁଟ ଅଛି;
ବର୍ତ୍ତମାନ ମୁଁ ଦେଖୁଅଛି, ଅପେକ୍ଷା କରୁଅଛି ଏବଂ ଲାଳସା କରୁଅଛି,
ସେହି ଶୁଭ୍ର ନଗର ନିମନ୍ତେ ଯାହାକୁ ଯୋହନ ତଳକୁ ଆସୁଥିବାର
ଦେଖିଥିଲେ ।

213 ହେ ଆମର ପିତା ପରମେଶ୍ୱର, ଆମମାନଙ୍କୁ ଗ୍ରହଣ କର । ଆମେମାନେ ଅପେକ୍ଷା କରୁଅଛୁ, ଯେତେବେଳେକି ଆମେମାନେ ବାକ୍ୟ ଶୁଣି, ଲାଳସା କରୁଅଛୁ । "ହରିଣୀ ଯେମିତି ଜଳଧାରା ପାଇଁ ଧକାଏ, ସେହିପରି ଆମର ହୃଦୟ ତୁମ ପାଇଁ ଧକାଏ । ହେ ପରମେଶ୍ୱର, ଆମର ପ୍ରାଣ ତୁମ ପାଇଁ ଧକାଏ ।" ଲାଳସା କରୁଅଛୁ ଏବଂ ଅପେକ୍ଷା କରୁଅଛୁ, ସେହି ଘଟିକା ନିମନ୍ତେ ଅପେକ୍ଷା କରୁଅଛୁ ଯେତେବେଳେକି ଯୀଶୁ ଆସିବେ, ସେହି ସମୟକୁ ଅପେକ୍ଷା କରୁଅଛୁ ଯେତେବେଳେ ଆମକୁ ଆକାଶମଣ୍ଡଳକୁ ଡକାଯିବ । ବିଚାରରେ ସେହି

ବିଚାରପତିଙ୍କ ସମ୍ମୁଖରେ ଛିଡା ହେବା ପାଇଁ ନୁହେଁ; ଏହା ତ ହୋଇ ସାରିଅଛି । ଆମେ ତ ଜଗତର ଜିନିଷଗୁଡ଼ିକ ପାଇଁ ମୃତ ଅଟୁ, ଏବଂ ଖ୍ରୀଷ୍ଟଙ୍କଠାରେ ପ୍ରବେଶ କରିଅଛୁ, ଏବଂ ସେ ଆମର ବିଚାରକୁ ଗ୍ରହଣ କରି ନେଇଛନ୍ତି । ସେ ବର୍ତ୍ତମାନ ନ୍ୟାୟ ଆସନରେ, ଆମର ଓକିଲ ଅଟନ୍ତି । ଆମର ଧନ୍ୟ ଓକିଲ, ଯିଏକି, ଆମର ସ୍ୱୀକାରୋକ୍ତି ଉପରେ, ସେ ଆମର ମାମଲାକୁ ନିବେଦନ କରନ୍ତି ଏପରିକି ଆମେ ଏହା ଜାଣିଯାଉ ଯେ ଆମେମାନେ ଅଯୋଗ୍ୟ ଅଟୁ । ଯେପରିକି ଆଜି ସକାଳେ ଜଣେ ପ୍ରିୟ ବୃଦ୍ଧ ଭଉଣୀ, ନିଜ ସାକ୍ଷ୍ୟରେ କହିଥିଲେ, ଏବଂ ତାଙ୍କର ଅଳ୍ପ ଟଙ୍କାକୁ ସଞ୍ଚିତ ରଖିଥିଲେ, "ଯେଉଁ ସମୟଠୁଁ ମୁଁ ଏଠାକୁ ଆସିଅଛି ମୁଁ ଶିଖିଅଛି ଯେ ଏହା ମୋର ପବିତ୍ରତା ନୁହେଁ, ଏହା ତ ପରମେଶ୍ୱରଙ୍କ ପବିତ୍ରତା ଅଟେ ।"

214 ପ୍ରକୃତରେ, ପ୍ରଭୁ, ଆମେ ଲୋକମାନଙ୍କୁ ଶିକ୍ଷା ଦେଇଥାଉ, ମଣିଷ ମଧ୍ୟରେ କୌଣସି କିଛି ଉତ୍ତମ ବିଷୟ ନାହିଁ, ଗୋଟିଏ ବି ବିଷୟ ନୁହେଁ । "ମଣିଷ କିଏ ଯେ ତୁମେ ତାହା ପ୍ରତି ମନୋଯୋଗୀ ହେବ?" ମାତ୍ର ଏହା ତ ପରମେଶ୍ୱରଙ୍କ ଅନୁଗ୍ରହ ଅଟେ ଯାହାକି ଆମମାନଙ୍କଠାରେ ପ୍ରକଟିତ ହୋଇଅଛି । ଏବଂ ଆମେ କେବଳ ତାହାଙ୍କ ଯୋଗ୍ୟତା ଉପରେ ଭରସା କରୁଅଛୁ, ଆମର ନିଜର ଯୋଗ୍ୟତା ଉପରେ ନୁହେଁ । ଏବଂ ଅତି ପବିତ୍ର ପରମେଶ୍ୱର, ଆମେ ତୁମକୁ ତୁମର ଉତ୍ତମତା ନିମନ୍ତେ, ଉପାସନା କରୁଅଛୁ, ଯେ ତୁମେ ଆମକୁ ତୁମର ମହାନ ରାଜ୍ୟରେ, ତୁମର ମହାନ ଯୋଜନାରେ ଅନ୍ତର୍ଭୁକ୍ତ କରିବ । ଆମେମାନେ ବିଶ୍ୱାସ ଦ୍ୱାରା, ତୁମକୁ ଆମ ହୃଦୟରେ ଗ୍ରହଣ କରୁଅଛୁ । ଏବଂ ଅନୁଗ୍ରହ ଦ୍ୱାରା, ଆମେମାନେ ବିଶ୍ୱାସ କରୁ ଯେ ତୁମେ ଏହାକୁ ପରମେଶ୍ୱରଙ୍କ ମହିମା ପାଇଁ, ପରମେଶ୍ୱରଙ୍କ ସେବା ପାଇଁ ଆମକୁ ଦେଇଅଛ ।

215 ବର୍ତ୍ତମାନ, ହେ ପ୍ରଭୁ, ଆଜି ସକାଳେ ରୋଗୀମାନଙ୍କୁ ସୁସ୍ଥ କର, ଯେତେବେଳେକି ସେମାନେ ପ୍ରାର୍ଥନା କରାଇବା ନିମନ୍ତେ ଆସୁଥାଆନ୍ତି । ସେମାନଙ୍କୁ ସେହି ଆନନ୍ଦ ଦିଅ, ଯେ ସେମାନେ ଭଲ ହେବାକୁ ଇଚ୍ଛା କରନ୍ତି । ସେମାନେ ଏହା ଜାଣନ୍ତୁ ଯେ ଏହି ଅଳ୍ପ ଟିକିଏ, ଛୋଟ ଦୁଃଖ ପୀଡା ଯାହା ସେମାନଙ୍କ ଉପରେ ଦିଆଯାଇଅଛି, ତାହା କେବଳ ଏକ ଛୋଟ ପରୀକ୍ଷାର ସମୟ ଅଟେ । ପରମେଶ୍ୱର ଏହା ବିଷୟରେ ସବୁକିଛି ଜାଣନ୍ତି । ସେ ଏହା ଏଇଥି ପାଇଁ କଲେ ଯେ ସେ ଦେଖିବେ ଯେ ଆମେ ଏହା ବିଷୟରେ କଅଣ କରିବୁ । ପରମେଶ୍ୱର କିପରି...ଏହା ହେଉ ଯେ ସେମାନେ ଠିକ ସେଠାରେ ପାଦ ଦିଅନ୍ତୁ ଓ ସେହି ସମାପ୍ତ କାର୍ଯ୍ୟକୁ ଦାବି କରନ୍ତୁ! ଏହା ହେଉ ଯେ ତୁମେ...ସେମାନେ *ଏଠାରେ* ଓ *ସେଠାରେ* ଦୌଡା ଦୌଡ଼ି କରିବା ଦ୍ୱାରା, ତୁମକୁ ବିରକ୍ତ ନ କରନ୍ତୁ, ଏବଂ *ଭିତର* ଓ *ବାହାର* ନ ହେଉନ୍ତୁ, "ତେବେ, ମୁଁ *ଏହା*, *ତାହା* ଜାଣେ ନାହିଁ ।"

216 ପ୍ରଭୁ, ଏହା ହେଉ ଯେ ସେମାନେ ଏକ ସୀଧାସଳଖ ପକ୍ଷ ନିଅନ୍ତୁ, କୁହନ୍ତୁ, "ହେ ପ୍ରଭୁ, ତୁମେ ହିଁ ଅଟ ଯିଏକି ମୋତେ ରକ୍ଷା କରିଥିଲ । ତୁମେ ହିଁ ଅଟ ଯିଏକି ମୋ ପାଇଁ ଏହିସବୁ ବିଷୟଗୁଡିକ କରିଥିଲ । ମୁଁ ତୁମକୁ ବିଶ୍ୱାସ କରେ, ଏବଂ ଆଜି, ମୁଁ ତୁମ ଉପରେ ଭରସା

କରୁଅଛି ।" ଏବଂ ମୁଁ ପ୍ରାର୍ଥନା କରେ ଯେ ଖ୍ରୀଷ୍ଟଙ୍କ ନାମରେ, ତୁମେ ଏହାକୁ ଲୋକମାନଙ୍କୁ ପ୍ରଦାନ କରିବ । ଆମେନ୍ ।

57-0901M ଏବ୍ରୀ, ଅଧ୍ୟାୟ ତିନି
ବ୍ରାନ୍‌ହାମ୍ ଟାବର୍ନେକଲ
ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

# ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org